

# ମତ (ଧର୍ମ) ପରିବର୍ତ୍ତନ ଦୈବଦ୍ରୋହ ମହା ପାପ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ – 46 ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000 ମୂଲ୍ୟ : /-

## ଯୋଗୀଶ୍ୱରଙ୍କ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ—ଇନ୍ଦୁ ଜ୍ଞାନ ବେଦିକା)


୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତିକ - ବର୍ତ୍ତିକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଡ଼ିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କଳ୍ପା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଚିହ୍ନି ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ୍ୟ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଦ୍ଧତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୂତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯. ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ରନ୍ଥକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥ୍
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଲିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଲି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୁଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କବ୍ଜା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର -
ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା
ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ
ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । -
ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା,
ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ
ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ
ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ପ୍ରଶାନ୍ତ ପଟ୍ଟନାୟକ:9160767516.

୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.

୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ଶ୍ରୀନିବାସ ମାନସିଂହ: 9040929743.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8249683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିଂହାଞ୍ଚଳମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

## ଯୋଗୀଶ୍ୱରଙ୍କ ଗୃଞ୍ଚଲ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଚାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ କ୍ଷୟ, ଅକ୍ଷୟ ସମାଚାର ଏବଂ ପରମାତ୍ମା ସମାଚାର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଲବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଗୃଞ୍ଚଲ୍ୟ ସୃଷ୍ଟି କରୁଛି, ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚାଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା  ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର  କରିବାକୁ  ବାଧ୍ୟ  ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ ପ୍ରଥମ ଦୈବଗ୍ରନ୍ଥ ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଋଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ମତ (ଧର୍ମ) ପରିବର୍ତ୍ତନ
# ଦୈବଦ୍ରୋହ
# ମହା ପାପ

ମତ (ଧର୍ମ) ଆଜି ପ୍ରଜାମାନଙ୍କ ଭିତରେ ବଡ ସମସ୍ୟା ଭାବରେ ଦଣ୍ଡାୟମାନ । ସାରା ଦୁନିଆର ପ୍ରଜାମାନେ ଏହି ମତ ନାମକ ନିଶାରେ ମତୁଆଲା ହୋଇ, ନିଜକୁ ଭୁଲି, ମୁଁ, ମୋ ମତ କହୁଥାଇ, ଅନ୍ୟମାନେ କିଏ ବୋଲି ଟିକିଏ ଆଲୋଚନା ନକରିବା ସ୍ଥିତିରେ ରହିଛନ୍ତି । ଗୋଟିଏ ମତରେ ଦୁଇଜଣ ଥାଇ, ସେ ଦୁହିଁଙ୍କ ଭିତରେ ଟିକିଏ ଭିନ୍ନତା ଥିଲେ ମଧ୍ୟ, ସେହି ଟିକିଏ ଭିନ୍ନତାକୁ ଆଧାର ଭାବରେ ଦେଖାଇ, ତାହାକୁ ମତ ଭିତରର ଫାଟ କହିବା ଦ୍ୱାରା ପରସ୍ପରକୁ ହିଂସା କରିବା ସ୍ଥିତି ଉପୁଜୁଛି । ଯେଉଁଠି ଦେଖିଲେ ମଧ୍ୟ ମତ (ଧର୍ମ) ଦ୍ୱାରା ମଣିଷ ମଣିଷ ଭିତରେ ହିଂସା ସୃଷ୍ଟି ହେଉଛି । ଆଜି ମଣିଷ ମଣିଷ ଭିତରେ ହିଂସା ସୃଷ୍ଟି କରୁଥିବା ମତ ସୃଷ୍ଟି ପ୍ରାରମ୍ଭରେ ନଥିଲା । ଏହା କେଉଁଠାରୁ ଆସିଲା, ଏହାର ଅର୍ଥ କଅଣ ତାହାକୁ କିଏ ତିଆରି କରିଛି ସେ ସବୁ ବିଷୟକୁ ବିବରଣାତ୍ମକ ଜାଣିବା ।

ମତ ଶବ୍ଦଟି ମୂଳ ଭାଷା ହୋଇଥିବା ତେଲୁଗୁ ଭାଷାରୁ ଜନ୍ମ ହୋଇଥିଲେ ମଧ୍ୟ ସଂପୂର୍ଣ୍ଣ ସ୍ୱଚ୍ଛ ଓଡିଆ ଶବ୍ଦ । ଜଣେ ବ୍ୟକ୍ତି ଏକ କାର୍ଯ୍ୟ କଲାବେଳେ ତାହା ଦେଖି ଦଶଜଣ ପସନ୍ଦ କିମ୍ବା ଅପସନ୍ଦ କରିଥାନ୍ତି । ଜଣେ କରିଥିବା କାର୍ଯ୍ୟ ଭଲ ହୋଇଥିଲେ ତାହାକୁ ଦଶଜଣ ପସନ୍ଦ କରିଥାନ୍ତି ବା ସ୍ୱୀକାର କରିଥାନ୍ତି, ଖରାପ ହୋଇଥିଲେ ପସନ୍ଦ ନ କରି ବିରୁଦ୍ଧ କଥାବାର୍ତ୍ତା କରିଥାନ୍ତି । ଏହି ସ୍ୱୀକାରୋକ୍ତିକୁ ମତପୋଷଣ କରିବା କିମ୍ବା ସମ୍ମତି ପ୍ରଦାନ କରିବା କୁହାଯାଏ । ଏହି ଅର୍ଥରେ କାହାର କୃତିକୁ ପସନ୍ଦ କରି ସମ୍ମତି ଦେବାକୁ ମତଦାନ କୁହାଯାଏ । ମତଦାନ କରିବା କହିଲେ ଏଠାରେ ସ୍ୱୀକାର କରିବା ବୋଲି ସ୍ପଷ୍ଟ ବୁଝିହୁଏ । ସମ୍ମତ ଶବ୍ଦରୁ "ସଂ" ଶବ୍ଦକୁ ଅଲଗା କରିଦେଲେ ବଳକା ରହିଯାଏ ମତ । ସମ୍ମତ ଏବଂ ମତ ପ୍ରାୟ ଏକାଭଳି ।

ସମ୍ମତ କହିଲେ ସଂପୂର୍ଣ୍ଣ ସ୍ୱୀକାର କରିବା, ମତ ନାମକ ପଦ ସାଧାରଣତଃ ସ୍ୱୀକାର କରିବା ଅର୍ଥରେ ବ୍ୟବହୃତ ହୁଏ । ଜଣେ ବ୍ୟକ୍ତି ଲକ୍ଷପତି ହେବାରେ ଯଦି ଆମ ଅଙ୍ଗୀକାର ସଂପୂର୍ଣ୍ଣ ରହେ ତେବେ ସେଥିପାଇଁ ଆମେ ସମ୍ମତ ପଦ ବ୍ୟବହାର କରୁଛେ, ସେହି ବ୍ୟକ୍ତି କର୍ମ ଅନୁସାରେ ଯଦି ଭିକାରୀ ହୋଇଯାଏ, ସେତେବେଳେ ଆମର ଇଚ୍ଛା ନଥିଲେ ମଧ୍ୟ କର୍ମାନୁସାରେ ସେ ଭିକାରୀ ହେବାକୁ ଅଟକାଇ ପାରିବା ନାହିଁ, ତେଣୁ ତାହା ସ୍ୱୀକାର କରିବାକୁ ବାଧ୍ୟ ହେଉଛେ, ଏହା ସଂପୂର୍ଣ୍ଣ ସ୍ୱୀକାରୋକ୍ତି ହୋଇ ନଥିବାରୁ ଏଠାରେ ଆମେ ଆମର ମତ ବୋଲି କହିପାରିବା ।

ଓଃ ! ମତ କହିଲେ ଏଇ ଅର୍ଥ, ସାଧାରଣ ଭାବରେ ସ୍ୱୀକାର କରିବାକୁ ମତ କହନ୍ତି ବୋଲି ଆପଣ କେହି ମଧ୍ୟ ଭାବି ପାରନ୍ତି । ହଁ ! ମତ ମଣିଷ ଭିତରେ ଥିବା ଇଚ୍ଛା ଅନୁସାରେ ଥାଏ । ଜଣେ ମଣିଷ ତାର ବୁଦ୍ଧି ଦ୍ୱାରା ନିଜ ଗୁଣର ଇଚ୍ଛା, ଅନିଚ୍ଛାକୁ ଗ୍ରହଣ କରି ପାରିବାବେଳେ, ତାର ଇଚ୍ଛା ଥିଲେ ତାହା ମତ କିମ୍ବା ସମ୍ମତ ହୋଇଥାଏ, ନଥିଲେ ଅସମ୍ମତ ବା ଅମତ ହୋଇଥାଏ । ଗୋଟିଏ ବିଷୟ ଉପରେ ଜଣେ ସମ୍ମତି ପ୍ରଦାନ କରୁଛି ବୋଲି ଆଉଜଣେ ଯେ ନିଶ୍ଚୟ ସମ୍ମତି ପ୍ରଦାନ କରିବ କହିପାରିବା ନାହିଁ । ତେଣୁ ମଣିଷର କର୍ମାନୁସାରେ, ବୁଦ୍ଧିର ଆଲୋଚନା ଅନୁସାରେ ପ୍ରତ୍ୟେକଙ୍କ ଇଚ୍ଛା ଅଲଗା ଅଲଗା ରହିଥାଏ ବୋଲି କହିପାରିବା ସିନା, ସମସ୍ତଙ୍କ ଇଚ୍ଛା ଗୋଟିଏ ପ୍ରକାରର ବୋଲି କହିପାରିବା ନାହିଁ । ଏହିଭଳି ମଣିଷର ସମ୍ମତକୁ ହିଁ ଆମେ ବାହ୍ୟତଃ ମତ କହୁଛେ । ଏବେ ମଣିଷ ଭିତରେ ମତ କିପରି ସୃଷ୍ଟିହୁଏ ତାହା ବୁଝି ପାରିଲେ ।


ମଣିଷର ସମ୍ମତି ଗୋଟିଏ ଗୋଟିଏ ବିଷୟରେ ଗୋଟିଏ ଗୋଟିଏ ପ୍ରକାରର ଥାଏ । ଉଦାହରଣ ସ୍ୱରୂପ ମାଂସ ବିଷୟକୁ ଗଲେ, ତାହାକୁ ଏକ ଆହାରପଦାର୍ଥ ଭାବରେ ସମସ୍ତେ ଖାଇବାକୁ ଭଲପାଆନ୍ତି; ତଥାପି

କିଛିଲୋକ ଖାଇବାକୁ ଭଲପାଆନ୍ତି ନାହିଁ । ସେତେବେଳେ ଗୋଟିଏ ପଦାର୍ଥକୁ ସମସ୍ତେ ଭଲପାଉ ନଥିବାରୁ ଭଲପାଉଥିବା ବା ସମ୍ମତି ପ୍ରଦାନ କରୁଥିବା ଲୋକମାନଙ୍କୁ ମାଂସାହାରୀ, ଭଲପାଉନଥିବା ବା ଇଚ୍ଛାବ୍ୟକ୍ତ କରୁନଥିବା କିଛିଲୋକଙ୍କୁ ସାକାହାରୀ କହୁଛେ । ମଣିଷ ଉଭୟ ମାଂସାହାରୀ, ସାକାହାରୀ ହୋଇଥିଲେ ମଧ୍ୟ ମାଂସ ଉପରେ ସେମାନଙ୍କର ଥିବା ଇଚ୍ଛା, ଅନିଚ୍ଛା ଦିଗରୁ ମଣିଷକୁ ଦୁଇ ଜାତିରେ ବିଭାଜନ କରିବା ଭଳି ମାଂସାହାରୀ, ସାକାହାରୀ କହୁଛେ । ଏହିଭଳି ଅନେକ ବିଷୟରେ ମଣିଷର ଇଚ୍ଛା ଅନିଚ୍ଛାକୁ ନେଇ ମଣିଷ ଅନେକ ଦଳ ଭାବରେ ସମାଜରେ ରହିଛି । କିଛି ଲୋକଙ୍କୁ ସଂସାରୀ କୁହାଯିବା ସ୍ଥଳେ, କିଛି ଲୋକଙ୍କୁ ସନ୍ନ୍ୟାସୀ କୁହାଯାଉଛି । କିଛି ଲୋକଙ୍କୁ ଦୁଷ୍ଟ କୁହାଯିବା ସ୍ଥଳେ, କିଛି ଲୋକଙ୍କୁ ଶିଷ୍ଟ କୁହାଯାଉଛି । ଏହିଭଳି ଅନେକ ଭିନ୍ନ ଭିନ୍ନ ବିଷୟରେ ମଣିଷର ସମ୍ମତି ଅସମ୍ମତିକୁ ଦେଖି ଭିନ୍ନ ଭିନ୍ନ ନାଆଁରେ ମଣିଷ କଥିତ ହୋଇଥାଏ ।

ମଣିଷ ଶରୀରର ମୁଣ୍ଡ ଭିତରେ ତିନିଗୋଟି ନାମରେ ତିନିଗୋଟି ଗୁଣଭାଗ ରହିଥାଏ । ସେଗୁଡିକୁ କ୍ରମାନ୍ୱୟରେ ତାମସ ଗୁଣଭାଗ, ରାଜସ ଗୁଣଭାଗ, ସାତ୍ତ୍ୱିକ ଗୁଣଭାଗ ବୋଲି କୁହାଯାଏ । ସେହି କ୍ରମରେ ଗୁଣ ନଥିବା ଅନ୍ୟଏକ ଭାଗ ମଧ୍ୟ ରହିଥାଏ । ଗୁଣ ନଥିବା ଏହି ଚତୁର୍ଥ ଭାଗକୁ ଗୁଣାତୀତ ଭାଗ କୁହାଯାଏ । ଏହିପରି ମୋଟ ଚାରିଗୋଟି ଭାଗ ଗୁଣମୟ ଏବଂ ଗୁଣାତୀତ ହୋଇ ସୂକ୍ଷ୍ମ ରୂପରେ ରହି, ବାହ୍ୟଦୃଷ୍ଟିକୁ ଦେଖାଯାଇ ନଥାନ୍ତି । ଜ୍ଞାନଦୃଷ୍ଟିକୁ ଦେଖାଯାଉଥିବା ସେଗୁଡିକର ନିର୍ମାଣ ଶରୀର ଭିତରେ କିପରି ଥାଏ, ତାହାକୁ ପରପୃଷ୍ଠାରେ, ଚିତ୍ର ଦ୍ୱାରା ଦେଖାଉଛୁ ଦେଖନ୍ତୁ ।

ଶରୀରରେ ବ୍ୟକ୍ତିତ୍ୱ ଥିବା ପାତ୍ର ହେଉଛି ଜୀବାତ୍ମା । ଶରୀରରେ ଜୀବ ବ୍ୟତୀତ କୌଣସି ଅନ୍ୟ ଭାଗର ବ୍ୟକ୍ତିତ୍ୱ ନଥାଏ । ମଣିଷର ମୁଣ୍ଡରେ ଥିବା ଚାରିଚକ୍ର କପାଳ ସଳଖ ମୁଣ୍ଡର ମଝିରେ ଥାଏ, ତାହାକୁ

ଗୁଣଚକ୍ର କୁହାଯାଏ । ଗୁଣଚକ୍ରରେ ତିନିଗୋଟି ଗୁଣଭାଗ ଏବଂ ଗୋଟିଏ ଗୁଣହୀନ ଆତ୍ମାଭାଗ ରହିଥାଏ । ଜୀବକୁ ଲାଗି ରହିଥିବା ବୁଦ୍ଧି, ଜୀବର ଇଚ୍ଛା ଅନୁସାରେ ଜୀବକୁ ପ୍ରେରିତ କରିଥାଏ । ଜୀବର ଇଚ୍ଛା ଅନୁସାରେ ବୁଦ୍ଧି ଜୀବକୁ ତିନି ଗୁଣଭାଗରେ କିମ୍ବା ଗୁଣହୀନ ଭାଗରେ ରହିବା ଭଳି କରିଥାଏ । ଜୀବର ଇଚ୍ଛା ବା ସମ୍ମତି ଅନୁସାରେ ତାର ପ୍ରିୟ ଜାଗାକୁ ସେ ଚାଲିଯାଏ । ଜୀବ ଗୁଣଭାଗଗୁଡିକ ଭିତରୁ ଯେଉଁ ଗୁଣଭାଗରେ ରହେ ସେହି ଗୁଣଭାଗ ଅନୁସାରେ ନାମିତ ହୋଇଥାଏ । ତାମସ ଗୁଣଭାଗରେ ଥିବା ଜୀବକୁ ତାମସିକ, ରାଜସ ଗୁଣଭାଗରେ ଥିବା ଜୀବକୁ ରାଜସିକ, ସତ୍ତ୍ୱ ଗୁଣଭାଗରେ ଥିବା ଜୀବକୁ ସାତ୍ତ୍ୱିକ, ଗୁଣହୀନ ଆତ୍ମାଭାଗରେ ଥିବା ଜୀବକୁ ଯୋଗୀ ନାମରେ କୁହାଯାଏ,ଏସବୁ ଶରୀର ଭିତରେ ରହିଥିବା ନିୟମ । ଶରୀର ଭିତରର ନିୟମ ଭଳି ଶରୀର ବାହାରେ ମଧ୍ୟ ଜୀବ ବ୍ୟକ୍ତିତ୍ୱ ବିଶିଷ୍ଟ ହୋଇ ନିଜର ପ୍ରିୟ ଅପ୍ରିୟ ଜିନିଷକୁ ଅନୁସରଣ କରିଥାଏ, ସେହି ଅନୁସାରେ ନାମିତ ହୋଇଥାଏ ।




**ଗୁଣଚକ୍ରର ଚିତ୍ର ତାମସ ଗୁଣଭାଗରେ ଜୀବ**

ଉଦାହରଣସ୍ୱରୂପ ଦେଶରେ କେତେଗୁଡିଏ ରାଜନୈତିକ ଦଳ ରହିଛି, ଏହା ସମସ୍ତେ ଜାଣିଥିବା ବିଷୟ । ଏଠାରେ ଆମେ ବୁଝିପାରିବା ଭଳି ଚାରିଗୋଟି ରାଜନୈତିକ ଦଳକୁ ନେବା । ୧) ବିଜେଡି ୨) କଂଗ୍ରେସ୍ ୩) କମ୍ୟୁନିଷ୍ଟ୍ ୪) ବିଜେପି । ଏହି ଚାରି ଦଳକୁ ଦେଖିଲେ ଚାରି ଦଳର ନୀତିନିୟମ, ସିଦ୍ଧାନ୍ତ, କାର୍ଯ୍ୟାଚରଣ ସମାନ ସମାନ ନଥାଏ । ଏହିଭଳି ଚାରିଗୋଟି ଭିନ୍ନ ଭିନ୍ନ ନୀତିନିୟମ, ଆଚରଣାଦି ଥିବା ଦଳଗୁଡିକ ଭିତରୁ ଜଣକୁ କୌଣସି ଏକ ଦଳର ଆଚରଣ ପସନ୍ଦ ହେବାବେଳେ, ସେ ତା ଦଳର ଗୁଣଗାନ କରିଥାଏ, ଅନ୍ୟ ଦଳଗୁଡିକୁ ପସନ୍ଦ ନକରି ସେଗୁଡିକ ଠାରୁ ଦୂରରେ ରହିଥାଏ । ଗୋଟିଏ ଲୋକ ଯେଉଁ ରାଜନୈତିକ ଦଳକୁ ପସନ୍ଦ କରିଥାଏ ବା ସମ୍ମତି ପ୍ରଦାନ କରିଥାଏ ସେହି ଦଳ ଅନୁସାରେ ସେ ନାମିତ ହୋଇଥାଏ ବା ସେହି ଦଳର ଲୋକ ବୋଲି କୁହାଯାଇଥାଏ । ଉଦାହରଣ ସ୍ୱରୂପ କଂଗ୍ରେସ ଦଳକୁ ପସନ୍ଦକରି ସେହି ଦଳରେ ମିଶିଥିବା ଲୋକକୁ ସେ କଂଗ୍ରେସଲୋକ ବୋଲି କହିଥାନ୍ତି ।

ଯେମିତି କୌଣସି ଏକ ରାଜନୈତିକ ଦଳ ଭିତରେ ଥିବା ଲୋକକୁ ସେହି ଦଳର ନାମରେ ଡାକୁଛେ, ସେମିତି ଶରୀର ଭିତରେ ଏକ ଗୁଣ ସମ୍ବନ୍ଧୀୟ ଜୀବ ସେହି ଗୁଣର ନାମରେ କଥିତ ହୋଇଥାଏ । ଶରୀର ଭିତରେ ଗୁଣଦଳ ଭଳି, ଶରୀର ବାହାରେ ରାଜନୈତିକଦଳ ରହିଥାଏ । ସେହିପରି ଏହି ଦୁନିଆରେ ଭକ୍ତିମାର୍ଗରେ ମତ ବା ଧର୍ମ ନାମରେ କେତେଗୁଡିଏ ସମାଜ ରହିଥାଏ । ଏହି ମତ ବା ଧର୍ମ ଅନେକ ଥିଲେ ମଧ୍ୟ ସେଗୁଡିକ ଭିତରେ ମୁଖ୍ୟ ହୋଇ ରହିଥାଏ ତିନିଗୋଟି ମତ(ଧର୍ମ) । ତନ୍ମଧ୍ୟରୁ ପ୍ରଥମଟି ହିନ୍ଦୁ (ଇନ୍ଦୁ)ମତ, ଦ୍ୱିତୀୟଟି ଖ୍ରୀଷ୍ଟ ମତ, ତୃତୀୟଟି ଇସ୍ଲାମ ମତ । ଏହି ତିନି ମତ ଭିତରୁ ଜନସଂଖ୍ୟାରେ ଅଧିକ ସଂଖ୍ୟକ ରହିଥାଏ ଖ୍ରୀଷ୍ଟମତ, ତାପରେ ଥାଏ ଇସ୍ଲାମ ମତ, ତୃତୀୟ ସ୍ଥାନରେ ଥାଏ ହିନ୍ଦୁମତ (ଇନ୍ଦୁମତ) । ଆଜି ଇନ୍ଦୁମତ ତୃତୀତ ସ୍ଥାନରେ ଛୋଟ ହୋଇ ରହିଥିଲେ ମଧ୍ୟ ଦିନେ କୌଣସି

ମତ ନଥିବା କାଳରେ ସବୁଠାରୁ ବଡମତ ହୋଇ ରହିଥିଲା । ତାହା ସେଦିନ ମତ ନାମରେ ନଥାଇ ଇନ୍ଦୁସମାଜ ନାମରେ ଥିଲା, ତାପରେ ଅନ୍ୟାନ୍ୟ ମତ ଆସିଯିବାରୁ ଇନ୍ଦୁସମାଜ ମଧ୍ୟ ଇନ୍ଦୁମତ ହୋଇଗଲା । ଏହିପରି ଆସିଥିବା ଇନ୍ଦୁ, ଖ୍ରୀଷ୍ଟ, ଇସ୍ଲାମ ମତ ଭିତରେ ଯାହାକୁ ଯେଉଁମତ ପସନ୍ଦ ହେଲା ସେ ସେହି ମତରେ ରହିଲା ।

ଏବେ ମୁଁ ଜଣେ ଇନ୍ଦୁସମାଜର ବ୍ୟକ୍ତି ହୋଇଥିଲେ ମଧ୍ୟ ହିନ୍ଦୁଧର୍ମର ବୋଲି ଦରକାର ବେଳେ କହିବାକୁ ପଡୁଛି । ମୁଁ ହିନ୍ଦୁଧର୍ମର କହିଲେ, ଅନ୍ୟ ଧର୍ମ(ମତ) ଅପେକ୍ଷା ମୁଁ ହିନ୍ଦୁଧର୍ମକୁ ଭଲପାଏ, ଅନ୍ୟ ଧର୍ମକୁ ଭଲପାଏ ନାହିଁ ବୋଲି ଆପଣମାନେ ଭାବିପାରନ୍ତି । ନିଜ ନିଜର ଇଚ୍ଛା ଅନୁସାରେ ମତ (ଧର୍ମ) ଥାଏ ବୋଲି ମୁଁ କହିବା ଭଳି, ମୋ କଥା ଅନୁସାରେ ମୁଁ ପରିଗଣିତ ହେଲେ ମଧ୍ୟ, ମୋର ଇନ୍ଦୁମତ ଉପରେ ପ୍ରେମ ନାହିଁ କି ଅନ୍ୟ ମତ ଉପରେ ଘୃଣ୍ୟଭାବ ନାହିଁ ବୋଲି କହି ପାରିବି । ଯିଏ ଗୋଟିଏ ମତରେ ଅଛି ସେ ଅନ୍ୟ ମତଗୁଡିକୁ ଘୃଣା କରୁଛି ବୋଲି ନିଶ୍ଚୟ କରି କହିପାରିବା ନାହିଁ । ଏହି ବିଷୟକୁ ସଂପୂର୍ଣ୍ଣ ପରିଶୀଳନ କଲେ ଜଣାଯାଏ ଯେ, ଜଣେ ବ୍ୟକ୍ତି ଜନ୍ମହେବା ବେଳେ ତାକୁ ଏହି ମତ ବିଷୟରେ ଜଣା ନଥାଏ । ତାର ବାପା ମାଆ କୌଣସି ଏକ ମତର ହୋଇଥିଲେ ମଧ୍ୟ ଜନ୍ମ ହୋଇଥିବା ଶିଶୁକୁ ସେ ମତ ବିଷୟରେ ଜଣା ନଥାଏ । ଶିଶୁ ବଡ ହୋଇ ସାମାଜିକ ବିଷୟକୁ ଗ୍ରହଣ ନକରିବା ପର୍ଯ୍ୟନ୍ତ ସେ କେଉଁ ମତରେ ଜନ୍ମ ହୋଇଛି ତାକୁ ଜଣା ନଥାଏ । ବଡହେବା ପରେ କେହି କେହି ଅମୁକ ମତରେ ଜନ୍ମ ହୋଇଛୁ ବୋଲି ଜାଣି ପାରିଲେ ମଧ୍ୟ ମତ(ଧର୍ମ) ଉପରେ ସେତେ ପ୍ରାଧାନ୍ୟ ଦେଇନଥାନ୍ତି, କିନ୍ତୁ କେତେକ ଲୋକ ମତ ଉପରେ ଆଶକ୍ତି ଦେଖାଇଥାନ୍ତି । ଏସବୁ ସେମାନଙ୍କ ବଡଲୋକ ମାନଙ୍କ ପ୍ରୋତ୍ସାହନ ଉପରେ ନିର୍ଭର କରିଥାଏ । କିଛିଲୋକ ଛୋଟ ବୟସରୁ ଜୀବନ ନିର୍ବାହ ଉପରେ ପ୍ରାଧାନ୍ୟଦେଇ ସେମାନଙ୍କ ବୁଦ୍ଧି ରୋଜଗାର ଉପରେ ଉପଯୋଗ

କରିଥାନ୍ତି । କିଛିଲୋକ ସବୁ ପ୍ରକାରର ସୁବିଧା ସୁଯୋଗରେ ରହିବା ଦ୍ୱାରା, ବଞ୍ଚିବା ଉପରେ ପ୍ରାଧାନ୍ୟ ନଦେଇ ମତ ଅଭିବୃଦ୍ଧି କରିବା ଚିନ୍ତାରେ ରହିଥାନ୍ତି । ଏହିଭଳି ମତ ଚିନ୍ତା ଛଡା ଅନ୍ୟ କୌଣସି ଆଲୋଚନା ନଥିବା ଲୋକମାନେ ବଞ୍ଚିବା ପାଇଁ କଷ୍ଟ କରୁଥିବା ଲୋକମାନଙ୍କୁ, ସମାଜରେ ଯଥାବିଧ ବଞ୍ଚିପାରୁ ନଥିବା ଲୋକମାନଙ୍କୁ ଧନ ଆଶାଦେଖାଇ ନିଜ ଦିଗକୁ ଟାଣିନେଇ, ସେମାନଙ୍କୁ ମତପାଇଁ କାର୍ଯ୍ୟକରିବା ଭଳି ବ୍ୟବହାର କରିଥାନ୍ତି । ଏହିଭଳି ସମାଜରେ ବଞ୍ଚିପାରୁ ନଥିବା କେତେକଙ୍କ ପାଇଁ ମତ ହିଁ ବଞ୍ଚିବା ମାର୍ଗ ହୋଇଥିବା ସ୍ଥଳେ, ସବୁ ପ୍ରକାରର ସୁବିଧାରେ ରହିଥିବା ଲୋକମାନଙ୍କ ପାଇଁ ମତ ହିଁ ଜୀବନ ହୋଇ ରହିଥାଏ ।

କେତେକ କୌଣସି ମତରେ ଜନ୍ମ ହୋଇଥିଲେ ମଧ୍ୟ, ସେମାନେ ସେମାନଙ୍କ ମତ ଉପରେ କୌଣସି ଧ୍ୟାନ ନଦେଇ ଈଶ୍ୱରଙ୍କ ଉପରେ ସଂପୂର୍ଣ୍ଣ ଧ୍ୟାନ ଦେଇଥାନ୍ତି । ମତ ଦ୍ୱାରା ଈଶ୍ୱର ଜଣାପଡନ୍ତି ବୋଲି ସେମାନଙ୍କର ବିଶ୍ୱାସ ନଥାଏ । ଜ୍ଞାନୀ ଭାବରେ ପରିଗଣିତ ହେଉଥିବା କିଛିଲୋକ ମତ ଦ୍ୱାରା ଈଶ୍ୱର ଜଣାପଡନ୍ତି, ମତରେ ଥିବା ନିୟମ ଅନୁସାରେ ଆମେ ଈଶ୍ୱରଙ୍କ ନିକଟରେ ପହଞ୍ଚି ପାରିବା ବୋଲି ବୋଧ କରୁଥିଲେ ମଧ୍ୟ, ସେମାନଙ୍କ ବାଣୀକୁ ଅସତ୍ୟ ବୋଲି ଖଣ୍ଡନ କରି, ମତ ଉପରେ ଧ୍ୟାନ ଦେଉନଥିବା ଲୋକମାନେ ସେମାନଙ୍କ ମତକୁ ଯେପରି ଦେଖନ୍ତି ଅନ୍ୟମାନଙ୍କର ମତକୁ ମଧ୍ୟ ସେହିପରି ଦେଖନ୍ତି । ସମାଜରେ ଏହିଭଳି ଲୋକେ କିଛି ଥିବା ସ୍ଥଳେ କିଛିଲୋକେ ମତଗୁରୁ ମାନଙ୍କ (ଧର୍ମଗୁରୁ ମାନଙ୍କ) ବାଣୀ ଶୁଣି, ଯେଉଁ ମତରୁ ସେମାନଙ୍କୁ ଲାଭ ମିଳିଥାଏ ସେହି ମତରେ ପ୍ରବେଶ କରି, ସେହି ମତର ଆରାଧ୍ୟକୁ ଆରାଧନା କରିବାକୁ ପ୍ରସ୍ତୁତ ହୋଇଯାଆନ୍ତି । ଏହିଭଳି ଲୋକମାନେ ଆମ ମତରେ ବିଭିନ୍ନ ସମସ୍ୟା ଅଛି, ଆମେ ଗରିବ, ଆମେ ନାନା ରୋଗରେ ପଡୁଛୁ ବୋଲି ଦର୍ଶାଉଥିବା ବେଳେ, ଆମ ମତରେ ଏସବୁ ଅସୁବିଧା ନଥାଏ, ଆମ

ମତକୁ ଚାଲିଆସ, ଭାରି ସୁଖରେ ରହିବ ବୋଲି କହୁଥିବା ଲୋକମାନେ ସମାଜରେ ଥାଆନ୍ତି । ତୁମମାନଙ୍କ ଆର୍ଥିକ ପରିସ୍ଥିତିକୁ ସୁଧାରିବା ପାଇଁ ଆମେ ଆମ ଆରାଧ୍ୟଙ୍କ ନିକଟରେ ଜଣାଇବୁ କହି କୌଣସି ଉପାୟରେ ସେମାନଙ୍କୁ କିଛି ଲାଭ ମିଳିବା ଭଳି କରାଉଥିବା ସ୍ଥଳେ, ସେହି ପ୍ରଲୋଭରେ ଗୋଟିଏ ମତକୁ ଛାଡି କିଛିଲୋକ ସେମାନଙ୍କ ପରିସ୍ଥିତିରୁ ମୁକୁଳିବା ପାଇଁ ଅନ୍ୟ ମତରେ ପ୍ରବେଶ କରିଥାନ୍ତି । ଏହିଭଳି ଗୋଟିଏ ମତରୁ ଲାଭ ଆଶା କରି ଅନ୍ୟ ମତକୁ ପଳାଇ ଯାଉଥିବା ଲୋକମାନେ ସେହି ମତରେ ସେହିପରି ରହିଯିବେ ବୋଲି କୌଣସି ବିଶ୍ୱାସ ନଥାଏ, ସେ ମତ ଅପେକ୍ଷା ଯଦି ଅନ୍ୟ କୌଣସି ମତରେ ଆହୁରି କିଛି ଅଧିକ ଲାଭ ମିଳେ ତେବେ ସେମାନେ ପଳାଇ ଆସିଥିବା ମତରେ ମଧ୍ୟ ନ ରହି ପୁନଃ ଆଉ କୌଣସି ଏକ ମତକୁ ପଳାଇଯିବାକୁ ପଛାନ୍ତି ନାହିଁ । ତୁମେ ତୁମ ମତକୁ କାହିଁକି ବଦଳାଇଲ ବୋଲି ଯଦି ଏହିଭଳି ଲୋକମାନଙ୍କୁ ପଚରାଯାଏ, ତେବେ ଏ ମତରେ ଥିବା ଆରାଧ୍ୟ ଅପେକ୍ଷା ସେ ମତର ଆରାଧ୍ୟ ଆମକୁ ଭଲରେ ରଖୁଛନ୍ତି, ଏ ମତର ଆରାଧ୍ୟ ଅପେକ୍ଷା ସେ ମତର ଆରାଧ୍ୟ ଭଲ ବୋଲି କହିଥାନ୍ତି ।

ଏହିଭଳି ଲୋକମାନଙ୍କ ଦୃଷ୍ଟିରେ ପ୍ରତ୍ୟେକ ମତରେ ଜଣେ ଈଶ୍ୱର ଥାଆନ୍ତି, ସେହି ଈଶ୍ୱର ହିଁ ସେ ମତକୁ ସୃଷ୍ଟି କରି ତାଙ୍କ ଲୋକମାନଙ୍କୁ ଭଲରେ ରଖନ୍ତି, ନିଜର ଭାବନ୍ତି ବୋଲି କହିଥାନ୍ତି, ଏମାନେ ପ୍ରଚାରକମାନେ ଦେଖାଉଥିବା ଲାଭ ଆଶାରେ ବଶୀଭୂତ ହୋଇ, ରହିଥିବା ମତରୁ ଅନ୍ୟ ମତକୁ ସହଜରେ ପଳାଇଯାଆନ୍ତି । ଆମ ମତକୁ ପଳାଇ ଆସିଲେ ଚାକିରି କରାଇଦେବୁ କହିଲେ ସେହି ଚାକିରି ଲୋଭରେ ନିଜର ମତକୁ ବଦଳାଇ ଦେଇଥାନ୍ତି । ସେହି ମତରେ ଚାକିରି ପାଇ ସୁଖରେ ଥିଲେ ମଧ୍ୟ ଯଦି ଅନ୍ୟ କୌଣସି ମତର ପ୍ରଚାରକମାନେ ଆସି ଆମ ମତକୁ ଚାଲି ଆସିଲେ ଭଲ ଘର କରିଦେବୁ କହନ୍ତି ତେବେ, ସେମାନେ ପ୍ରବେଶ କରିଥିବା ଦ୍ୱିତୀୟ ମତ ଛାଡି ତୃତୀୟ ମତକୁ ମଧ୍ୟ ସହଜରେ ପଳାଇଯା'ନ୍ତି । ତୃତୀୟ ମତରେ

ଘର ପାଇ ସୁଖରେ ଥିଲାବେଳେ, ପ୍ରଥମ ମତର ପ୍ରଚାରକମାନେ ଆସି ସମସ୍ତେ ଆମ ମତରୁ ପଳାଇଯାଉଛନ୍ତି, ସେଥିଲାଗି ଆମ ମତରୁ ଲୋକେ କମିଗଲେଣି ତୁମେମାନେ ପୁଣି ଆମ ମତକୁ ଚାଲିଆସ ତୁମମାନଙ୍କୁ ଘର, ଟଙ୍କା ସହିତ ଶାଢୀଦେବୁ, ଡ୍ରେସ୍ ଦେବୁ କହିଲେ, ସେଥିପାଇଁ ଲୋଭରେ ପ୍ରସ୍ତୁତ ହୋଇଯାଇ ପୁଣି ପ୍ରଥମ ମତକୁ ଚାଲିଆସୁଥିବା ଲୋକମାନେ ମଧ୍ୟ ସମାଜରେ ଅଛନ୍ତି ।

ଏହିଭଳି କଅଣ ଗୋଟିଏ ମିଳିବ ବୋଲି ତା ଉପରେ ଲୋଭ ରଖି ଅନେକ ଥର ମତ ବଦଳାଉଥିବା ଲୋକେ ସମାଜରେ ଦେଖିବାକୁ ମିଳିଥାନ୍ତି, ସେମାନଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ମତ ନଥାଏ । ଯେଉଁ ମତରେ ଅଧିକ ଲାଭ ମିଳେ ସେମାନେ ସେହି ମତକୁ ଚାଲିଯାଆନ୍ତି । ଏହିଭଳି ମତ କହିଲେ ଲାଭ ଭାବୁଥିବା କିଛିଲୋକ ସମାଜରେ ରହିଥିବା ସ୍ଥଳେ, ମତ ଦ୍ୱାରା ଈଶ୍ୱରଙ୍କୁ ଜାଣିହେବ ବୋଲି ମଧ୍ୟ କିଛିଲୋକ ଭାବିଥାନ୍ତି । ସେହିଭଳି ମତ ବାବଦରେ ପ୍ରଚାରକରି ମତାଭିବୃଦ୍ଧି ଯେତେ କରିବା ଈଶ୍ୱର ଆମକୁ ସେତେ ଭଲପାଇବେ ଭାବୁଥିବା ଲୋକମାନେ ମଧ୍ୟ ଥାଆନ୍ତି । ଆଉ କେତେକ ନିଜର ମତକୁ ରକ୍ଷା କରିବାକୁ ଯାଇ ଅନ୍ୟ ମତ ଉପରେ ହିଂସା ଦ୍ୱେଷ ବଢାଇ ଅନ୍ୟ ମତାବଲମ୍ବୀର କ୍ଷତି କରିବା ଉଦ୍ଦେଶ୍ୟରେ ରହିଥାନ୍ତି । ଏଭଳି କରିବା ଦ୍ୱାରା ଈଶ୍ୱରଙ୍କ ପ୍ରୀତିଭାଜନ ହୋଇପାରିବା ବୋଲି ସେମାନଙ୍କର ଶକ୍ତ ଭାବନା ଥାଏ । କିଛିଲୋକ ଆମ ମତର ଈଶ୍ୱର ହିଁ ପ୍ରକୃତ ଈଶ୍ୱର, ଅନ୍ୟ ମତର ଈଶ୍ୱର ଠିକ୍ ନୁହନ୍ତି, ତାହା ମାୟା, ସେହି ମାୟାମତରେ ଥିବା ଲୋକମାନଙ୍କୁ ମାରିଦେବା ହିଁ ଈଶ୍ୱରଙ୍କ ପକ୍ଷରେ ରହି ଯୁଦ୍ଧକରିବା ଭଳି ହୋଇଥାଏ ଭାବି ଆମେ ଈଶ୍ୱରଙ୍କ ସୈନିକ, ଆମେ ଈଶ୍ୱରଙ୍କ ପକ୍ଷରେ ରହି ଅଜ୍ଞାନୀମାନଙ୍କ ବିରୁଦ୍ଧରେ ପବିତ୍ରଯୁଦ୍ଧ କରୁଛୁ, ସେମାନଙ୍କୁ ମାରିବା ହିଁ ଆମର କାମ ବୋଲି ଭାବିଥାନ୍ତି, ସେହି ଚେଷ୍ଟାରେ ସେମାନେ ସେମାନଙ୍କର କୌଣସି ଶତ୍ରୁ ହୋଇ ନଥିବା ସରଳ ପ୍ରଜାମାନଙ୍କୁ

ଗୁଳିକରି କିମ୍ବା ବୋମା ପକାଇ ମାରିଦିଅନ୍ତି । ଏମାନେ ଏକ ମତରେ ଥାଆନ୍ତି, କିନ୍ତୁ ମତ କହିଲେ କଣ ? ତାକୁ କିଏ ତିଆରି କରିଥିଲା ? ମତ ଦ୍ୱାରା ସତରେ କଣ ଈଶ୍ୱର ଜଣାପଡନ୍ତି ? ବୋଲି ଟିକିଏ ମଧ୍ୟ ଆଲୋଚନା କରନ୍ତି ନାହିଁ । ଏହିଭଳି ଆଜି ଭୂପୃଷ୍ଠରେ ମତ ମଣିଷ ମଣିଷ ଭିତରେ ଫାଟ ସୃଷ୍ଟି କରୁଥାଇ, କାହାକୁ ବୁଝା ନପଡି, ସମସ୍ତଙ୍କୁ ନିଜ ମାୟାରେ ବୁଡାଇ ରଖିଦେଇଛି । ମତମାୟାରେ ପଡିଥିବା ଲୋକେ ଯାହା କରୁଛନ୍ତି ତାହା ଭଲମନ୍ଦ ଆଲୋଚନା କରିବା ସ୍ଥିତିରେ ନାହାନ୍ତି, ସେମାନଙ୍କ ଦୃଷ୍ଟିରେ ମତ ଛଡା ପାପପୁଣ୍ୟ ନଥାଏ ।

ମଣିଷ ସମାଜରେ ସମସ୍ତଙ୍କର ମତ ଉପରେ ନଜର ଥିଲେ ମଧ୍ୟ, ପାହାଡ ଜଙ୍ଗଲରେ ବଞ୍ଚୁଥିବା କିଛି ଲୋକମାନେ ମତ କଣ ନଜାଣି ଜୀବନ ବଞ୍ଚୁଥାନ୍ତି, ସେମାନଙ୍କ ଭିତରେ କୌଣସି ମତକଳହ ନଥାଏ, ମତଦ୍ୱେଷ ନଥାଏ, ସେମାନେ କୌଣସି ମତର କଥିତ ନହୋଇ ଗିରିଜନ ଭାବରେ କଥିତ ହୋଇଥାନ୍ତି । ଗିରି କହିଲେ ପାହାଡ, ପାହାଡୀଲୋକଙ୍କୁ ଗିରିଜନ କୁହାଯାଏ । ଗିରିଜନ ଏକ ମତ ନୁହେଁ ବୋଲି ମନେ ରଖିବା ଉଚିତ୍ । ଅତୀତର କୌଣସି ଯୁଗରେ ଆଜି ଭଳି ମତ ନଥିଲା । କଳିଯୁଗ ଆସିବା ପରେ ମତର ଜନ୍ମ ହୋଇଥିଲା । ସେତେବେଳେ ପୂର୍ବରୁ ଥିବା ଇନ୍ଦୁସମାଜ ଇନ୍ଦୁମତ ହୋଇଯାଇଥିଲା । ଆଜିର କାଳରେ ଅନେକ ମତ ଥିଲେ ମଧ୍ୟ ସେଗୁଡିକ ଭିତରେ ମୁଖ୍ୟ ମତ ହୋଇ, ବଡମତ ହୋଇ ତିନିଗୋଟି ମତ ରହିଛି । ସେହିଗୁଡିକୁ ଇନ୍ଦୁ (ହିନ୍ଦୁ), ଖ୍ରୀଷ୍ଟ, ଇସ୍ଲାମମତ ନାମରେ କହୁଛେ ବୋଲି ମନେ ରଖିବା ଉଚିତ୍ ।

ଏହି ତିନି ମତକୁ ଦିଶା, ଦଶା ଦେଖାଇବା ପାଇଁ ତିନିଗୋଟି ଗ୍ରନ୍ଥ ମଧ୍ୟ ରହିଛି । ଇନ୍ଦୁମାନଙ୍କର ଭଗବଦ୍ଗୀତା, ଖ୍ରୀଷ୍ଟିଆନ ମାନଙ୍କର ବାଇବେଲ, ମୁସ୍ଲିମ୍ ମାନଙ୍କର କୋରାନ ଗ୍ରନ୍ଥ ରହିଛି । ବାସ୍ତବରେ ଏହି

ତିନି ଗ୍ରନ୍ଥରେ କେଉଁଠାରେ ମଧ୍ୟ କୌଣସି ମତ (ଧର୍ମ)ର ପ୍ରଶ୍ନ ନାହିଁ, କିନ୍ତୁ ମଣିଷ ମତ ସୃଷ୍ଟି କରିଛି । ମଣିଷକୁ ଐଶ୍ୱରୀୟ ଜ୍ଞାନ ବୋଧ କରୁଥିବା ଏହି ତିନି ଗ୍ରନ୍ଥକୁ କେତେକ ନିଜର ଇଚ୍ଛା ଅନୁସାରେ ବ୍ୟବହାର କରି, ସେଗୁଡିକୁ ଦେଖାଇ ସେଗୁଡିକ ପଛରେ ଗ୍ରନ୍ଥରେ ନଥିବା ମତକୁ ସୃଷ୍ଟି କରିଛନ୍ତି । ପ୍ରଥମେ କିଛିଲୋକ ବାଇବେଲ ଗ୍ରନ୍ଥକୁ ଆଧାର କରି ଆମର କିଛି ବିଶେଷତା ରହିବା ଉଚିତ୍ ବୋଲି ଉଦ୍ଦେଶ୍ୟ ରଖି ଖ୍ରୀଷ୍ଟମତ ତିଆରି କରିଥିଲେ । ଏହିଭଳି ଖ୍ରୀଷ୍ଟମତ ତିଆରି ହେବାବେଳେ ତା ପୂର୍ବରୁ ଥିବା ଇନ୍ଦୁସମାଜକୁ ଇନ୍ଦୁମତ କହି, ଇନ୍ଦୁ (ହିନ୍ଦୁ) ମତରେ ଗ୍ରନ୍ଥ ଭଗବଦ୍ଗୀତା ବୋଲି ଇନ୍ଦୁମାନେ ହିଁ ପ୍ରଚାର କରିଥିଲେ । ଏମିତି ଏକ ପ୍ରତିଯୋଗିତା ଭଳି ଦୁଇ ମତ ତିଆରି ହୋଇଥିଲା । ତାପରେ କାଳକ୍ରମେ ଅନେକ ମତ ତିଆରି ହୋଇ ୧୪୦୦ବର୍ଷ ପୂର୍ବେ ଇସ୍ଲାମମତ ତିଆରି ହୋଇଥିଲା । ଭାରତରେ ବୌଦ୍ଧ, ଜୈନ, ସିଖ୍ ଇତ୍ୟାଦି ଅନେକ ଛୋଟ ଛୋଟ ମତ ତିଆରି ହୋଇଥିବା ବେଳେ ଅନ୍ୟ ଦେଶ ଗୁଡିକରେ ମଧ୍ୟ ଅନେକ ମତ ତିଆରି ହୋଇଥିଲା । ଏହିଭଳି ଆଜି ଯେତେ ମତ(ଧର୍ମ) ତିଆରି ହୋଇଥିଲେ ମଧ୍ୟ ସେଗୁଡିକ ଭିତରୁ ମୁଖ୍ୟ ଭାବରେ ଇନ୍ଦୁ, ଖ୍ରୀଷ୍ଟ, ଇସ୍ଲାମ ନାମକ ତିନିଗୋଟି ମତ ରହିଛି । ଏହି ମତଗୁଡିକରେ ଏକ ଏକ ଗ୍ରନ୍ଥ ଅଛି, ସେହି ଗ୍ରନ୍ଥଗୁଡିକୁ ପ୍ରବକ୍ତାମାନେ କହିଛନ୍ତି । ଅନ୍ୟ ମତଗୁଡିକୁ ବାଦ୍ ଦେଇ ଏହି ତିନି ମତକୁ ପରିଶୀଳନ କଲେ, ଏହି ତିନି ମତରେ ଯେଉଁ ଗ୍ରନ୍ଥଗୁଡିକ ରହିଛି ସେଗୁଡିକରେ ଐଶ୍ୱରୀୟ ବିଷୟସବୁ ରହିଛି ବୋଲି ଜଣାଯାଉଛି । ସେଥିଲାଗି ଏହି ତିନି ଗ୍ରନ୍ଥ ଐଶ୍ୱରୀୟ ଜ୍ଞାନ ବୋଧ କରୁଥିବାରୁ ଏଗୁଡିକ ଦ୍ୱାରା ଈଶ୍ୱରଙ୍କୁ ଜାଣିହେବ ବୋଲି ବୁଝାଯାଉଛି ।

ତିନି ଗ୍ରନ୍ଥର ଜ୍ଞାନ ଦ୍ୱାରା ଈଶ୍ୱରଙ୍କୁ ଜାଣିହେବ, କିନ୍ତୁ ତିନି ମତ ଦ୍ୱାରା ଈଶ୍ୱରଙ୍କୁ ଜାଣିହେବ ନାହିଁ । ଗ୍ରନ୍ଥଗୁଡିକରେ ଗୋଟିଏ ପ୍ରକାରର ଲେଖାଯାଇଥିବା ସ୍ଥଳେ, ମତରେ ଭିନ୍ନ ପ୍ରକାରର ଆଚରଣ ରହିଛି ।

ଗ୍ରନ୍ଥବାଣୀ ସହିତ ମତ ଆଚରଣର କୌଣସି ସଂପର୍କ ନାହିଁ । ଗ୍ରନ୍ଥ ଗୁଡିକରେ ଐଶ୍ୱରୀୟ ଜ୍ଞାନ ଥିବାବେଳେ, ତାଠାରୁ ଭିନ୍ନ ଭାବରେ ମତର ଆଚରଣ ରହିଥାଏ । ଗ୍ରନ୍ଥବାଣୀ ସହିତ ମତ ଆଚରଣର ଭିନ୍ନତାକୁ ପ୍ରତ୍ୟେକ ମତର ଲୋକେ ଜାଣିପାରିବା ଭଳି ରହିଛି । ଇନ୍ଦୁମତରେ ଦେଖିଲେ ଭଗବଦ୍ଗୀତାରେ ଯାହାସବୁ ଅଛି ତାହାସବୁ ଐଶ୍ୱରୀୟ ଜ୍ଞାନ ବା ଦୈବଜ୍ଞାନ, କିନ୍ତୁ ଇନ୍ଦୁମତର ଆଚରଣ ଗ୍ରନ୍ଥ ଅନୁସାରେ ନାହିଁ । ଇନ୍ଦୁମତର ଆଚରଣ ବେଦ ଏବଂ ପୁରାଣକୁ ଅନୁସରଣ କରି ନିର୍ଣ୍ଣୟ କରାଯାଇଛି । ସେହିଭଳି ଇସ୍ଲାମ ମତକୁ ଦେଖିଲେ ସେମାନଙ୍କ ଆଚରଣ କୋରାନବାଣୀ ଅନୁସାରେ ନରହି ହଦୀସ୍ ଅନୁସାରେ ରହିଛି । ହଦୀସ୍ ଗ୍ରନ୍ଥ ଅନୁସାରେ ମୁସ୍ଲିମ୍‌ମାନେ ସମାଜରେ ଆଚରଣ କରନ୍ତି । ଖ୍ରୀଷ୍ଟମତରେ ମଧ୍ୟ ଖ୍ରୀଷ୍ଟିଆନମାନେ କରୁଥିବା ଆଚରଣକୁ ଯୀଶୁ କହିନାହାନ୍ତି । ଖ୍ରିଷ୍ଟିଆନମାନେ ସେମାନଙ୍କ ଇଚ୍ଛାରେ ଆଚରଣ ସୃଷ୍ଟି କରିଛନ୍ତି । ଏହିପରି ପ୍ରତ୍ୟେକ ମତରେ ଥିବା ଗ୍ରନ୍ଥର ଜ୍ଞାନକୁ ଯେଉଁମାନେ ଜାଣନ୍ତି ନାହିଁ ସେମାନେ ଖୁବ୍ ଅଧିକ ସଂଖ୍ୟକ, ଗ୍ରନ୍ଥର ଜ୍ଞାନ ଜାଣିଥିବା ଲୋକମାନେ ଖୁବ୍ କମ୍ ସଂଖ୍ୟକ ରହିଥାନ୍ତି ।

ତିନି ଦୈବଗ୍ରନ୍ଥରେ ମତର ପ୍ରଶ୍ନ ନଥିଲେ ମଧ୍ୟ ଇନ୍ଦୁ, ଖ୍ରୀଷ୍ଟ, ଇସ୍ଲାମ ନାମକ ତିନି ମତାବଲମ୍ବୀ ମାନଙ୍କର ଆଚରଣ ନିଜ ନିଜ ମତ ଅନୁସାରେ ରହିଥାଏ । ଉଦାହରଣ ସ୍ୱରୂପ ଦୀକ୍ଷା, ମାନସିକ, ସନ୍ନ୍ୟାସତ୍ୱ ଇତ୍ୟାଦି ନାମରେ କୌଣସି ଏକ ନିୟମକୁ ଧରି ଦାଢିବଢାଇ କିଛିଲୋକ ସ୍ୱତନ୍ତ୍ର ଦେଖାଯାଇଥାନ୍ତି । ଭକ୍ତି ଭାବରେ, ଜ୍ଞାନ ମାର୍ଗରେ ଆମେ ଅଛୁ କହିବା ଭଳି ଅନେକ ଲୋକ ବେଶ ବଦଳାଉଥିବା ଆମେ ଦେଖୁଛେ । କିଛିଲୋକ ସେମାନଙ୍କ ଦାଢି ଦେଖାଇ ଆମ ଦାଢି ଭଳି ଆମ ପାଖରେ ଶକ୍ତି ରହିଛି କହିବା ଭଳି କଥା କହିଥାନ୍ତି,ଏହିଭଳି ଯେ ଯାହା କହିଲେ ମଧ୍ୟ ଆଧାତ୍ମିକ ଜ୍ଞାନାନୁସାରେ ମଣିଷ ଦାଢିବଢାଇ ବେଶ ବଦଳାଇଦେଲେ ମଧ୍ୟ ସେ ମହାନ ହୋଇଗଲା କହିବା ଅସତ୍ୟ । କାହିଁକିନା ! ଗୀତା, ବାଇବେଲ,

କୋରାନ ନାମକ ତିନି ଦୈବଗ୍ରନ୍ଥରେ କେଉଁଠାରେ ମଧ୍ୟ ମଣିଷ ଦାଢି ବଢାଇବା ଦ୍ୱାରା ତାଠାରେ ବିଶିଷ୍ଟତା ବା ବୈଲକ୍ଷଣ ଆସିଯିବ ବୋଲି ଈଶ୍ୱର କହି ନାହାନ୍ତି କି ଦାଢିର ଅସାଧାରଣ ତତ୍ତ୍ୱ ବାବଦରେ ଲେଖାଇ ନାହାନ୍ତି, ତେଣୁ ଦାଢି ବଢାଇବା ଦ୍ୱାରା ମଣିଷ ନିଜେ ନିଜକୁ ମହାନ ପ୍ରକଟିତ କରିଥାଏ ବୋଲି ସହଜରେ ଜଣାଯାଉଛି । ଶରୀରାରୋଗ୍ୟ ପାଇଁ, ସୁନ୍ଦରତା ପାଇଁ ଦାଢି ବଢାଇଲେ ଚଳିବ, ହେଲେ ମୁଁ ଜଣେ ଜ୍ଞାନୀ ବୋଲି କହିହେବା ପାଇଁ ଦାଢି ବଢାଇବା ଅନୁଚିତ । ତା ବୋଲି ଦାଢି ବଢାଇଥିବା ସମସ୍ତଙ୍କୁ ଆମେ ଅଜ୍ଞାନୀ କହୁଛୁ ବୋଲି ଭାବନ୍ତୁ ନାହିଁ । ମୂଳ ଗ୍ରନ୍ଥଗୁଡିକରେ ଏହି ଦାଢି ବଢାଇବା ପ୍ରସଙ୍ଗ ହିଁ ନାହିଁ ବୋଲି କହୁଛୁ । ମତ ଅନୁସାରେ ଦାଢି ବଢାଉଥିବା ଲୋକମାନେ ଅଛନ୍ତି । ମତ ଭିତରେ ରହି ମଣିଷ ଟିକିଏ ବଡ ହୋଇଗଲା ପରେ ମୁଁ ଦୈବମାର୍ଗରେ ଅଛି କହିବା ପାଇଁ ନିହାତି ଦାଢି ବଢାଇବାକୁ ହୁଏ ବୋଲି ନିୟମ ଅଛି । ଇସ୍ଲାମରେ ଦାଢିର ମୂଲ୍ୟ ଥିବା ଭଳି, ସିଖ୍‌ମାନେ ସମସ୍ତେ ନିହାତି ଦାଢି ବଢାଇବା ଉଚିତ୍ ବୋଲି ନିୟମ ଅଛି । ଏହିଭଳି ଯେଉଁ ମତରେ ଯେତେ ନିୟମ ଥିଲେ ମଧ୍ୟ ତାହା ମତ ଅନୁସାରେ ରହିଥାଏ ସିନା, ଈଶ୍ୱର ଦେଇଥିବା ଜ୍ଞାନ ଅନୁସାରେ ରହିନଥାଏ । ସେଥିଲାଗି ଦୈବଗ୍ରନ୍ଥ ଗୁଡିକରେ ଏହି ଦାଢି ଛାଡିବା ବିଷୟ ହେଉ, ବାହାରର ଅନ୍ୟ କୌଣସି ଆଚରଣ ବିଷୟରେ ହେଉ କେଉଁଠାରେ ମଧ୍ୟ ଲେଖା ନାହିଁ । ବାହାରର ରୀତି, ନୀତି, ଦୀକ୍ଷା ଇତ୍ୟାଦି ସବୁ ମତ ସମ୍ବନ୍ଧୀୟ ହୋଇଥାଏ ସିନା, ଦୈବଜ୍ଞାନ ସମ୍ବନ୍ଧୀୟ ନୁହେଁ । କେତେକ ଦାଢି ବଢାଇବା ପାଇଁ ରହିଥିବା ମତକୁ ଛାଡି ଅନ୍ୟ ମତକୁ ପଳାଇଥିବା ଲୋକଙ୍କୁ ମଧ୍ୟ ମୁଁ ସ୍ୱୟଂ ଦେଖିଛି, ଖାଲି ଦେଖିଛି ନୁହେଁ "କେବଳ ଦାଢି ବଢାଇବା ପାଇଁ ଆପଣ ମତ ବଦଳାଇଛନ୍ତି ! ଆଗରୁ ଥିବା ମତରେ ରହି ଦାଢି ବଢାଇବା ସୁଯୋଗ ତ ଥିଲା କାହିଁକି ବଢାଇଲେ ନାହିଁ ?" ବୋଲି ସେମାନଙ୍କୁ ପ୍ରଶ୍ନ ମଧ୍ୟ କରିଛି । ସେଥିପାଇଁ ସେମାନେ ଦେଇଥିବା ଉତ୍ତର

ସତରେ ବିଚିତ୍ର ବୋଧ ହୋଇଛି । ସେମାନେ ଦେଇଥିବା ଉତ୍ତରରେ, "ପ୍ରଥମେ ଆମେ ଥିବା ମତରେ ଦାଢ଼ି ବଢ଼ାଇ ହୋଇଥାନ୍ତା, ହେଲେ ବଢ଼ାଇଥିବା ଦାଢ଼ି ଟିକିଏ ମଧ୍ୟ କାଟିବା ଉଚିତ୍ ନୁହେଁ ବୋଲି ନିୟମ ଥିଲା, ଦାଢ଼ି ଅଧିକ ବଢ଼ିଯିବାରୁ ଆମକୁ ଅସୁବିଧାର ସମ୍ମୁଖୀନ କରିବାକୁ ପଡୁଥିଲା, ଏବେ ଆମେ ଯେଉଁ ମତରେ ଅଛୁ ସେ ମତରେ ବଢ଼ାଇଥିବା ଦାଢ଼ିକୁ କିଛି କାଟିଦେଇ ଆମ ଇଚ୍ଛା ଅନୁସାରେ ରଖିହେଉଛି, ଉପରେ ବଢୁଥିବା ନିଶ ମଧ୍ୟ କାଟି ଯେତିକି ରଖିବା କଥା ରଖିପାରୁଛୁ, ତଦ୍ୱାରା ଆମକୁ ଖାଇବା ପିଇବାରେ କିଛି ଅସୁବିଧା ହେଉ ନାହିଁ, ତାଛଡା ଦାଢ଼ି ସାଇଜ୍ ହୋଇଯିବା ଦ୍ୱାରା ମୁହଁକୁ ସୁନ୍ଦର ଦେଖାଯାଉଛି, ସେଥିଲାଗି ସେ ମତ ଛାଡି ଏ ମତକୁ ପଳାଇ ଆସିଛୁ ।" ବୋଲି କହିଥିଲେ । ଏହିଭଳି କିଛିଲୋକ ଦାଢ଼ି ବଢ଼ାଇବା ପାଇଁ ମଧ୍ୟ ମତ ପରିବର୍ତ୍ତନ କରୁଛନ୍ତି ବୋଲି ଜଣାଯାଉଛି ।

ହିନ୍ଦୀ ଭାଷାରେ ଇଲେକ୍ସନ୍ ସମୟରେ ଭୋଟ ଦେବାକୁ "ମତଦାନ୍ କରୋ" କହିନ୍ତି । ମତ, ସମ୍ମତ ଦୁଇଟିଯାକ ଗୋଟିଏ ହୋଇଥିବାରୁ ତୁମ ସମ୍ମତି ଆମକୁ ଦିଅ କହିବା ବଦଳରେ ମତଦାନ କରୋ କହିନ୍ତି । ଓଡିଆ ଭାଷାରେ ମଧ୍ୟ ମତଦାନ କରନ୍ତୁ ବୋଲି କୁହାଯାଏ । ଏହିଭଳି ଆହୁରି ଅନେକ ଭାଷାରେ ମଧ୍ୟ ମତଦାନ କହିଲେ ସମ୍ମତି ପ୍ରଦାନ କରିବା ବୋଲି ବୁଝାଯାଏ । ସମ୍ମତକୁ ମତ କହି ପାରିବା, ଭୋଟ ମଧ୍ୟ କହି ପାରିବା । ଏହିଭଳି ରାଜନୈତିକ ଦଳରେ ଥିବା ଭଳି ଦେଶରେ ମତ ରହିଥିବାରୁ ମଣିଷର ଇଚ୍ଛା ଥାଉ ବା ନଥାଉ ମଣିଷ କୌଣସି ଏକ ମତରେ ରହିଥାଏ । ମଣିଷର ଜନ୍ମ କୌଣସି ଏକ ମତରେ ହେବା ଦ୍ୱାରା, ମଣିଷ ଆଗରୁ ମଣିଷଠାରେ ମତମୋହର ଲାଗିଯାଉଛି । ବାସ୍ତବରେ ଜନ୍ମ ହେବାବେଳେ ମୁଁ କେଉଁ ମତରେ ଜନ୍ମ ହୋଇଥିଲି ମୋତେ ଜଣା ନଥିଲା । ଯୁକ୍ତବୟସରେ ପହଞ୍ଚିବା ସମୟକୁ ମୁଁ ଅମୁକ ମତରେ ଜନ୍ମ ହୋଇଛି

ବୋଲି ଜାଣିଯାଇଥିଲି । ମୁଁ ମତକୁ ବାଛିବା ଆଗରୁ ମତ ମୋତେ ବାଛି ସାରିଥିଲା । ସେଥିପାଇଁ ମୁଁ ଅମୁକ ମତର ବୋଲି ଅନ୍ୟମାନେ କହୁଛନ୍ତି । ପ୍ରତି ମଣିଷର ଜନ୍ମରୁ କୌଣସି ଏକ ମତ ତା ପଛରେ ଆସିଥାଏ । ହେଲେ ଜନ୍ମରୁ ଆସିଥିବା ମତକୁ କିଛିଲୋକ ଛାଡିଦେଇ ଅନ୍ୟ ମତକୁ ପଳାୟନ କରିଥାନ୍ତି ।

ମଣିଷ ଯେଉଁ ମତରେ ଜନ୍ମ ହୋଇଥାଏ ସେହି ମତକୁ ତାର ମତ ଭାବିଥାଏ । ଆମେ ଗୋଟିଏ ମତରେ ଜନ୍ମହେବାବେଲୁ ଅଛୁ, ଆମ ମତ ଅନ୍ୟ ମତ ଅପେକ୍ଷା ମହାନ ବୋଲି ମଣିଷ ନିଜର ମତକୁ ନେଇ ଗର୍ବ କରିଥାଏ । ସର୍ବସାଧାରଣ ଭାବରେ କୌଣସି ମଣିଷ ନିଜର ମତକୁ କେବେ ମଧ୍ୟ ମୂଲ୍ୟହୀନ ମନେକରେ ନାହିଁ, ଖରାପ ବୋଲି କହେ ନାହିଁ, ଛୋଟ ଭାବେ ନାହିଁ । ଅନ୍ୟ ମତ ଅନେକ ଥିଲେ ମଧ୍ୟ ସବୁଠାରୁ ମୋ ମତ ବଡ କହିବା ପ୍ରାୟ ସମସ୍ତଙ୍କର ଅଭ୍ୟାସ ହୋଇଯାଇଥାଏ ।  ସର୍ବସାଧାରଣ ଭାବରେ ସବୁ ମତରେ ଥିବା ଲୋକମାନଙ୍କ ଭିତରେ ଏହି ଭାବ ରହିଥିଲେ ମଧ୍ୟ, କିଛିଲୋକ ନିଜ ମତକୁ ଖାଲି ଯେ ଭଲପାଆନ୍ତି ତାନୁହେଁ, ଅନ୍ୟ ମତର ଲୋକେ ଆସି ସେମାନଙ୍କ ମତରେ ମିଶିଯାଆନ୍ତୁ ବୋଲି ତଦନୁଗୁଣ ଚେଷ୍ଟା ମଧ୍ୟ କରିଥାନ୍ତି । ଅନ୍ୟ ମତର ଲୋକେ ଆସି ଆମ ମତରେ ମିଶିଯାଆନ୍ତୁ ବୋଲି ଭାବୁଥିବା ଲୋକମାନେ ତଦନୁଗୁଣ କରୁଥିବା ଚେଷ୍ଟା ମଧ୍ୟ ଉନ୍ନତ ଧରଣର ଥାଏ, ଏହିମାନଙ୍କୁ ହିଁ ମତ ପ୍ରଚାରକ (ଧର୍ମ ପ୍ରଚାରକ) କୁହାଯାଏ । ମତ ପ୍ରଚାରକମାନେ ବିବିଧ ପ୍ରକାରର ଶିକ୍ଷା ପାଇ, କେତେବଡ ଲୋକକୁ ମଧ୍ୟ ନିଜ ମତ ଭିତରକୁ ଅଣାଇ ପାରିବା ସାମର୍ଥ୍ୟ ନେଇ ରହିଥାନ୍ତି । ଏହିଭଳି ମତ ପ୍ରଚାରକମାନେ ହିନ୍ଦୁମତରେ ସେତେ ନାହାନ୍ତି ସିନା, ମୁସ୍ଲିମମତରେ, ଖ୍ରୀଷ୍ଟମତରେ ଅଧିକ ଥାଆନ୍ତି ।

ମୁଁ ଯେତିକି ଜାଣିଛି ମତ ପ୍ରଚାରକମାନେ ଖ୍ରୀଷ୍ଟମତରେ ଅଧିକ ଥିଲେ, କିନ୍ତୁ ଏଇ ମଧ୍ୟକାଳୀନ ସମୟରେ ମୁସ୍ଲିମମତରେ ମଧ୍ୟ ଅନେକ

ଉନ୍ନତ ମତ ପ୍ରଚାରକମାନେ ତିଆରି ହୋଇଗଲେଣି । ହିନ୍ଦୁମତରେ ଅନେକ ମତ ପ୍ରଚାରକ ଥିଲେ ମଧ୍ୟ ସେମାନେ ନାମକୁମାତ୍ର ଅଛନ୍ତି ବୋଲି କହି ପାରିବା । ମତ ପ୍ରଚାରକମାନେ ତିନି ପ୍ରକାରର ଥାଆନ୍ତି । ଗୋଟିଏ ହେଉଛି ବାଣୀବୋଧ କରୁଥିବା, ଦ୍ୱିତୀୟଟି ଲୋଭ ଦେଖାଉଥିବା, ତୃତୀୟଟି ହିଂସା କରୁଥିବା । ଏହି ତିନି ଉପାୟରେ ତିନି ପ୍ରକାରର ପ୍ରଚାରକମାନେ ମତ ପ୍ରଚାର କରିଥାଆନ୍ତି ବୋଲି କହିପାରିବା । ହେଲେ ମଣିଷ ସମାଜରେ ଏହିଭଳି ମତ ପରିବର୍ତ୍ତନ କରିବା ଠିକ୍ ନୁହେଁ, ଏହା ଅନ୍ୟାୟ ହୋଇଥାଏ ବୋଲି କିଛିଲୋକ କହୁଥିବା ସ୍ଥଳେ, କିଛିଲୋକ ଏହା ଆଇନି ବିରୁଦ୍ଧ ବୋଲି କହିଥାନ୍ତି । ତାମାନେ, ଜଣେ ଗୋଟିଏ ମତରେ ରହିବା ଭଳି କରିବା, ଅନ୍ୟ ମତକୁ ଯିବାକୁ ନଦେବା ଦ୍ୱାରା କଣ ତାର ସ୍ୱାଧୀନତା ଭଙ୍ଗ ହୋଇନଥାଏ ! ମଣିଷର ଇଚ୍ଛାକୁ କଣ ଦଳନ କରିବା ଭଳି ହୋଇନଥାଏ ବୋଲି କିଛିଲୋକ ପଚାରି ପାରନ୍ତି । ଏହିଭଳି ଦେଖିଲେ ନାନା ଦିଗରୁ ଆଜି ମତ ପରିବର୍ତ୍ତନ ସମାଜରେ ଏକ ସମସ୍ୟା ଭଳି ହୋଇଯାଇଛି । ମତ ପରିବର୍ତ୍ତନ କରିବାକୁ କିଛିଲୋକ ଠିକ୍ କହିଲେ, କିଛିଲୋକ ଭୁଲ୍ କହୁଛନ୍ତି, କିଛିଲୋକେ ଧର୍ମ କହିଲେ, କିଛିଲୋକେ ଅଧର୍ମ କହୁଛନ୍ତି । ଏହି ଦୁଇ ଯୁକ୍ତି ଭିତରୁ କେଉଁ ଯୁକ୍ତିଟି ଠିକ୍ ? କେଉଁ ଯୁକ୍ତିଟି ଠିକ୍ ନୁହେଁ ତାହା ଆମେ ବିଚାର କରି ଦେଖିବାରେ ଅଛି ।

ମତ (ଧର୍ମ) ପ୍ରଚାର ତିନି ପ୍ରକାରର ଥାଏ ବୋଲି ଆଲୋଚନା କରିଛେ । ତନ୍ମଧ୍ୟରୁ ପ୍ରଥମଟି ହେଉଛି ଜ୍ଞାନବୋଧ କରିବା । ଦୈବଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ଭୂପୃଷ୍ଠରେ ତିନି ପ୍ରକାରର ହୋଇ ତିନିଗୋଟି ବିଭିନ୍ନ ସମୟରେ ଜଣାପଡିବା ଦ୍ୱାରା, ତିନିଥର କୁହାଯାଇଥିବା ଜ୍ଞାନ ତିନିଗୋଟି ଗ୍ରନ୍ଥରୂପ ନେଇଥିଲା । ସେଗୁଡିକ ଭିତରୁ ପ୍ରଥମଟି ହେଉଛି ଭଗବଦ୍ଗୀତା, ଦ୍ୱିତୀୟଟି ବାଇବେଲ, ତୃତୀୟଟି କୋରାନ । ଭଗବଦ୍ଗୀତା ହିନ୍ଦୁମାନଙ୍କର, ବାଇବେଲ ଖ୍ରୀଷ୍ଟିଆନମାନଙ୍କର, କୋରାନ ମୁସ୍ଲିମମାନଙ୍କର ବୋଲି ତିନି

ମତାବଲମ୍ବୀମାନେ ନିର୍ଣ୍ଣୟ କରିଛନ୍ତି । ବାସ୍ତବରେ ତିନି ମତରେ ଥିବା ତିନି ଦୈବଗ୍ରନ୍ଥ କୌଣସି ମତ ସମ୍ବନ୍ଧୀୟ ନୁହେଁ । ତିନି ଦୈବଗ୍ରନ୍ଥ (ଧର୍ମଗ୍ରନ୍ଥ) ସର୍ବ ମାନବ ଜାତିର ବୋଲି ଭୁଲିବା ଉଚିତ୍ ନୁହେଁ । ଈଶ୍ୱର ଅମୁକ ମତକୁ ମୁଁ ଅମୁକ ଗ୍ରନ୍ଥ ଦେଇଛି ବୋଲି କହି ନଥିଲେ ମଧ୍ୟ, ଈଶ୍ୱର ଅମୁକ ମତକୁ ଅମୁକ ଗ୍ରନ୍ଥ ଦେଇଛନ୍ତି ବୋଲି ସମସ୍ତେ କହୁଛନ୍ତି । ଖ୍ରୀଷ୍ଟିଆନମାନେ ବାଇବେଲ ଗ୍ରନ୍ଥକୁ, ମୁସ୍ଲିମମାନେ କୋରାନ ଗ୍ରନ୍ଥକୁ ନିଜ ନିଜର ମତଗ୍ରନ୍ଥ କହି, ସେମାନଙ୍କ ମତ ପ୍ରଚାରରେ ଗ୍ରନ୍ଥଗୁଡିକୁ ବ୍ୟବହାର କରି ଗ୍ରନ୍ଥରେ ଥିବା ଜ୍ଞାନକୁ ବୋଧ କରୁଛନ୍ତି ।

ତିନି ଦୈବଗ୍ରନ୍ଥରେ ଗୋଟିଏ ଈଶ୍ୱରଙ୍କ ଜ୍ଞାନ ରହିଛି ବୋଲି ନଜାଣି, ତିନି ଥର ତିନି କାଳରେ ଆସିଥିବା ଜ୍ଞାନକୁ ତିନିଗୋଟି ଗ୍ରନ୍ଥ କରିଦେଇଛନ୍ତି । କୌଣସି ଦୈବଗ୍ରନ୍ଥରେ କୌଣସି ଜ୍ଞାନ କୁହାଗଲେ ମଧ୍ୟ, ତାହା ଈଶ୍ୱର ସମ୍ବନ୍ଧୀୟ ଜ୍ଞାନ ସିନା, କୌଣସି ମତ ସମ୍ବନ୍ଧୀୟ ଜ୍ଞାନ ନୁହେଁ; ତଥାପି ବାଇବେଲର ଜ୍ଞାନକୁ ଖ୍ରୀଷ୍ଟିଆନମାନେ ସେମାନଙ୍କ ମତରେ ମିଶାଇ ପ୍ରଚାର କରୁଛନ୍ତି । ସେହିଭଳି କୋରାନର ଜ୍ଞାନକୁ ମୁସ୍ଲିମମାନେ ସେମାନଙ୍କ ମତରେ ଯୋଡିଦେଇଛନ୍ତି । ଗତ ପଚାଶବର୍ଷ ହେଲା ଖ୍ରୀଷ୍ଟିଆନମାନେ ବାଇବେଲ ଗ୍ରନ୍ଥର ଜ୍ଞାନକୁ ମତ ପ୍ରଚାରରେ ବ୍ୟବହାର କରି ସେମାନଙ୍କ ମତକୁ ଖୁବ୍ ଉପରକୁ ଉଠାଇ ପାରିଛନ୍ତି । ତାଛଡା ଅନେକ ହିନ୍ଦୁମାନଙ୍କୁ ମଧ୍ୟ ଖ୍ରୀଷ୍ଟିଆନ କରିପାରିଛନ୍ତି । ମତ ପ୍ରଚାର ତିନି ପ୍ରକାରର ଥିଲେ ମଧ୍ୟ ଖ୍ରୀଷ୍ଟିଆନମାନେ ବାଇବେଲ ଗ୍ରନ୍ଥର ଜ୍ଞାନ କହି ଅନ୍ୟମାନଙ୍କୁ ସେମାନଙ୍କ ମତରେ ମିଶାଇବା ସହିତ, ଦ୍ୱିତୀୟ ଉପାୟରେ ମଧ୍ୟ ଧନଲୋଭ ଦେଖାଇ, ରୋଗ ଦୂର କରିଦେବୁ କହି, ପାପ କ୍ଷମା କରିଦେବୁ କହି, ଚାକିରି ଆଶା ଦେଖାଇ, ଆହାର ଆଶା ଦେଖାଇ କୌଣସି ଏକ ପ୍ରକାରରେ ପ୍ରଲୋଭନ ଦ୍ୱାରା ଅନ୍ୟମାନଙ୍କୁ ସେମାନଙ୍କ ମତରେ ମିଶାଇ ପାରିଛନ୍ତି । ଆଜି ମଧ୍ୟ ସେମାନେ ଏହି ଉପାୟକୁ ଅବଲମ୍ବନ କରୁଛନ୍ତି । ବାଣୀବୋଧ କରିବା

ତଥା ପ୍ରଲୋଭନ ଦେଖାଇବା ନାମକ ଦୁଇ ଉପାୟରେ ଖ୍ରୀଷ୍ଟିଆନମାନେ ସେମାନଙ୍କ ମତବିସ୍ତାର କରି ପାରିଛନ୍ତି ସତ, କିନ୍ତୁ ତୃତୀୟ ଉପାୟରେ ହିଂସା ଦୌର୍ଜନ୍ୟ କରି, ଭୟ ଦେଖାଇ ସେମାନେ କାହାର ମତ ପରିବର୍ତ୍ତନ କରାଇ ନାହାନ୍ତି ବୋଲି କହିପାରିବା ।

ଯେଉଁଠାରେ ମତ ପ୍ରଚାର ହେଉଛି ସେଠାରେ ମତ ପରିବର୍ତ୍ତନ ଚେଷ୍ଟା ଚାଲିଛି ବୋଲି କହିପାରିବା । ହେଲେ ମତ(ଧର୍ମ) ପ୍ରଚାରକମାନେ ଆମେ ମତରକ୍ଷଣ କରୁଛୁ ସିନା କାହାର ମତ ପରିବର୍ତ୍ତନ କରୁନାହୁଁ ବୋଲି କହୁଛନ୍ତି, ସେମାନଙ୍କ ହିସାବରେ ମତକୁ ବଢାଇବା ମତରକ୍ଷଣ ହୋଇଥାଏ ବୋଲି କହିଥାନ୍ତି, ସେମାନେ କିପରି ହିସାବ କରି କହିଲେ ମଧ୍ୟ ଗୋଟିଏ ମତର ଲୋକମାନେ ସେମାନଙ୍କ ମତକୁ ଛାଡି ଅନ୍ୟଏକ ମତରେ ପ୍ରବେଶ କରିବାକୁ ମତ ପରିବର୍ତ୍ତନ କହି ପାରିବା । ପ୍ରଥମେ ଗ୍ରନ୍ଥ ଭିତରର ଜ୍ଞାନ କହି ଯେଉଁମାନେ ମତ ପ୍ରଚାର କରୁଛନ୍ତି ସେହିମାନେ ହିଁ ଦ୍ୱିତୀୟ ପ୍ରକାର ଉପାୟ ଅବଲମ୍ବନ କରି ପ୍ରଜାମାନଙ୍କୁ ପ୍ରଲୋଭ ଦେଖାଇବା ଆରମ୍ଭ କରି ଅନେକଙ୍କୁ ସହଜରେ ନିଜ ଦିଗକୁ ଆକର୍ଷିତ କରିପାରିଛନ୍ତି । ଆଜିକୁ ପ୍ରାୟ ପଚାଷବର୍ଷ ତଳେ ଭାରତରେ ଖ୍ରୀଷ୍ଟିଆନମାନେ ଖୁବ୍ କମ୍ ଥିଲେ । ସେ ଦିନରୁ ଆଜିପର୍ଯ୍ୟନ୍ତ ସେମାନେ ଆପଣାଇଥିବା ଦୁଇ ଉପାୟରେ ଅନେକଙ୍କୁ ବଦଳାଇ ଖ୍ରୀଷ୍ଟିଆନ କରିପାରିଛନ୍ତି । ହିନ୍ଦୁମାନେ କମିଯାଇଛନ୍ତି । ଅନେକ ହିନ୍ଦୁମାନେ ହିଁ ଖ୍ରୀଷ୍ଟିଆନ ହୋଇଯାଇଛନ୍ତି । କାଳ ବିତିଯାଉଥିବା କ୍ରମରେ ଖ୍ରୀଷ୍ଟିଆନମାନେ ଆଉ ଏକ ନୂଆ ଉପାୟ ଅବଲମ୍ବନ କରି, ହିନ୍ଦୁମାନଙ୍କ ବେଦକୁ ପରିଶୀଳନ କରି, ସେଥିରୁ ସେମାନଙ୍କ ଅନୁକୂଳିତ ଶ୍ଳୋକଗୁଡିକୁ ଶିଖି, ବେଦରେ ଖ୍ରୀଷ୍ଟମତ ସମ୍ବନ୍ଧୀୟ ବିଷୟ ଏପରି ଅଛି, ସେପରି ଅଛି କହି, ହିନ୍ଦୁମାନଙ୍କୁ ଆକୃଷ୍ଟ କରିବା ଭଳି କରି ଅନେକ ହିନ୍ଦୁମାନଙ୍କୁ ବଦଳାଇ ପାରିଛନ୍ତି । ହିନ୍ଦୁପାଇଁ ବେଦ ମୁଖ୍ୟ ହୋଇ ରହିଥାଏ ବୋଲି ଜାଣିପାରି, ବେଦମନ୍ତ୍ରର ବ୍ୟବହାର ପୂର୍ବକ ଖ୍ରୀଷ୍ଟମତ ପ୍ରଚାର କରିବାକୁ

ଯାଇ, ସେମାନେ ବେଦରେ ରକ୍ତବଳି ଦେଇ ପାପ କ୍ଷମାପଣ କରିହେବ ବୋଲି ଲେଖାଯାଇଛି, ବଳି ଦେବା ଦ୍ୱାରା ମଣିଷ କରିଥିବା ସବୁପାପ କ୍ଷମା ହୋଇଯାଏ, ତାହାର ନମୂନା ଭାବରେ ଯୀଶୁ ସ୍ୱୟଂ କୃଶ ଉପରେ ଚଢି ରକ୍ତ ଝରାଇ ପ୍ରଜାମାନଙ୍କ ପାପକୁ କ୍ଷମା କରିଥିଲେ, ଯୀଶୁଙ୍କୁ ବିଶ୍ୱାସ କରୁଥିବା ଲୋକମାନେ ପାପପଙ୍କରୁ ଉଦ୍ଧାର ହୋଇଯିବେ କହିବା ଦ୍ୱାରା, ପାପୀମାନଙ୍କୁ ଏକୈକ ଖ୍ରୀଷ୍ଟମତ ଛଡା ଅନ୍ୟ କୌଣସି ମତରେ କ୍ଷମା ନାହିଁ କହିବା ଦ୍ୱାରା, ଅନେକ ହିନ୍ଦୁମାନେ ସେମାନଙ୍କ କଥାରେ ଆକୃଷ୍ଟ ହୋଇ ଖ୍ରୀଷ୍ଟଧର୍ମକୁ ପଳାଇଯାଇଛନ୍ତି । ଖ୍ରୀଷ୍ଟମତ ପ୍ରଚରକ ମାନଙ୍କ କଥାରେ ଯେଉଁମାନେ ବିଶ୍ୱାସ କରନ୍ତି ତାହା ସେମାନଙ୍କ ପାଇଁ ସହଜ ହୋଇଥାଏ, କିନ୍ତୁ ଯେଉଁମାନେ ନ କରନ୍ତି ସେମାନଙ୍କୁ କୌଣସି ଏକ ପ୍ରଲୋଭ ଦେଖାଇ ନିଜ ମତ ଦିଗରେ ଟାଣି ନେଇଥାନ୍ତି । ନିଜ ମତକୁ କେତେ ଭଲପାଉଥିଲେ ମଧ୍ୟ କେତେକ ସନ୍ଦର୍ଭରେ ପ୍ରଲୋଭର ବଶବର୍ତ୍ତୀ ହୋଇ ନିଜର ମତକୁ ଛାଡି ଅନେକ ହିନ୍ଦୁମାନେ ସେମାନଙ୍କ ମତରେ ମିଶିଯାଇଛନ୍ତି । ଏହାର ପ୍ରମାଣସ୍ୱରୂପ ମୋ ଅନୁଭବରୁ ଗୋଟିଏ ବିଷୟ କହୁଛି ଦେଖନ୍ତୁ ।

କିଛିବର୍ଷ ତଳେ ମୋତେ ଜଣାଥିବା ଜଣେ ବ୍ୟକ୍ତି ହିନ୍ଦୁ ଭାବରେ ରହି, ହିନ୍ଦୁ ମତ (ଧର୍ମ)କୁ ମହାନ କହି ଅନ୍ୟମତକୁ ନ୍ୟୁନ କହୁଥିଲା, ସ୍ୱମତ ପ୍ରେମରେ ପରମତକୁ ନିନ୍ଦା କରୁଥିଲା । ଖ୍ରୀଷ୍ଟିଆନ ମାନଙ୍କୁ ନିନ୍ଦାଗାଳି କରିବା ସହିତ ଯୀଶୁଙ୍କ ନାଆଁ ଶୁଣିଲେ ତାଡିଯାଉଥିଲା । ସେତେବେଳେ ସେ ହିନ୍ଦୁମତକୁ ଭଲପାଇବା ସହିତ ଖ୍ରୀଷ୍ଟିଆନମାନେ ଆମ ହିନ୍ଦୁମାନଙ୍କୁ ଲୋଭ ଦେଖାଇ ଖ୍ରୀଷ୍ଟିଆନ କରିଦେଉଛନ୍ତି ବୋଲି ଖୁବ୍ ଦୁଃଖ ପ୍ରକାଶ କରୁଥିଲା । ଏମିତି ସେ ସମୟରେ ତାକୁ ଦେଖିଥିବା ମୁଁ ଦୀର୍ଘ ତିରିଶିବର୍ଷ ପରେ ପୁଣି ଥରେ ଦେଖିଲି, କିନ୍ତୁ ସେଦିନର ବ୍ୟକ୍ତିତ୍ୱକୁ ତାଠାରେ ଦେଖିବାକୁ ନପାଇ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସେଦିନ ଖ୍ରୀଷ୍ଟିଆନ ମାନଙ୍କୁ ନିନ୍ଦା ଗାଳି କରୁଥିବା ସେ ଲୋକଟି ଖ୍ରୀଷ୍ଟିଆନ ହୋଇଯାଇଥିଲା, ସେ ଖ୍ରୀଷ୍ଟିଆନ ମାନଙ୍କ

ପ୍ରଲୋଭର ବଶବର୍ତ୍ତୀ ହୋଇଯାଇ ଖ୍ରୀଷ୍ଟିଆନ ହୋଇଯାଇଥିଲା ବୋଲି ସ୍ପଷ୍ଟ ଭାବେ ବୁଝି ପାରିଲି । ତା ଝିଅମାନଙ୍କୁ ବିବାହ ଦେବା ପରେ ତାର ସ୍ତ୍ରୀ ମରିଯାଇଥିଲା ଏବଂ ସେ ଏକୁଟିଆ ହୋଇଯାଇଥିଲା । ତାର ଧନ ସମ୍ପତ୍ତିର ଅଭାବ ନଥିଲେ ମଧ୍ୟ, ମାଗଣାରେ ଖାଇବାକୁ ଦେଇ ପୋଷୁଥିବା ବୃଦ୍ଧାଶ୍ରମ ଉପରେ ସେ ଆଶା ବଳାଇଥିଲା । ଗୋଟିଏ ଖ୍ରୀଷ୍ଟମତ ସଂସ୍ଥା ଏକ ବୃଦ୍ଧାଶ୍ରମ ଖୋଲିଥିଲେ । ସେଠାରେ ନିଃସହାୟ ବୃଦ୍ଧମାନଙ୍କୁ ସେମାନେ ରଖୁଥିଲେ, ସେମାନଙ୍କ ସେବା କରୁଥିଲେ । ବୟସ କ୍ରମେ ସେଠାରେ ମରିଯାଉଥିବା ବୃଦ୍ଧମାନଙ୍କୁ ସେମାନେ ବିନା ଖର୍ଚ୍ଚରେ ନିଜ ଜାଗାରେ କବର ଦେଉଥିଲେ, କିନ୍ତୁ ସେମାନଙ୍କ ନିୟମ ଥିଲା ଯେ, ସେଠାରେ ଯିଏ ରହିବ ସେ ଯୀଶୁଙ୍କୁ ବିଶ୍ୱାସ କରି ଖ୍ରୀଷ୍ଟିଆନ ହେବ, ଆଶ୍ରମରେ ରହି ଯୀଶୁଙ୍କୁ ପ୍ରାର୍ଥନା କରିବ ।

ବୃଦ୍ଧାଶ୍ରମରେ ସବୁ ମାଗଣା, କିଛି ଖର୍ଚ୍ଚ ନାହିଁ ଉପରୁ ସେବା ମଧ୍ୟ ମିଳେ ବୋଲି ସେ ବ୍ୟକ୍ତି ସେହି ବୃଦ୍ଧାଶ୍ରମରେ ରହିବାକୁ ଇଚ୍ଛାକରି ଶେଷରେ ସେଇଠାରେ ରହି, ସେମାନଙ୍କ ନିୟମକୁ ସ୍ୱୀକାର କରି ଖ୍ରୀଷ୍ଟିଆନ ହୋଇଯିବା ପରେ ଯେଉଁଦିନ ମୁଁ ତାକୁ ଭେଟିଥିଲି ସେଦିନ ତା ସହିତ କିଛି କଥା ହୋଇଥିଲି । ଆମ ଦୁହିଁଙ୍କ ସମ୍ଭାଷଣ କିପରି ଥିଲା ଦେଖନ୍ତୁ ।

**ମୁଁ:-** ଆରେ ତୁ ତ ହିନ୍ଦୁ ଥିଲୁ, ସେତେବେଳେ ହିନ୍ଦୁମତକୁ ଭାରି ପ୍ରଶଂସା କରୁଥିଲୁ, ଖ୍ରୀଷ୍ଟିଆନ ମାନଙ୍କୁ ଦେଖିଲେ ରାଗିଯାଉଥିଲୁ । ସେମାନଙ୍କ କଥା ସହିପାରୁ ନଥିଲୁ, ଖ୍ରୀଷ୍ଟିଆନ ମାନଙ୍କୁ ନିନ୍ଦା ଗାଳି କରୁଥିଲୁ, ହେଲେ ଏବେ ତୁ ଖ୍ରୀଷ୍ଟିଆନ କିପରି ହୋଇଗଲୁ ? ତୋଠାରେ ଏତେ ପରିବର୍ତ୍ତନ କିପରି ଆସିଲା ?

**ସେ:-** ହଁ ମୁଁ ସେତେବେଳେ କିଛି ଜାଣି ନଥିଲି ତ ସେଭଳି କହୁଥିଲି । ହିନ୍ଦୁମତର କୌଣସି ଦେବାଦେବୀ ମୋର କିଛି ଲାଭ କରିପାରି ନାହାନ୍ତି, ବୁଢା ବୟସରେ ମୋର ଏତେ ଉପକାର କରୁଥିବା ଯୀଶୁ ହିନ୍ଦୁ ଦେବା-

ଦେବୀମାନଙ୍କ ଅପେକ୍ଷା ମହାନ କି ନୁହେଁ ! ମୋ ଘରେ ଖାଇବାକୁ ନଥିଲେ ମଧ୍ୟ ମୁଁ ଏଠାରେ ଖାଇ ପିଇ ସୁଖରେ ରହୁଛି, ଦିନକୁ ଦିଓଳି ସୁସ୍ୱାଦ ଖାଇବା ମିଳୁଛି । ସବୁଦିନ ସକାଳୁ ରୁଚିକର ଟିଫିନ୍ ଦେଉଛନ୍ତି । ଦିନେ ଦୋଷା ଦେଲେ ଆଉଦିନେ ପୁରି, ଆଉଦିନେ ଇଡ୍ଲି, ଉପମା ଦେଉଛନ୍ତି, ଆମକୁ ଘରେ ମିଳୁ ନଥିବା ସୁନ୍ଦର ଖାଦ୍ୟପଦାର୍ଥ ଖାଇବାକୁ ମିଳୁଛି । ସବୁ ମାଗଣାରେ ଦେଉଥିବା ଯୀଶୁ ହିନ୍ଦୁ ଦେବାଦେବୀଙ୍କ ଅପେକ୍ଷା ବଡ ହେଲେ କି ନାଇଁ !

**ମୁଁ:-** ତୋର କଣ ଧନ ସଂପତ୍ତି ନାହିଁ, ଆରେ ଯେତିକି ଅଛି ବୋଲି ମୁଁ ଜାଣିଛି ସେଥିରୁ ତୁ କିଛିମାତ୍ର ଯଦି ବିକ୍ରିକରି ଖାଇବୁ ତେବେ ଜୀବନସାରା ବସି ଖାଇପାରିବୁ ! ତୁ ଏମିତି ମାଗଣା ଆହାର ଖାଇବାକୁ ବଦଳିଗଲୁ ! ! ପୁଣି ହିନ୍ଦୁ ଦେବାଦେବୀମାନେ କିଛି ଲାଭ କଲେନି, ଯୀଶୁ ଖାଇବାକୁ ଦେଉଛନ୍ତି କହୁଛୁ । "ମୋତେ ବିଶ୍ୱାସ କଲେ ତୁମକୁ ଖାଇବାକୁ ଦେବି" ବୋଲି ଯୀଶୁ କେଉଁଠି କହିଛନ୍ତି ? ଦେଖାଇ ପାରିବୁ ? ଯୀଶୁ କହିଥିବା ବାଇବେଲ ଗ୍ରନ୍ଥର ଚାରି ସୁସମାଚାରରେ ମୋର ଗୋଟିଏ ମତ ଅଛି, ସେ ମତକୁ ଚାଲିଆସ ବୋଲି କେଉଁଠି ଲେଖାଅଛି ? ଯୀଶୁ କେଉଁଠାରେ କହି ନଥିବା କଥା ତୁ କହୁଛୁ, ତୋ ଲାଭ ପାଇଁ, ତୋ ସୁଖ ପାଇଁ ହିନ୍ଦୁମତ ଛାଡି ଖ୍ରୀଷ୍ଟମତକୁ ଯିବା ସହିତ ହିନ୍ଦୁ ଦେବାଦେବୀମାନେ ଭଲ ନୁହଁ, ଯୀଶୁ ଭଲ ବୋଲି କହୁଛୁ ! ମୁଁ ଖ୍ରୀଷ୍ଟମତର ଈଶ୍ୱର ବୋଲି ଯୀଶୁ କହିଛନ୍ତି ? ମତବ୍ୟାପ୍ତି ପାଇଁ କିଛିଲୋକ ସେମାନଙ୍କ ମତ ପ୍ରଚାରରେ ଲାଭ ଦେଖାଇବାରୁ, ତୋରି ଭଳି ଅନେକ ଲୋକ ନିଜ ମତ ଛାଡି ପରମତ ଗ୍ରହଣ କରୁଛନ୍ତି । ତୁ ଯାହା କରିଛୁ କିଛି ଭଲ କରି ନାହୁଁ ।

**ସେ:-** ମୁଁ ମତ ପରିବର୍ତ୍ତନ କରିବା ଭୁଲ୍ ବୋଲି କହୁଛୁ ପରା ! ମତ ପରିବର୍ତ୍ତନ କରିବା ଭୁଲ୍ ବୋଲି କେଉଁଠାରେ କାହା ଆରାଧ କହିଛନ୍ତି ?

ଭଗବଦ୍ଗୀତାରେ ତୁମ ଈଶ୍ୱର କହିଛନ୍ତି ? ନା ବାଇବେଲରେ ଆମ ଈଶ୍ୱର କହିଛନ୍ତି ?

**ମୁଁ:-** ଈଶ୍ୱର ଭଗବଦ୍ଗୀତାରେ କହିଥିବା ଜ୍ଞାନରେ ମତର ପ୍ରଶ୍ନ ନାହିଁ । ସେହିଭଳି ମତ ନଥିବା କାଳରେ ଯୀଶୁ କହିଥିବା ଜ୍ଞାନରେ ମଧ୍ୟ ମତର ପ୍ରଶ୍ନ ନାହିଁ । ସେଥିଲାଗି ମତ ପରିବର୍ତ୍ତନ ବାବଦରେ, ମତ ବାବଦରେ କେଉଁଠାରେ ନାହିଁ । ତା ପର କାଳରେ କୁହାଯାଇଥିବା କୋରାନରେ ଜୀବ୍ରାଇଲ୍ ଗ୍ରହ ଯାହା ଜ୍ଞାନ କହିଥିଲେ ତାହାକୁ କିଛିଲୋକ ଭ୍ରାନ୍ତ ଧାରଣା ପାଇ ମତ ବିଷୟ ଭାବିଛନ୍ତି, ସେକଥା ଏବେ ତୋତେ କହିଲେ ବୁଝି ପାରିବୁ ନାହିଁ । ଛୋଟି ଠେକୁଆକୁ ଧରିଥିବା ଲୋକ "ମୁଁ ଧରିଥିବା ଠେକୁଆର ତିନୋଟି ଗୋଡ" କହିବା ଭଳି ତୋର କିଛି ଲାଭ ପାଇଁ ମତ ବଦଳାଇ ମୁଁ ଧରିଥିବା ଈଶ୍ୱର ମହାନ ବୋଲି କହୁଛୁ । ଛୋଟି ଠେକୁଆ ଧରି ତାର ତିନୋଟି ଗୋଡ ଦେଖି ସବୁ ଠେକୁଆଙ୍କ ଗୋଡ ତିନୋଟି କହିବାରେ ଯେତିକି ସତ୍ୟ ଅଛି, ମୋ ଯୀଶୁ ମହାନ କହିବାରେ ତୋ କଥାରେ ସେତିକି ସତ୍ୟ ଅଛି । ଏବେ ମୁଁ ତୋତେ ଯାହା କହିଲେ ବି ମୁଁ ଯାହା କହୁଛି ମିଛ ତୁ ଯାହା କହୁଛୁ ସତ ବୋଲି ଭାବିବୁ । ସେଥିଲାଗି ତୋଭଳି ଲୋକ ସାଥିରେ କଥାହେବା ଅପେକ୍ଷା ଚୁପ୍ ରହିବା ଭଲ ।

ଏହା ହିନ୍ଦୁମତରୁ ଖ୍ରୀଷ୍ଟମତକୁ ପଳାଇଥିବା ଜଣେ ବ୍ୟକ୍ତିର କଥା । ଏଠାରେ ଥିବା ମତକୁ ଛାଡି ଅନ୍ୟ ମତକୁ ପଳାଇଯାଇଥିବା ବ୍ୟକ୍ତି କଣ ଭୁଲ୍ କରିଛି ? କହିଲେ ସେଠାରେ ଛୋଟି ଠେକୁଆକୁ ଧରିଥିବା ଲୋକଟି ଠେକୁଆର ତିନିଗୋଟି ଗୋଡ କହିବା ମଧ୍ୟ ଭୁଲ୍ ନୁହେଁ ବୋଲି କହି ପାରିବା । ସବୁ ଠେକୁଆଙ୍କ ଗୋଡ ତିନୋଟି ଲେଖାଏଁ ଥାଏ କହିବାରେ ସେ ଲୋକର କଥା କିଛି ଭୁଲ୍ ହୋଇଥିଲେହେଁ, ସେ ଧରିଥିବା ଠେକୁଆର ତିନୋଟି ଗୋଡ ଥିବାରୁ ସେ ସତ କହୁନାହିଁ ବୋଲି କହିପାରିବା ନାହିଁ ।

ସେହିଭଳି ମତ ବଦଳାଇଥିବା ଲୋକ ବିଷୟକୁ ଗଲେ, ମତ ବଦଳାଇଥିବା ଲୋକର ଭୁଲ୍ ଥିଲେ ମଧ୍ୟ, ସେ କହୁଥିବା କଥା ସଂପୂର୍ଣ୍ଣ ଭୁଲ୍ ବୋଲି କହିପାରିବା ନାହିଁ । ତାର କିଛି ଭୁଲ୍ ରହିଥିବା ସ୍ଥଳେ, ମତ ବଦଳାଇବା ଭଳି କରିଥିବା ବା ବୋଧ କରିଥିବା ଲୋକର କିଛି ଭୁଲ୍ ନିଶ୍ଚୟ ଅଛି ବୋଲି କହି ପାରିବା । ଈଶ୍ୱରଙ୍କ ଦୃଷ୍ଟିରେ ମତ ପରିବର୍ତ୍ତନ କରିବା ପାପ ହୋଇଥିଲେ ସେ ପାପ ମତ ପରିବର୍ତ୍ତନ କରିଥିବା ଲୋକର ଅଧା, ତାକୁ ପରିବର୍ତ୍ତନ କରାଇଥିବା ଲୋକର ପାପ ମଧ୍ୟ ଅଧା ହେବ । ଜଣେ ମତ ପ୍ରଚାରକ ତାକୁ ମତ ପରିବର୍ତ୍ତନ କରାଇବା ଭଳି କଲେ ଟଙ୍କାକରୁ ଆଠଣା ପାପ ତାର ହେଲେ ପରିବର୍ତ୍ତନ ହେଉଥିବା ଲୋକର ମଧ୍ୟ ଆଠଣାକର ପାପ ହେବ । ମତ ପରିବର୍ତ୍ତନ ନାମକ ପାପକାର୍ଯ୍ୟରେ ପରିବର୍ତ୍ତନ କରିଥିବା ଲୋକ, କରାଇଥିବା ଲୋକ ଉଭୟ ସମାନ ପାପ କରିଥାନ୍ତି । ସେଥିଲାଗି ଉଭୟଙ୍କର ସମାନ ପାପ ହୋଇଥାଏ । ଏହି ହିସାବ ଅନୁସାରେ ଜଣେ ମତ ପ୍ରଚାରକ କଷ୍ଟପୂର୍ବକ ଚେଷ୍ଟା କରି ଚାରିବର୍ଷରେ ଚାରିଶହ ଲୋକଙ୍କୁ ତା ମତ ଭିତରକୁ ନେଇଗଲା ବୋଲି ଭାବିବା । ସେତେବେଳେ ସେ ଚାରିଶହ ଲୋକଙ୍କ ପାପରେ ଭାଗିଦାର ହେବ । ମତ ପରିବର୍ତ୍ତନ କରିଥିବା ଲୋକର ଅଧା ପାପ ମଧ୍ୟ ପାପ ହୋଇ ରହିଥିବା ବେଳେ, ପରିବର୍ତ୍ତନ କରାଇଥିବା ମତ ପ୍ରଚାରକର ଚାରିଶହ ଲୋକଙ୍କ ହିସାବରେ ଦୁଇଶହ ଟଙ୍କାର ପାପ ଅର୍ଜନ କରିବ ବୋଲି ଜଣାଯାଉଛି । ଏହି ଅନୁସାରେ ମତ ପରିବର୍ତ୍ତନ କରିଥିବା ଲୋକର ପାପ କେବଳ ଆଠଣାକର ହୋଇଥିବା ସ୍ଥଳେ, ମତ ପରିବର୍ତ୍ତନ କରାଇଥିବା ଲୋକର ପାପ ଖୁବ୍ ଅଧିକ ତେଣୁ ମତ ପ୍ରଚାରକମାନେ ଅଜସ୍ର ପାପ କରୁଛନ୍ତି ବୋଲି କହିପାରିବା ।

ଏଠାରେ କିଛିଲୋକ ମତପ୍ରଚାରକମାନେ ଯାହା କରୁଛନ୍ତି ତାହା ମତପ୍ରଚାର ହୋଇଥିଲେ ମଧ୍ୟ, ତାହାକୁ ଈଶ୍ୱରଙ୍କ ସେବା ଭାବରେ ହିସାବ କରି କରୁଛନ୍ତି, ତେଣୁ ସେମାନେ କରୁଥିବା କାମରେ ପାପ କାହିଁକି ହେବ ?

ବୋଲି ଆପଣମାନେ ପଚାରି ପାରନ୍ତି । ଏଥିପାଇଁ ଆମ ତରଫରୁ ସମାଧାନ ହେଉଛି ! ଈଶ୍ୱର ତାଙ୍କ ଜ୍ଞାନ ପ୍ରଚାର କରିବାକୁ ସେବା ବୋଲି କହିଛନ୍ତି ସିନା, ମତ ପ୍ରଚାର କରିବା ସେବା ହୋଇଥାଏ ବୋଲି କହି ନାହାନ୍ତି । ଈଶ୍ୱର ତାଙ୍କ ବାଣୀରେ ମତ ନାମକ ଶବ୍ଦ ଉଠାଇନଥିବା ବେଳେ, ମଣିଷ ଈଶ୍ୱରଙ୍କ ବାଣୀରେ ମତ ପ୍ରବେଶ କରାଇବା ପାପ ହୋଇଥାଏ । ତାଛଡା ଏହା ଅମୁକ ଈଶ୍ୱରଙ୍କ ମତ ବୋଲି କହିବାରେ ଆହୁରି ଅଧିକ ପାପ ହୋଇଥାଏ, ହେଲେ ଆଜିର ଖ୍ରୀଷ୍ଟମତ ବୋଧକମାନେ ସେମାନଙ୍କ ମତକୁ ବଢାଇବାକୁ ଚେଷ୍ଟା କରୁଛନ୍ତି ସିନା, ଈଶ୍ୱର କହିଥିବା ଜ୍ଞାନକୁ ପ୍ରଚାର କରୁ ନାହାନ୍ତି ବୋଲି ଜଣାପଡିଯାଉଛି । ପ୍ରତି ପ୍ରଚାରକ ବା ବୋଧକ ଯୀଶୁଙ୍କ ଜ୍ଞାନକୁ ପ୍ରଚାରକରିବା ପରେ ଶେଷରେ "ଏହା ଯୀଶୁଙ୍କୁ ବିଶ୍ୱାସ କରୁଥିବା ଲୋକମାନଙ୍କ ପାଇଁ" ବୋଲି କହୁଛନ୍ତି । ଅର୍ଥାତ୍ ଏହି ବାଣୀ ଶୁଣୁଥିବା ଲୋକମାନେ ଯୀଶୁଙ୍କୁ ବିଶ୍ୱାସ କରି ନିଜର ଆରାଧ୍ୟ ଭାବରେ ତାଙ୍କୁ ସ୍ୱୀକାର କରିବା ଉଚିତ୍ ବୋଲି କହୁଛନ୍ତି । ଏଭଳି କହିବା ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନହେଲେ ମଧ୍ୟ ପରୋକ୍ଷ ଭାବରେ ତୁମେମାନେ ତୁମ ମତକୁ ଛାଡି ଆମ ମତକୁ ଚାଲିଆସ ବୋଲି କହିବା ଭଳି ହେଉଛି । କ୍ରୈସ୍ତବ ବୋଧକମାନେ କେତେ ବଡ ବଡ ବୋଧକ ହେଲେ ମଧ୍ୟ ସେମାନଙ୍କ ଅଜାଣତରେ ସେମାନେ ସେମମାନଙ୍କ ମତ (ଧର୍ମ)ର ପ୍ରଚାର କରୁଛନ୍ତି । ଏ ପର୍ଯ୍ୟନ୍ତ ମତ ପରିବର୍ତ୍ତନ କରିବା ପାପ ହୋଇଥାଏ ବୋଲି କହିଆସିଲି ସିନା, ମତ ପରିବର୍ତ୍ତନ କଲେ କିପରି ପାପ ହୁଏ କହି ନାହିଁ । ଏକଥା ପରେ ନିଶ୍ଚୟ କହିବି । ଏବେ ମୁସ୍ଲିମ୍ ମତରେ ମତପ୍ରଚାର ଅଛି କି ନାହିଁ ମୋ ନିଜ ଅନୁଭବ କହୁଛି ତାହା ଦେଖନ୍ତୁ ।

ସୃଷ୍ଟି ପ୍ରାରମ୍ଭରେ ଈଶ୍ୱର ମଣିଷକୁ ତାଙ୍କ ଜ୍ଞାନ ବାଣୀ ଦ୍ୱାରା (ଓହି ଦ୍ୱାରା) ଜଣାଇଥିଲେ । ସେତେବେଳେ ତାହାକୁ ସୂର୍ଯ୍ୟଗ୍ରହ ଜାଣିଥିଲେ । ପ୍ରଥମେ ସୂର୍ଯ୍ୟ ଜାଣିଥିବା ଜ୍ଞାନକୁ ଭୂମଣ୍ଡଳରେ ଆସି ମନୁ ନାମକ ବ୍ୟକ୍ତିଙ୍କୁ

ଜଣାଇଥିଲେ । ମନୁ ଇକ୍ଷ୍ୱାକୁ ନାମକ ସୂର୍ଯ୍ୟବଂଶୀ ରାଜାଙ୍କୁ ଜଣାଇବା ଦ୍ୱାରା ତାହା ସମସ୍ତଙ୍କୁ ଜଣା ପଡିଥିଲା । ଏହିଭଳି ପ୍ରଥମେ ସମସ୍ତଙ୍କୁ ଜଣା ପଡିଥିବା ଜ୍ଞାନ ଦ୍ୱାପରଯୁଗ ଆସିବା ବେଳକୁ ନଷ୍ଟ ହୋଇଯାଇ, ଅଜ୍ଞାନ ବଢିଯାଇଥିଲା, ସେତେବେଳେ ଶ୍ରୀକୃଷ୍ଣ ହୋଇ ଆସିଥିବା ଭଗବାନ ସୃଷ୍ଟି ପ୍ରାରମ୍ଭରେ କୁହାଯାଇଥିବା ସେହି ଜ୍ଞାନକୁ ଅର୍ଜୁନଙ୍କୁ କହିବା ଦ୍ୱାରା ତାହା ଭଗବଦ୍ଗୀତା ରୂପ ନେଇଥିଲା, ତା ପରକାଳରେ କଳିଯୁଗରେ ଯୀଶୁ କହିଥିବା ଜ୍ଞାନ ବାଇବେଲ ରୂପରେ ଅଛି । ବାଇବେଲ୍ କୁହାଯିବା ପରେ ଛଅ ଶହ ବର୍ଷ ଉତ୍ତାରେ ସୂର୍ଯ୍ୟ ହିଁ ଜିବ୍ରାଏଲ୍ ନାମରେ ଆସି ପ୍ରବକ୍ତା ମହମ୍ମଦ୍‌ଙ୍କୁ ସେହି ଜ୍ଞାନ କହିବାରୁ ତାହା କୋରାନ ହୋଇ ଆମ ଆଗରେ ଅଛି । ଆଜିର କାଳରେ ଦୈବଗ୍ରନ୍ଥ ବା ଐଶ୍ୱରୀୟଗ୍ରନ୍ଥ ହୋଇ ଭଗବଦ୍ଗୀତା, ବାଇବେଲ, କୋରାନ ନାମକ ସେହି ତିନି ଗ୍ରନ୍ଥ ରହିଛି । ଏହି ତିନି ଦୈବଗ୍ରନ୍ଥ ମଣିଷକୁ ଦୈବଜ୍ଞାନ ବୋଧ କରୁଛି ସିନା, ମତ ବାବଦରେ ବୋଧ କରୁ ନାହିଁ । ଏହି ଗ୍ରନ୍ଥଗୁଡିକରେ ମତର ପ୍ରଶ୍ନ ହିଁ ନାହିଁ । ଏହାର ଏକ ଉଦାହରଣ ଭାବରେ କୋରାନର ଏକ ବାକ୍ୟକୁ ଦେଖନ୍ତୁ । କୋରାନର ୮୧ତମ ସୁରାରେ ଥିବା ୨୭ତମ ଆୟତରେ-

(**ସୂଚନା :-** କୋରାନର ଆୟତଗୁଡିକୁ ମେଳାଇବା ବେଳେ ଆମେ ଲେଖିଥିବା ପ୍ରତ୍ୟେକ ଆୟତର ପର ଆୟତକୁ ମେଳାଇବେ । କାରଣ! ପ୍ରତ୍ୟେକ ସୁରାର ପ୍ରଥମ ଆୟତକୁ ଏକ ପ୍ରାର୍ଥନା ବାକ୍ୟ ଭାବରେ ହିସାବ କରାଯାଇ ଆୟତଗୁଡିକର ସଂଖ୍ୟାଲିଖନ କରାଯାଇଛି ।)

(୮୧-୨୭) **"ଏହା ସମସ୍ତ ଜଗତ ପାଇଁ ଏକ ଉପଦେଶ ମାତ୍ର"** ଏଠାରେ କୋରାନରେ କୁହାଯିବା ଭଳି ଈଶ୍ୱର କହିଥିବା କୌଣସି ଗ୍ରନ୍ଥରେ ବା ଈଶ୍ୱର ଜଣାଇଥିବା କୌଣସି ଜ୍ଞାନଗ୍ରନ୍ଥରେ, ଏହା ସମସ୍ତଙ୍କ ପାଇଁ ଏକ ଉପଦେଶ ମାତ୍ର ବୋଲି କୁହାଯାଇଛି ସିନା, ମତ ପାଇଁ ବୋଲି

କୁହାଯାଇ ନାହିଁ । ମତ ମଣିଷର ଉଦ୍ଦେଶ୍ୟ ସିନା, ଈଶ୍ୱର ମତ ବାବଦରେ କହି ନାହାନ୍ତି । ଈଶ୍ୱରଙ୍କ ଉଦ୍ଦେଶ୍ୟ ହେଉଛି ମଣିଷ କିପରି ତାଙ୍କ ଜ୍ଞାନ ଜାଣିପାରୁ । ଈଶ୍ୱର ଏକ କାଳରେ ଗୋଟିଏ ଜାତିର କିମ୍ବା ଗୋଟିଏ ବର୍ଗର ନୁହନ୍ତି । ଈଶ୍ୱର ଜଣେ ଥାଆନ୍ତି, ସେ ସମସ୍ତଙ୍କ ପାଇଁ ସମାନ, ସେଥିଲାଗି ତାଙ୍କର ଜାତି, ମତ କିଛି ବି ନଥାଏ । ତେଣୁ ସେ ତାଙ୍କ ବାଣୀରେ ଏହା ସମସ୍ତ ଜଗତ ପାଇଁ ବୋଲି କହିଛନ୍ତି । ଏହିଭଳି ଈଶ୍ୱର ଦେଇଥିବା ଜ୍ଞାନକୁ ସମସ୍ତେ ମତଗ୍ରନ୍ଥ କହୁଥିଲେ ମଧ୍ୟ ତାହା ମତଗ୍ରନ୍ଥ ନୁହେଁ ଧର୍ମଗ୍ରନ୍ଥ, ଜ୍ଞାନଗ୍ରନ୍ଥ ବୋଲି କହୁଛି ।

ତିନି ଦୈବଗ୍ରନ୍ଥରେ ଯାହା ଅଛି ତାହା ଗୋଟିଏ ସାରାଂଶ । ସୃଷ୍ଟି ପ୍ରାରମ୍ଭରେ ଯେଉଁ ଜ୍ଞାନ କୁହାଯାଇଥିଲା ତାହା ହିଁ ତିନି ଗ୍ରନ୍ଥରେ ରହିଛି । ମୋତେ ତାହା ଜଣା ପଡିଥିବାରୁ ମୁଁ ତିନି ଦୈବଗ୍ରନ୍ଥକୁ ସମାନ ସମ୍ମାନ ଦେଉଛି । ଅନ୍ୟମାନେ ତିନି ଦୈବଗ୍ରନ୍ଥକୁ ମତଗ୍ରନ୍ଥ ଭାବିଥାନ୍ତି, ଏହାକୁ ମୁଁ ଆଦୌ ପସନ୍ଦ କରେ ନାହିଁ । ମତ କହିଲେ (ଭାବରେ ସ୍ୱତନ୍ତ୍ର ସମାଜ (ମତ) ରଖି ଉପରେ ଧର୍ମ କହିଲେ) ମୋତେ ଭଲଲାଗେ ନାହିଁ । ଈଶ୍ୱରଙ୍କ ଦୃଷ୍ଟିରେ ସବୁ ସମାଜ ସମାନ । ଏହା ମୋମତ (ଧର୍ମ) ବୋଲି କହୁଥିବା ଏକ ମତାବଲମ୍ବୀ (ଧର୍ମାବଲମ୍ବୀ)ର ଦୃଷ୍ଟିରେ, ଈଶ୍ୱର ତା ମତ ଅନୁସାରେ ତାକୁ ଅଲଗା ଅଲଗା ଦେଖାଗଲେ ମଧ୍ୟ, ଈଶ୍ୱରଙ୍କ ଦୃଷ୍ଟିରେ ସମସ୍ତ ମାନବସମାଜ ଗୋଟିଏ । ଏକଥା ଜାଣି ନଥିବା ଲୋକେ ଆମ ମତ ମହାନ ବୋଲି କହୁଥିବାବେଳେ, ନାଇଁ ଆମ ମତ ମହାନ ବୋଲି ଭାବି ଆଉ କେତେକ ପ୍ରଚାର କରୁଛନ୍ତି । ସେତିକିରେ ଅଟକି ନଯାଇ ନିଜ ନିଜର ମତକୁ ପ୍ରଚାର କରୁଥାଇ, ନିଜର ମତକୁ ବଢାଇବା ଚେଷ୍ଟା କରିଥାନ୍ତି । ମତ ବଢାଇବା ପାଇଁ ଖ୍ରୀଷ୍ଟିଆନମାନେ କିପରି ତତ୍ପର ହେଉଛନ୍ତି ସେ ବାବଦରେ କିଛି ଜାଣି ପାରିଛେ । ଏବେ ଇସ୍ଲାମ ମତର ଲୋକମାନେ ମଧ୍ୟ ଖ୍ରୀଷ୍ଟିଆନ ମାନଙ୍କୁ ଦେଖି ଆମେମାନେ ମଧ୍ୟ ଆମ ମତବୃଦ୍ଧି କରିବା

ଉଚିତ୍ ଭାବି ସେମାନଙ୍କୁ ପସନ୍ଦ ହେଉଥିବା ମାର୍ଗର ଅବଲମ୍ବନ କରୁଛନ୍ତି । ହିନ୍ଦୁମାନେ ମତବୃଦ୍ଧି କରିବାକୁ ଭାବୁ ନଥିଲେ ମଧ୍ୟ ଦିନକୁ ଦିନ ସେମାନଙ୍କ ମତ(ଧର୍ମ) ଲୋପ ପାଇଯାଉଛି । ତାହା ଦେଖି ସେମାନେ ଦୁଃଖ କରିବା ସହିତ ତାହାକୁ ରକ୍ଷା କରିବା ଉଦ୍ଦେଶ୍ୟରେ ବିଭିନ୍ନ ଚେଷ୍ଟା କରୁଛନ୍ତି ।

ହିନ୍ଦୁମାନେ ଅନ୍ୟ ମତାବଲମ୍ବୀ ମାନଙ୍କୁ ଆଣି ସେମାନଙ୍କ ମତରେ ମିଶାଇଦେବେ ବୋଲି ଭାବୁ ନାହାନ୍ତି ସିନା, ହିନ୍ଦୁମତରୁ ଅନ୍ୟ ମତକୁ ପଳାଇଯାଉଥିବା ଲୋକମାନଙ୍କୁ କିପରି ଅଟକାଇବେ ସେହି ଚେଷ୍ଟାରେ ଲାଗିପଡିଛନ୍ତି; ତଥାପି ନଅଟକି ସମାଜରେ ମତ ପରିବର୍ତ୍ତନ ଯଥାବିଧିରେ ହୋଇଯାଉଛି । ଏହି ଚେଷ୍ଟାରେ ହିନ୍ଦୁମାନେ ଘଟାଉଥିବା କାଣ୍ଡ ଅନେକ ରହିଛି; ତଥାପି ହିନ୍ଦୁମାନେ ସେମାନଙ୍କ ନିଜ ମତକୁ ଛାଡି ଅନ୍ୟ ମତକୁ ପଳାଇଯିବା ବନ୍ଦ କରୁ ନାହାନ୍ତି । ହିନ୍ଦୁମାନେ ଯେତେ ଚେଷ୍ଟା କଲେ ମଧ୍ୟ ସେମାନଙ୍କ ହିନ୍ଦୁମାନଙ୍କୁ ମତ ପରିବର୍ତ୍ତନ କରିବାରୁ ଅଟକାଇ ପାରୁ ନାହାନ୍ତି, ସବୁଦିନ ହିନ୍ଦୁମାନେ ମତ ପରିବର୍ତ୍ତନ କରୁଛନ୍ତି । ଏଠାରେ ଏକ ଛୋଟ ଉଦାହରଣ ଦେଖନ୍ତୁ । ପୂର୍ବେ ସବୁବେଳେ ପୋଖରୀପୂର୍ଣ୍ଣ ପାଣି ରହୁଥିଲେ ମଧ୍ୟ ଏବେ ତାର ବନ୍ଧ ଭାଙ୍ଗିଯାଇ ଯଥାବିଧ ପାଣି ରହିପାରୁ ନାହିଁ ବୋଲି ଗୋଟିଏ ଗାଆଁର ଲୋକମାନେ ସେ ପୋଖରୀର ମରାମତି କରିବା ପାଇଁ ଅଣ୍ଟାଭିଡି "ପୁଷ୍କରିଣୀ ଜଳ ସଂରକ୍ଷକ ସଂଘ" ନାମରେ ଗୋଟିଏ ଦଳ ଗଠନ କଲେ ଏବଂ ପୋଖରୀର ବନ୍ଧକୁ ଖୁବ୍ ମଜବୁତ କରିଦେଲେ । ଏଥର ପୋଖରୀରେ ପାଣି ରହିବ ବୋଲି ଭାବିଲେ ମଧ୍ୟ ପୋଖରୀପାଣି ପୁଣି କମିଗଲା । ତା ଦେଖି ଆମ ପୋଖରୀରୁ କେହି ପାଣି ଚୋରିକରି ନେଇଯାଉଛି ବୋଲି ସେମାନେ ଭାବିଲେ । ସେଥିଲାଗି ପୋଖରୀ ପାଖରେ ଯଦି ଅନ୍ୟ ଗାଆଁର କୌଣସି ଲୋକକୁ ଦେଖିଲେ ତାକୁ ତୁ ଆମ ପୋଖରୀରୁ ପାଣି ଚୋରାଉଛୁ କହି ପିଟିଲେ । ଏହିଭଳି ସେ ପୋଖରୀକୁ ପାଣି ପିଇବାକୁ ଆସୁଥିବା ଲୋକମାନଙ୍କୁ, ପୋଖରୀ କଡ ଦେଇ ଯାଉଥିବା ଲୋକମାନଙ୍କୁ,

ଅଜାଣତରେ ପୋଖରୀକୁ ଆସିଥିବା କୌଣସି ବାହାର ଲୋକକୁ ଦେଖି "ପୁଷ୍କରିଣୀ ଜଳ ସଂରକ୍ଷକ ସଂଘ"ର ଲୋକମାନେ ମାଡଗାଳି କଲେ । ଏହା ଦ୍ୱାରା ସେମାନଙ୍କ ପୋଖରୀ ପାଖକୁ ଆସିଲେ ମାଡ ମାରୁଛନ୍ତି କହି ପାଖାପାଖି ଗାଆଁର ଲୋକମାନେ ସେମାନଙ୍କୁ ଖୁବ୍ ନିନ୍ଦାକଲେ, ସେମାନଙ୍କ ପୋଖରୀକୁ ପ୍ରବଳ ଶୋଷ ହେଉଥିବା ଲୋକେ ମଧ୍ୟ ପାଣି ଟୋପାଏ ପିଇବାକୁ ମାଡ ଭୟରେ ଆସିଲେ ନାହିଁ । ବନ୍ଧ ଭାଙ୍ଗିଲେ କି ପମ୍ପ୍ ଲଗାଇ ଟାଣିଲେ ପୋଖରୀରୁ ପାଣି ଶୁଖିଯିବ ସିନା, କେହି ପାଣି ପିଇଦେଲେ ଶୁଖିଯିବ ବୋଲି ଭାବିବା ମୂର୍ଖାମି ! ତଥାପି ସେମାନଙ୍କ ଚେଷ୍ଟା ଜାରିରଖି ଏହିଭଳି "ପୁଷ୍କରିଣୀ ଜଳ ସଂରକ୍ଷକ ସଂଘ"ର ଲୋକମାନଙ୍କୁ ନିନ୍ଦା ଶୁଣିବାକୁ ପଡିଲା ସିନା ପୋଖରୀରେ ପାଣି ରହିଲା ନାହିଁ । ପୋଖରୀରୁ ପାଣି ଶୁଖିଯିବାର କାରଣ ଆଉ କଣ ହୋଇଥିବ ବୋଲି କେହି ମଧ୍ୟ ଆଲୋଚନା କଲେ ନାହିଁ, କିନ୍ତୁ ସେମାନଙ୍କ ପୋଖରୀ ମଝିରେ ଗୋଟିଏ କଣା (ରନ୍ଧ୍ର) ହୋଇ ତାହା ମାଟି ଭିତରେ ଭିତରେ ଗୋଟିଏ କିଲୋମିଟର ଦୂରରେ ବାହାରି ଚଷଜମିକୁ ଚାଲିଯାଉଥିଲା । ପୁଷ୍କରିଣୀ ଜଳ ସଂରକ୍ଷକ ସଂଘର ଲୋକମାନେ କେହି ମଧ୍ୟ ଏହି କାରଣକୁ ନଖୋଜି ଅନ୍ୟମାନଙ୍କୁ ମାଡପିଟ କରୁଥିଲେ । ସେମାନେ ଯଦି ଏହି କାରଣକୁ ଜାଣିପାରି ପାଣି ବାହାରିଯିବାକୁ କୌଣସି ଉପାୟରେ ଅଟକାଇ ପାରିଥାନ୍ତେ ତେବେ ସେମାନେ ଜଳ ସଂରକ୍ଷଣ କରିବା ଭଳି ହୋଇଥାନ୍ତା । ତା ନକରି ଅସଲ କାରଣକୁ ନଜାଣି, ପାଣି ପିଇବାକୁ ଆସୁଥିବା ଲୋକମାନଙ୍କୁ ମାଡମାରି ତଡିଦେଇ ତାହା ହିଁ ଆମର ଜଳ ସଂରକ୍ଷଣ ଭାବିଲେ, ସେମାନଙ୍କୁ ନିନ୍ଦା ମିଳିବନି ତ ଆଉ କଣ ସୁନାମ ମିଳିବ !

ହେଲେ ଆଜି ହିନ୍ଦୁଧର୍ମ ରକ୍ଷଣ ସଂସ୍ଥାର ଲୋକମାନେ ପୁଷ୍କରିଣୀ ଜଳ ସଂରକ୍ଷକ ସଂଘର ଲୋକମାନେ ପାଣି ପିଇବାକୁ ଆସୁଥିବା ଲୋକମାନଙ୍କୁ ପିଟି ତଡିଦେବା ଭଳି, ପର ମତ ନାଆଁ ଶୁଣୁ ଶୁଣୁ ମାରିବା, ପିଟିବାକୁ ଅଣ୍ଟା

ଭିଡୁଛନ୍ତି ସିନା, ହିନ୍ଦୁମତ ଲୋପ ପାଇଯିବାର ଅସଲ କାରଣ ଉପରେ ଦୃଷ୍ଟି ନିକ୍ଷେପ କରିପାରୁ ନାହାନ୍ତି । ପୋଖରୀରୁ ପାଣି କାହିଁକି ଶୁଖିଯାଉଛି ନଜାଣି ଲୋକେ ପାଣି ପିଇ ଆମ ପାଣି ଶୁଖାଇଦେଉଛନ୍ତି ଭାବିବା କଣ ସଂପୂର୍ଣ୍ଣ ଭୁଲ୍ ନୁହେଁ! ଏହି ପ୍ରକାରର ଭୁଲ୍ ହିନ୍ଦୁ ରକ୍ଷଣ ସଂସ୍ଥାର ଲୋକମାନେ କରୁଛନ୍ତି । ସେମାନଙ୍କୁ ହିନ୍ଦୁରକ୍ଷଣ କିପରି କରାଯିବ ତାହା ସଂପୂର୍ଣ୍ଣ ଜଣା ନଯିବା ଦ୍ୱାରା ସେହିମାନେ ହିଁ ହିନ୍ଦୁଲୋପର କାରଣ ହେଉଛନ୍ତି ବୋଲି କହି ପାରିବା । ହିନ୍ଦୁମତ ଲୋପ ହୋଇଯିବାର କାରଣ ହେଉଛି ହିନ୍ଦୁମାନଙ୍କୁ ହିନ୍ଦୁଧର୍ମ କଅଣ ଜଣାନଯିବା । ହିନ୍ଦୁମାନଙ୍କୁ ହିନ୍ଦୁମାନେ ହିଁ ଚିହ୍ନିପାରୁ ନାହାନ୍ତି, ସେମାନଙ୍କର ବିଚାରଣ ଶକ୍ତି ହିଁ ନାହିଁ । ଜଣେ ସର୍ବଜ୍ଞ ବୋଲି କହୁଥାଇ ଯାହା କହିଲେ ତାଆରି କଥାକୁ ମାନିବା, ନିଜ ମତର ଲୋକଙ୍କୁ ପରମତ ଭାବିବା ହିଁ ହିନ୍ଦୁମାନଙ୍କର ପୂର୍ବରୁ ରହିଆସିଥିବା ତ୍ରୁଟି, ସେଥିଲାଗି ଦିନେ ଅଦ୍ୱୈତମାନେ ବିଶିଷ୍ଟାଦ୍ୱୈତ ମାନଙ୍କୁ ହିଂସା କରିଥିଲେ । ହିନ୍ଦୁମତର ଅଦ୍ୱୈତମାନେ ହିନ୍ଦୁ ହୋଇ ମଧ୍ୟ ଜଣେ ହିନ୍ଦୁ ହୋଇଥିବା ବୁଦ୍ଧଙ୍କୁ ହିନ୍ଦୁ ନୁହେଁ କହି ତଡିଦେଇଥିଲେ । ଏହିଭଳି ହିନ୍ଦୁମାନେ ହିଁ ହିନ୍ଦୁତ୍ୱକୁ ବଳହୀନ କରି ଆସିଛନ୍ତି ବୋଲି ଅନେକ ପ୍ରମାଣ ଅଛି । ଆଜି ହିନ୍ଦୁମତରେ ଏକ ଉନ୍ନତ ସିଦ୍ଧାନ୍ତ ହୋଇଥିବା ତ୍ରୈତସିଦ୍ଧାନ୍ତକୁ ବିଶ୍ୱାସ କରୁଥିବା ହିନ୍ଦୁମାନଙ୍କୁ ପରମତର ବୋଲି କିଛିଲୋକ କହୁଛନ୍ତି । ସ୍ୱୟଂ ତ୍ରୈତସିଦ୍ଧାନ୍ତ ବୋଧ କରୁଥିବା ଆମକୁ ମଧ୍ୟ ଅଦ୍ୱୈତ ସିଦ୍ଧାନ୍ତର ଲୋକମାନେ ଖ୍ରୀଷ୍ଟିଆନ ବୋଲି କହିଲେଣି, ଏହିଭଳି ହିନ୍ଦୁମତର ଏକ ସିଦ୍ଧାନ୍ତକୁ ମାନୁଥିବା ଲୋକମାନେ ମଧ୍ୟ (ଅଦ୍ୱୈତମାନେ) ସଂପୂର୍ଣ୍ଣ ହିନ୍ଦୁଧର୍ମ ବୋଧ କରୁଥିବା ତ୍ରୈତ ସିଦ୍ଧାନ୍ତକୁ ପରମତ ବୋଲି କିପରି କହି ପାରୁଛନ୍ତି ? ସେମାନଙ୍କଠାରେ ଆଲୋଚନା ଶକ୍ତି ହିଁ ନାହିଁ, ଏପରି ବିଚାର ରହିତ ହୋଇ କେତେକ ଆମ ଉପରେ ଆକ୍ରମଣ କରିବାକୁ ମଧ୍ୟ ପଛାଉ ନାହାନ୍ତି, ଏହାର ମୂଳ କାରଣ ହେଉଛି ହିନ୍ଦୁମାନେ ହିନ୍ଦୁଧର୍ମ କଅଣ ନଜାଣିବା । କଅଣ ନିଜମତ, କଅଣ ପର

ମତ ଜାଣି ନପାରିବା ସ୍ଥିତିକୁ ହିନ୍ଦୁମାନେ ଆସିଲେଣି । ଗୋଟିଏ ଦିଗରେ ହିନ୍ଦୁମାନେ ଖ୍ରୀଷ୍ଟିଆନ ବୋଧକମାନଙ୍କ ପ୍ରଲୋଭନରେ ବଶୀଭୂତ ହୋଇ ଖ୍ରୀଷ୍ଟିଆନ ହୋଇଯାଉଥିବା ବେଳେ, ଆଉ ଗୋଟିଏ ଦିଗରେ ହିନ୍ଦୁମାନେ ହିନ୍ଦୁମାନଙ୍କୁ ଚିହ୍ନି ନପାରି ପରମତ ବୋଲି କହି ବୁଦ୍ଧଙ୍କ ଭଳି ବ୍ୟକ୍ତିମାନଙ୍କୁ ହିନ୍ଦୁମତରୁ ଦୂର କରିବା, ହିନ୍ଦୁମାନଙ୍କ ସିଦ୍ଧାନ୍ତକର୍ତ୍ତା ହୋଇଥିବା ଆମଭଳି ଲୋକମାନଙ୍କୁ ପରମତର ବୋଲି କହିବା, ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ହିନ୍ଦୁମତର ବୋଲି ନ କହିବା ହିନ୍ଦୁମତ ଲୋପ ହୋଇଯିବାର କାରଣ ହୋଇ ରହିଛି ।

ହିନ୍ଦୁମାନଙ୍କ ସଂକୁଚିତ ସ୍ୱଭାବ ନଯିବା ପର୍ଯ୍ୟନ୍ତ, ହିନ୍ଦୁ ହୋଇ ରହିଥିବା ଲୋକମାନଙ୍କୁ ହିନ୍ଦୁଧର୍ମ କଣ ଜଣା ନପଡିବା ପର୍ଯ୍ୟନ୍ତ, ହିନ୍ଦୁମତ ରକ୍ଷଣ ସଂସ୍ଥାଗୁଡିକ ନିଜ ହିନ୍ଦୁମାନଙ୍କୁ ନିଜେ ନଜାଣିବା ପର୍ଯ୍ୟନ୍ତ, ଅଦ୍ୱୈତ ମାନଙ୍କ ଅଧିନରେ ହିନ୍ଦୁମତ ରହି ସେମାନେ ବିଶିଷ୍ଟାଦ୍ୱୈତ, ଦ୍ୱୈତ, ତ୍ରୈତ ମାନଙ୍କ ଉପରେ କରୁଥିବା ଆକ୍ରମଣ ବନ୍ଦ ନହେବା ପର୍ଯ୍ୟନ୍ତ ହିନ୍ଦୁମତ ଅନ୍ୟ ମତାବଲମ୍ବୀ ମାନଙ୍କ ଆଗରେ ଲୋପ ପାଇ ଚାଲିଥିବ । ହିନ୍ଦୁମତରେ ଏହି ଦୁର୍ନୀତି ରହିଥିବା ପର୍ଯ୍ୟନ୍ତ ତାକୁ କେହି ଅଧୋଗତିରୁ ବଞ୍ଚିତ କରିପାରିବେ ନାହିଁ । କେଇଶହ ବର୍ଷରୁ ହିନ୍ଦୁମତ ଏହିଭଳି ଲୋପ ପାଇ ଆସୁଥିଲେ ମଧ୍ୟ, ଆଜି ପର୍ଯ୍ୟନ୍ତ ନିଜର ତ୍ରୁଟିକୁ ଚିହ୍ନିନପାରି, କେତେକ ହିନ୍ଦୁମାନେ ମତ ରକ୍ଷଣ ନାମରେ ହିଂସାମାର୍ଗ ଅନୁସରଣ କରିବା, ସେଭଳି ଘଟଣାମାନ ତିଆରି କରିବା, ଭୁଲ୍ ବାହାନାରେ ହିନ୍ଦୁମାନଙ୍କୁ ହିନ୍ଦୁମାନେ ହିଂସା କରିବା ଉଚିତ୍ କାର୍ଯ୍ୟ ନୁହେଁ ବୋଲି ଆମେ ଜଣାଉଛୁ । ଏସବୁ ମୋ ଅନୁଭବର କଥା କହୁଛି ବୋଲି ଜାଣନ୍ତୁ । ଗୋଟିଏ ଦିଗରେ ଖ୍ରୀଷ୍ଟିଆନମାନେ ସେମାନଙ୍କ ମତକୁ ଖୁବ୍ ବେଗରେ ଆଗକୁ ବଢାଇ ନେଉଥିବା ବେଳେ, ଆଉ ଗୋଟିଏ ଦିଗରେ ମୁସ୍ଲିମମାନେ ହିନ୍ଦୁମାନଙ୍କୁ ଧିରେ ଧରେ ସେମାନଙ୍କ ମତକୁ ଟାଣି ନେଉଛନ୍ତି । ଦୁଇ ଦିଗରେ ଖ୍ରୀଷ୍ଟିଆନ, ମୁସଲମାନ ମାନଙ୍କ

ହାତକୁ ଚାଲିଯାଉଛନ୍ତି ହିନ୍ଦୁମାନେ । ଆଜି ମୁସ୍ଲିମମାନେ ଖ୍ରୀଷ୍ଟିଆନ ହେଉ ନାହାନ୍ତି କି ଖ୍ରୀଷ୍ଟିଆନମାନେ ମୁସ୍ଲିମ୍ ହେଉ ନାହାନ୍ତି । ସେପଟେ ଖ୍ରୀଷ୍ଟ ମତକୁ ହେଉ, ଏପଟେ ମୁସ୍ଲିମ୍ ମତକୁ ହେଉ ଯଦି କେହି ପଳାୟନ କରୁଛି ତେବେ ସେ ନିଶ୍ଚୟ ହିନ୍ଦୁ ହୋଇଥିବ । ହିନ୍ଦୁମାନେ ନିଜର ମତକୁ ଛାଡି ପଳାଇ ଯାଉଥିବାରୁ ଆଜି ଖ୍ରୀଷ୍ଟିଆନମାନଙ୍କ ସଂଖ୍ୟା ହୁ ହୁ ହୋଇ ବଢିଚାଲିଛି ।

କେବଳ ହିନ୍ଦୁମାନଙ୍କ ବ୍ୟତୀତ ଖ୍ରୀଷ୍ଟିଆନମାନେ, ମୁସ୍ଲିମମାନେ ସେମାନଙ୍କ ମତବିସ୍ତାର କରିବା ପାଇଁ ଦୃଢନିଶ୍ଚୟ ହୋଇ ରହିଛନ୍ତି । ସେଥିପାଇଁ ସେହି ଦୁଇ ମତର ଲୋକମାନେ ହିନ୍ଦୁମାନଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିଯୋଗୀତା କରିବା ଭଳି ଆଗେଇ ଚାଲିଛନ୍ତି । ଏଇ ମଧ୍ୟକାଳୀନ ସମୟରେ ଉକ୍ତ ଦୁଇ ମତର ଲୋକମାନେ ହିନ୍ଦୁମାନଙ୍କର ଅତି ପ୍ରିୟ ହୋଇଥିବା ବେଦବାଣୀ କହି, ସେଥିରେ ସେମାନଙ୍କ ମତ ବାବଦରେ କୁହାଯାଇଛି ବୋଲି କହି, ଦେଖାଇ, ବେଦ ମଧ୍ୟ ସେମାନଙ୍କ ମତକୁ ପଳାଇ ଆସିବାକୁ ଆହ୍ୱାନ କରୁଛି ବୋଲି କହୁଛନ୍ତି । ପ୍ରଥମେ ଏହି ବେଦ ଯୋଜନାକୁ ଖ୍ରୀଷ୍ଟିଆନମାନେ ଆରମ୍ଭ କରି ବେଦର ଅତି ନିକଟରେ ଥିବା ବ୍ରାହ୍ମଣମାନଙ୍କୁ ମଧ୍ୟ ସେମାନଙ୍କ ମତକୁ ଟାଣି ନେଇଛନ୍ତି । ଏକ ଉଦାହରଣ ଭାବରେ ଦେଖିଲେ, ବ୍ରାହ୍ମଣମାନଙ୍କ ଭିତରେ ନୈଷ୍ଠିକ ବ୍ରାହ୍ମଣ ବୋଲାଉଥିବା ପରବସ୍ତୁ ସୂର୍ଯ୍ୟନାରାୟଣ ନାମକ ଜଣେ ବ୍ୟକ୍ତିଙ୍କୁ ସେମାନଙ୍କ ମତକୁ ଟାଣି ନେଇ, ତାଙ୍କୁ ସେମାନଙ୍କ ମତରେ ଫାଦର ପଦବୀ ଦେଇ, ତାଙ୍କରି ଦ୍ୱାରା ସେମାନଙ୍କ ମତ ପ୍ରଚାର କରିବାରେ ଲାଗିଛନ୍ତି ବୋଲି ଜଣାପଡିଛି ।

ଏହିରୂପେ ଖ୍ରୀଷ୍ଟିଆନମାନେ ବିବିଧ ଉପାୟ ଅବଲମ୍ବନ କରି ହିନ୍ଦୁମାନଙ୍କୁ ସେମାନଙ୍କ ମତ ଭିତରକୁ ଟାଣିନେବାକୁ ଚେଷ୍ଟା ଜାରି ରଖିଥିବା ସ୍ଥଳେ, ସେମାନଙ୍କୁ ଦେଖୁଥିବା ମୁସ୍ଲିମମାନେ ମଧ୍ୟ ଏଇ ମଧ୍ୟକାଳୀନ ସମୟରେ ହିନ୍ଦୁମାନଙ୍କୁ ମୋହିତ କରି ସେମାନଙ୍କ ମତକୁ ଭିଡିନେବା ଯତ୍ନ କରୁଛନ୍ତି । ଆମେ ହିନ୍ଦୁମାନଙ୍କୁ ବଦଳାଇ ନାହୁଁ ବୋଲି ଖ୍ରୀଷ୍ଟିଆନମାନେ,

ମୁସ୍ଲିମମାନେ କହୁଥିଲେ ମଧ୍ୟ ହିନ୍ଦୁମାନେ ସେମାନଙ୍କ ମତକୁ ଚାଲିଯାଉଛନ୍ତି କହିବା ଜଗତଜଣା ସତ୍ୟ ହୋଇ ରହିଛି । ଭଗବଦ୍ଗୀତାର ଜ୍ଞାନ ବାଇବେଲ, କୋରାନରେ ରହିବା ଦ୍ୱାରା ତିନି ଗ୍ରନ୍ଥ ଗୋଟିଏ ଦୈବଜ୍ଞାନକୁ ସୂଚିତ କରୁଛି ବୋଲି ଆମେ କହିଆସୁଛୁ । ହେଲେ କେହି ମଧ୍ୟ ଏଭଳି ଭାବୁ ନାହାନ୍ତି । ଯାହା ମତକୁ ଯିଏ ମହାନ କହି ଯାହା ମତକୁ ଯିଏ ବଢାଇବାରେ ଲାଗି ପଡିଛନ୍ତି । ଏହି ଚେଷ୍ଟାରେ ଖ୍ରୀଷ୍ଟିଆନମାନଙ୍କୁ ଦେଖୁଥିବା ମୁସ୍ଲିମମାନେ ମଧ୍ୟ ଭିତରେ ଭିତରେ ମତବିସ୍ତାର ଉପରେ ଦୃଷ୍ଟି ଦେଇ, କେଉଁଠି କେଉଁଠି ଅଲଗା ଅଲଗା ନାଆଁରେ ସଂଘଗୁଡିଏ ସ୍ଥାପନ କରି ସେମାନଙ୍କ ମତ ବିସ୍ତାର କରିବେ ବୋଲି ଭାବୁଛନ୍ତି, କିନ୍ତୁ ଖ୍ରୀଷ୍ଟିଆନମାନଙ୍କ ଭଳି ପ୍ରଲୋଭ ଦେଖାଇ ପାରୁନାହାନ୍ତି, ସେମାନେ ସେମାନଙ୍କ ମତ ଜ୍ଞାନକୁ କହି, ଈଶ୍ୱର ଜଣେ ବୋଲି ବୁଝାଇ ସେମାନଙ୍କ ମଧୁବାଣୀ ଦ୍ୱାରା ହିନ୍ଦୁମାନଙ୍କୁ ଆକୃଷ୍ଟ କରୁଛନ୍ତି । ମୁସ୍ଲିମମାନେ ମଧ୍ୟ ଖ୍ରୀଷ୍ଟିଆନମାନଙ୍କ ଭଳି ନହୋଇ କିଛି ନ୍ୟାୟନୀତି ବଜାୟ ରଖି ସେମାନଙ୍କ ଜ୍ଞାନପ୍ରଚାର ଦ୍ୱାରା ହିନ୍ଦୁମାନଙ୍କୁ ଆକୃଷ୍ଟ କରିବାକୁ ଭାବୁଛନ୍ତି ।

ଅନେକ ଦେବାଦେବୀଙ୍କ ଆରାଧନାରେ ବୁଡି ରହିଥିବା ହିନ୍ଦୁମାନଙ୍କୁ ସେମାନଙ୍କ ଏକେଶ୍ୱର ଉପାସନା (ତୌହୀଦ୍) ବାବଦରେ କହି, ସେମାନଙ୍କ ମତକୁ ଟାଣିନେବାକୁ ଚାହୁଁଥିବା ମୁସ୍ଲିମମାନେ, ତଦନୁଗୁଣ ସଂଘଗୁଡିଏ ଆଗୁଆ ସ୍ଥାପନ କରିଛନ୍ତି । ତାପରେ ଉନ୍ନତ ସ୍ମୃତିବାନ, ଧିଶାଳୀ ଲୋକମାନଙ୍କୁ ବାଛି ସେମାନଙ୍କ ମତରେ ମୁଖ୍ୟ ସ୍ଥାନ ଦେଇ ରଖିଛନ୍ତି । ମୁସ୍ଲିମମାନଙ୍କ ଭିତରେ ଚତୁର, ସ୍ମୃତିବାନ, ପାଣ୍ଡିତ୍ୟ ଥିବା ଲୋକମାନେ ସେହି ସଂଘଗୁଡିକରେ ମୁଖ୍ୟ ଭାବରେ ରହି, କୋରାନକୁ କଣ୍ଠସ୍ଥ କରିବା ସହିତ ହିନ୍ଦୁମାନଙ୍କର ଧାର୍ମିକ ଗ୍ରନ୍ଥ କୁହାଯାଉଥିବା ବେଦ, ଉପନିଷଦ, ଭଗବଦ୍ଗୀତା ଇତ୍ୟାଦିର ପେଜ୍ ନମ୍ବର ସହିତ ମନେରଖି ଯେଉଁଠି ଦରକାର ସେଇଠି କହିପାରନ୍ତି, ସେମାନେ ଏପରି ମନେ ରଖିଥାନ୍ତି ଯେ,

ବହୁଶା ହିନ୍ଦୁମାନଙ୍କ ବେଦପଣ୍ଡିତମାନେ ମଧ୍ୟ ସେଭଳି ମନେରଖନ୍ତି ନାହିଁ ବୋଲି କହି ପାରିବା । ଏହିଭଳି ତାଲିମ୍ ପାଇଥିବା ମୁସ୍ଲିମମାନେ ଅନର୍ଗଳ ଭାବରେ ବେଦ, ଉପନିଷଦ, ଭଗବଦ୍ଗୀତାର ଶ୍ଳୋକଗୁଡ଼ିକୁ କହି ପାରୁଛନ୍ତି ସେମାନେ ଶ୍ଳୋକଗୁଡ଼ିକୁ କହୁଥିବାବେଳେ କେହି ଶୁଣିଲେ ସତରେ କଣ ଏ ବ୍ୟକ୍ତି ମୁସ୍ଲିମ୍ ହୋଇଥିବ ! ବୋଲି ସଂଦେହ ଆସିଯାଏ । କେଉଁ କଥା କେଉଁ ଫର୍ଦ୍ଦରେ ଅଛି ସେମାନେ ଅତି ସହଜରେ କଥା ପ୍ରସଂଗରେ କହି ପାରୁଛନ୍ତି ଦେଖିଲେ, କେହି ମଧ୍ୟ ଆଶ୍ଚର୍ଯ୍ୟ ନହୋଇ ରହି ପାରିବ ନାହିଁ, କିନ୍ତୁ ଏତେ ସ୍ମରଣଶକ୍ତି ଦେଇଥିବା ସେମାନଙ୍କୁ ଈଶ୍ୱର ଜ୍ଞାନଶକ୍ତି ଦେଇ ନାହାନ୍ତି । ସେଥିଲାଗି ସେମାନେ ସେମାନଙ୍କ ପାଣ୍ଡିତ୍ୟର ବ୍ୟବହାର କରି ହିନ୍ଦୁମାନଙ୍କୁ ସେମାନଙ୍କ ମତ ଭିତରକୁ ଟାଣିନେବାକୁ ଚେଷ୍ଟା କରୁଛନ୍ତି । କୌଣସି କୌଣସି ସ୍ଥାନରେ କୌଣସି ଏକ ବାହାନାରେ ଜନ ସମାବେଶ ଆୟୋଜନ କରି, ସେଠାରେ ଭଗବଦ୍ଗୀତା, ବେଦ, ଉପନିଷଦାଦି କହି, ଶେଷରେ ସମସ୍ତଙ୍କଠାରୁ ଆମ ଜ୍ଞାନ ହିଁ ମହାନ ବୋଲି କହୁଛନ୍ତି । ଭଗବତ୍ ଗୀତା, ବେଦ, ଉପନିଷଦରେ ଥିବା ସେମାନଙ୍କ ଅନୁକୂଳିତ ଶ୍ଳୋକଗୁଡ଼ିକୁ ନେଇ କହିବା ଦ୍ୱାରା ଶୁଣୁଥିବା ଲୋକମାନେ ସେମାନଙ୍କ କଥା ହିଁ ସତ୍ୟ ଭାବିବା ଭଳି କରୁଛନ୍ତି । ଇନ୍ଦୁମତର ସଂପୂର୍ଣ୍ଣ ଜ୍ଞାନ ଜାଣିଥିବା ଲୋକମାନଙ୍କୁ ସେମାନଙ୍କୁ ସେମାନଙ୍କ କଥାରେ ତ୍ରୁଟି କେଉଁଠାରେ ଅଛି ଜଣା ପଡୁଥିଲେ ମଧ୍ୟ, ସାଧାରଣ ପ୍ରଜାମାନଙ୍କୁ ତାହା ବୁଝାପଡୁ ନଥିବାରୁ ସେମାନେ ଯାହା କହୁଛନ୍ତି ତାହାକୁ ଏମାନେ ସତ୍ୟ ବୋଲି ବିଶ୍ୱାସ କରୁଛନ୍ତି । ମୁସ୍ଲିମମାନେ ସେମାନଙ୍କ ବାଣୀ ଦ୍ୱାରା ଅନ୍ୟମାନଙ୍କୁ ଜ୍ଞାନୀ କରିବା ପାଇଁ ଉଦ୍ଦେଶ୍ୟ ରଖିବା ଖୁବ୍ ଭଲ, କିନ୍ତୁ ସେମାନେ ଜ୍ଞାନର ସୂକ୍ଷ୍ମ ବିଷୟ ନ କହି ସ୍ଥୁଳ ବିଷୟ କହିବା ଦ୍ୱାରା ଜ୍ଞାନ ଜାଣିଥିବା ଲୋକମାନଙ୍କୁ ତହିଁରେ ତ୍ରୁଟି ପରିଲକ୍ଷିତ ହେଉଥିଲେ ମଧ୍ୟ, ଜ୍ଞାନ ଜାଣି ନଥିବା ଲୋକମାନେ କୌଣସି ତ୍ରୁଟିକୁ ବାରି ନପାରି ସତରେ ଈଶ୍ୱର ଏହିଭଳି ହିଁ କହିଥିବେ ବୋଲି ଭାବୁଛନ୍ତି ।

ହିନ୍ଦୁମତରେ ଦେବତାମାନଙ୍କୁ ପୂଜା କରିବା ଛଡା, ହିନ୍ଦୁଧର୍ମ କ'ଣ ଜଣା ନଯିବା ଦ୍ୱାରା, ହିନ୍ଦୁମାନଙ୍କ ଭିତରେ କିଛି ଅସନ୍ତୃପ୍ତି ରହିଛି । ତାଛଡା ହିନ୍ଦୁମତରେ ଛୁଆଁ ଅଛୁଆଁ ନାମକ ଜାତିଆଣ ଭାବ ରହିବା, ଆମେ ଈଶ୍ୱରଙ୍କର ଅତି ପ୍ରିୟଲୋକ କହି ଗୋଟିଏ ବର୍ଗର ଲୋକେ ପୂଜାରୀ ହୋଇ ରହିବା, ଗୋଟିଏ ବର୍ଗର ଲୋକେ କହିଲେ ଗୋଟିଏ ବର୍ଗର ଲୋକେ ସେମାନଙ୍କ କଥା ମାନିବା ଇତ୍ୟାଦି କାରଣ ଦ୍ୱାରା, ସମସ୍ତେ ସମାନ ଭାବରେ ସଂପୂର୍ଣ୍ଣ ସ୍ୱାଧୀନତା ନପାଇ କେତେକ କେତେକଙ୍କ ଅଧିନରେ ରହିବା ଦ୍ୱାରା, ହିନ୍ଦୁମାନଙ୍କ ଭିତରେ ଆମେ ହିଁ ବଡ ବୋଲି କିଛିଲୋକ କହିବା ଦ୍ୱାରା, ହିନ୍ଦୁମତର ନୀଚଜାତିର ଲୋକମାନେ ଅସନ୍ତୃପ୍ତିରେ ରହିଥାନ୍ତି ବୋଲି ଗ୍ରହଣ କରିପାରିଥିବା ଖ୍ରୀଷ୍ଟିଆନମାନେ, ମୁସ଼୍ଲିମମାନେ ସେମାନଙ୍କ ମଧୁର ବାଣୀବୋଧ କରି, ଲାଭ ଦେଖାଇ, ଲୋଭ ବଢାଇ ସେମାନଙ୍କୁ ନିଜ ନିଜ ମତ ଭିତରକୁ ଟାଣି ନେଉଛନ୍ତି । ହିନ୍ଦୁମତରେ ଅଦ୍ୱୈତ, ଦ୍ୱୈତ, ବିଶିଷ୍ଟାଦ୍ୱୈତ ନାମକ ସିଦ୍ଧାନ୍ତଗୁଡିଏ ରହିବା ଭଳି ଆମେ ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରି, ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ହିଁ ରହିଛି ବୋଲି ଦେଖାଇ, ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ଲେଖି ମୁଦ୍ରଣ କରିଥିବା ବେଳେ, ହିନ୍ଦୁ ମତରେ ଆମେ ବଡ ବୋଲି କହୁଥିବା ଲୋକମାନେ ଆମକୁ ଦେଖି ସହି ନପାରି ଏମାନେ ଖ୍ରୀଷ୍ଟମତ ତରଫରୁ ବୋଧ କରୁଛନ୍ତି, ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ଖ୍ରୀଷ୍ଟମତକୁ ବଳ ଯୋଗାଉଛି କହି ଆମ ନାଆଁରେ ଦୁଷ୍ପ୍ରଚାର କରି ଆମର ନିନ୍ଦା କରିଛନ୍ତି । ଏ ବିଷୟକୁ ଜାଣି ପାରିଥିବା ଖ୍ରୀଷ୍ଟିଆନମାନେ ଆମକୁ ଦିନେ ସେମାନଙ୍କ ମତ ଭିତରକୁ ଆହ୍ୱାନ କରିଥିଲେ । ସେତେବେଳେ ଆମେ ସେମାନଙ୍କୁ ମତ ପରିବର୍ତ୍ତନ କରିବା ଦୈବଦ୍ରୋହ ହୋଇଥାଏ, ଆମେ ଆମ ମତକୁ ପରିବର୍ତ୍ତନ କରିପାରିବୁ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲୁ ।

ବାସ୍ତବରେ ଆମ ବାଣୀବୋଧ କୌଣସି ମତର ବ୍ୟତିରେକ ନୁହେଁ । ଆମେ ଭଗବଦ୍‌ଗୀତାର ଜ୍ଞାନ କହିବା ଦ୍ୱାରା, ଭଗବଦ୍ଗୀତାର ଜ୍ଞାନ ମଧ୍ୟ ବାଇବେଲ, କୋରାନରେ ରହିବା ଦ୍ୱାରା ଆମ ବୋଧନ କୌଣସି ମତର ବିରୁଦ୍ଧ ହୋଇନଥାଏ । ଗୀତାରେ ଏକେଶ୍ୱର ଉପାସନା ଅଛି ବୋଲି ଆମେ କହିବା ଦ୍ୱାରା, ହିନ୍ଦୁମାନଙ୍କ ଭିତରେ ଥିବା କେତେ ସ୍ୱାମୀଜୀମାନଙ୍କୁ, ମତବୃଦ୍ଧ ପୁରୁଖାମାନଙ୍କୁ ଆମେ ଟିକିଏ ବିରୁଦ୍ଧ ଦେଖାଯାଉଥିବାରୁ, ପ୍ରାୟ ଦୁଇବର୍ଷ ତଳେ ଆମ ଭକ୍ତମାନଙ୍କ ଉପରେ ହିନ୍ଦୁ ମତର ରକ୍ଷକ ବୋଲାଉଥିବା ଲୋକମାନେ କଳହ, ମାଡପିଟ କରିବାବେଳେ, ଆମ ଭକ୍ତମାନେ ପ୍ରେସ୍‌ମିଟ୍ ଡକାଇ "ଆମେମାନେ ହିନ୍ଦୁ ହୋଇଥିଲେ ମଧ୍ୟ ଆପଣମାନେ ଆମକୁ ଅଯଥା ଅପମାନିତ କରୁଛନ୍ତି, ଆମକୁ ହିନ୍ଦୁ ନକହି ଖ୍ରୀଷ୍ଟିଆନ କହୁଛନ୍ତି ! ତାହେଲେ ଆମେ ଏ ହିନ୍ଦୁମତରେ ରହି କଣ ଲାଭ ? ଆମକୁ ଅଯଥା ନିନ୍ଦା ଅପବାଦ ଦେଇ, ଧମକ ଦେଇ, ଶେଷରେ ମାଡଗାଳି କରୁଥିବା ହିନ୍ଦୁମତରେ ଆଉ ଆମେ ରହିବାକୁ ଇଚ୍ଛା କରୁ ନାହୁଁ । ସେଥିଲାଗି ଆମେମାନେ ସାମୂହିକ ଭାବରେ ଇସ୍ଲାମରେ ପ୍ରବେଶ କରି ମୁସଲମାନ ହେବାକୁ ଭାବୁଛୁ" ବୋଲି ହାଇଦ୍ରାବାଦର ବସିର୍ବାଗ୍ ପ୍ରେସ୍ କ୍ଲବ୍‌ରେ ଆୟୋଜନ କରିଥିବା ପ୍ରେସ୍‌ମିଟ୍‌ରେ କହିଥିଲେ । ଏକଥା ମୁଁ ଜାଣିପାରି ଆମ ଭକ୍ତମାନଙ୍କୁ ଡାକି ନାନାକଥା କହିଥିଲି । ତାଛଡା "ହିନ୍ଦୁମତରେ ଜାତିଆଣ ଭାବ ରହିବା ଦ୍ୱାରା ପୂର୍ବରୁ ହିନ୍ଦୁମତ ଏଇଭଳି ଭାବରେ ଲୋପ ପାଇ ଆସୁଛି । ଆମେ ହିନ୍ଦୁମତରେ ସବୁଠାରୁ ବଡ ବୋଲି ଯେଉଁମାନେ ଭାବୁଛନ୍ତି ସେହିମାନଙ୍କ ସକାଶେ ଦିନେ ବୌଦ୍ଧମତ ସୃଷ୍ଟିହୋଇ ହିନ୍ଦୁମତରୁ ଅନେକ ଲୋକ ଚାଲିଯାଇଥିଲେ । ଆଜି ତ୍ରୈତସିଦ୍ଧାନ୍ତ ଆଦିକର୍ତ୍ତା ହୋଇଥିବା ମୋତେ ମଧ୍ୟ କିଛିଲୋକ ଇଏ ଜଣେ ଶୂଦ୍ର ଭାବ ନେଇ ତ୍ରୈତ ସିଦ୍ଧାନ୍ତକୁ ହିନ୍ଦୁମତର ନୁହେଁ ବୋଲି କହୁଛନ୍ତି । ସେମାନଙ୍କ କଥାକୁ ଦେହରେ ନେଇ ଆମେ ଯଦି ମତ ବଦଳାଇଦେବା ତେବେ ହିନ୍ଦୁମତ ଆହୁରି ଲୋପ

ପାଇଯିବ । ବାସ୍ତବରେ ଆଜି କ୍ଷୀଣ ଦଶାରେ ଥିବା ହିନ୍ଦୁମତକୁ ଆମେ ହିଁ ରକ୍ଷା କରିବା ଉଚିତ୍ । ସେମାନଙ୍କ କଥାରେ ପ୍ରଭାବିତ ହୋଇ ତୁମେମାନେ କାହିଁକି ମତ ବଦଳାଇବ ବୋଲି ଭାବୁଛ" ବୋଲି କହିଥିଲି ।

ଘଟିଥିବା ଘଟଣାରେ ପ୍ରେସ୍‌ମିଟ୍ ଖବରକୁ ମୁସ୍ଲିମମାନେ ଜାଣି ପାରିଥିଲେ । ଆମେ ମୁସ୍ଲିମ୍ ହୋଇଯିବାକୁ ଭାବୁଥିବାରୁ କେତେଜଣ ମୁସ୍ଲିମ୍ ପୁରୁଖାମାନେ ତାହା ଜାଣିଯିବା ଦ୍ୱାରା ଦିନେ ଭାଇଜାଗ୍‌ରେ ଦଶଜଣ ମୁସ୍ଲିମ୍ ପୁରୁଖାମାନେ ମୋତେ ଡାକି ସେମାନଙ୍କ ମତକୁ ଆହ୍ୱାନ କରିଥିଲେ, କିନ୍ତୁ ମୁଁ ସେଦିନ ସେମାନଙ୍କୁ ସିଧା ମନା ନକରି, ହଁ ମୁଁ ହିନ୍ଦୁମତ ଛାଡି ମୁସ୍ଲିମ୍ ହୋଇଯିବି ବୋଲି କହିଥିଲି, କିନ୍ତୁ ସେମାନଙ୍କ ପାଖରେ ଗୋଟିଏ ସର୍ତ୍ତ ରଖିଥିଲି । ସେ ସର୍ତ୍ତ ସେମାନେ ପୂରଣ କରିପାରିଲେ ନାହିଁ କି ମୁଁ ମତ ପରିବର୍ତ୍ତନ କରି ନଥିଲି । ପ୍ରାୟ ଦୁଇବର୍ଷ ତଳେ ସେମାନଙ୍କ ସହିତ ଯେଉଁ ସମ୍ଭାଷଣ ହୋଇଥିଲା ତାହା ତଳେ ଲେଖୁଛି ଦେଖନ୍ତୁ ।

**ମୁସ୍ଲିମ୍ ପୁରୁଖାମାନେ :-** ଆପଣ ଜଣେ ହିନ୍ଦୁ ଗୁରୁ ବୋଲି ଅନେକ ହିନ୍ଦୁମାନେ କହୁଥିବା ଶୁଣିଛୁ, କିନ୍ତୁ ସବୁ ହିନ୍ଦୁଗୁରୁମାନେ କହିବା ଭଳି ଆପଣ ନକହି ସମସ୍ତଙ୍କର ଈଶ୍ୱର ଜଣେ ବୋଲି ଜୋରଦେଇ କହିବା ସହିତ ଏକେଶ୍ୱର ଉପାସନା ବାବଦରେ କହୁଛନ୍ତି । ଆମ ମତରେ ଏକେଶ୍ୱର ଉପାସନାକୁ ତୌହୀଦ୍ କୁହାଯାଏ । ସେଥିଲାଗି ଆପଣଙ୍କ ଭାବ ସହିତ ଆମମାନଙ୍କ ଭାବ୍ ଖୁବ୍ ନିକଟରେ ମେଳଖାଉଛି । ଆପଣ ଯଦି ଆମ ମତକୁ ଚାଲିଆସିବେ ତେବେ ଆମେମାନେ ଆପଣଙ୍କୁ ଆମ ମତରେ ଜଣେ ମତବୃଦ୍ଧ ଭାବରେ ସମସ୍ତଙ୍କୁ ପରିଚୟ କରାଇଦେବୁ । ସେଥିଲାଗି ଅତି ଆଦରରେ ଆପଣଙ୍କୁ ଆମେମାନେ ଆମ ମତ ଭିତରକୁ ଆହ୍ୱାନ କରୁଛୁ । ଆପଣ ମଧ୍ୟ ଆମ କଥାକୁ ରଖି ସସମ୍ମାନେ ଆମ ମତକୁ ଆସନ୍ତୁ ବୋଲି ଭାବୁଛୁ ।

**ମୁଁ:-** ଇସ୍ଲାମ ଉପରେ ମୋର ଅମାପ ସ୍ନେହ ସମ୍ମାନ ଅଛି । ତେଣୁ ଆପଣମାନେ କହିବା ଅନୁସାରେ ମୁଁ ଆପଣମାନଙ୍କ ମତକୁ ଯାଇପାରେ, କିନ୍ତୁ ମୁଁ ଜଣେ ଗୁରୁ ବୋଲି ଆପଣମାନେ କହୁଛନ୍ତି, ତାଛଡା ଆପଣଙ୍କ ମତକୁ ଗଲେ ମୋତେ ଉଚ୍ଚ ଆସନ ଦେବେ ବୋଲି ଭାବୁଛନ୍ତି, ସେତେବେଳେ ଯଦି ମୋତେ କେହି ଇସ୍ଲାମ ସମ୍ବନ୍ଧୀୟ କୌଣସି ପ୍ରଶ୍ନ ପଚାରନ୍ତି, ତେବେ ମୁଁ ତାର ଉତ୍ତର ଜାଣିଥିଲେ ସିନା କହିବି ! ମୁଁ ଭଗବଦ୍ଗୀତା ବାବଦରେ କହିପାରେ, ହେଲେ କୋରାନ ବିଷୟରେ ପଚାରିଲେ ମୁଁ ଭଗବଦ୍ଗୀତା ବିଷୟରେ କହିପାରିବା ଭଳି ତ କହିପାରିବି ନାହିଁ ! ଏଇଭଳି ଭାବରେ ଯଦି ମୁଁ ଆପଣଙ୍କ ମତକୁ ଚାଲିଯାଏ ତେବେ ସବୁ ଦିଗରୁ ଅସୁବିଧା ହେବନା !

**ମୁସ୍ଲିମ୍ ପୁରୁଖାମାନେ :-** ଆପଣ ଭଗବଦ୍ଗୀତା ପଢିଥିବା ଭଳି କୋରାନ ଦୁଇଥର ପଢିଦେଲେ ସେଥିରୁ କୌଣସି ପ୍ରଶ୍ନର ଉତ୍ତର ଦେଇ ପାରିବେ । ଆପଣ ଥରେ ପଢି ଦେଖନ୍ତୁ । କୌଣସି ବିଷୟକୁ ମଧ୍ୟ ଆପଣ ବିବରଣାତ୍ମକ କହିପାରିବେ । ଆପଣ ଥରେ ଚେଷ୍ଟା କରି ଦେଖନ୍ତୁ, ଆପଣ ହିଁ ଜାଣି ପାରିବେ ଆମେ ସତ କହୁଛୁ କି ମିଛ କହୁଛୁ ।

**ମୁଁ:-** ମୁଁ ଏହା ପୂର୍ବରୁ ଥରେ ଦୁଇଥର ନୁହେଁ ଚାରି ଚାରିଥର କୋରାନ ପଢିସାରିଛି । ଅନେକ ବିଷୟକୁ ବୁଝିଗଲି, କିନ୍ତୁ ସେଥିରେ ମୋତେ କିଛି ବୁଝାପଡୁନଥିବା ବିଷୟ ମଧ୍ୟ ରହିଛି, ସେଗୁଡିକୁ ମୁଁ ବୁଝିପାରିଲି ନାହିଁ ।

**ମୁସ୍ଲିମ୍ ପୁରୁଖାମାନେ :-** ଆପଣଙ୍କୁ ବୁଝାପଡି ନଥିବା କିଛି ଆୟତ (ବାକ୍ୟ) ଯଦି ଅଛି ଆମକୁ ପଚାରନ୍ତୁ । ଆମେ ଥରେ ବୁଝାଇ କହିଦେଲେ ଆପଣ ତାହାକୁ କେତେବେଳେ ମଧ୍ୟ କାହାକୁ ବୁଝାଇ କହି ପାରିବେ ।

**ମୁଁ:-** ମୁଁ ଏହା ପୂର୍ବରୁ କେତୋଟି ବାକ୍ୟ ବାବଦରେ ଅନ୍ୟ ମୁସ୍ଲିମମାନଙ୍କୁ ପଚାରିଥିଲି । ସେମାନେ ମୋତେ ଯାହା ଉତ୍ତର ଦେଇଥିଲେ ତାହା

ମୋତେ ଆଦୌ ବୁଝାପଡିଲା ନାହିଁ କି ସେମାନଙ୍କ ଉତ୍ତର ମୋତେ ପସନ୍ଦ ହେଲା ନାହିଁ । ତାପରେ ମୁଁ ବୁଝିପାରିଲି ଯେ କୋରାନକୁ ମୁସ୍ଲିମମାନେ ଯେତେବେଳେ ସଠିକ୍ ବୁଝି ନାହାନ୍ତି, ମୁଁ ବା କିପରି କୋରାନ ବାବଦରେ କହିପାରିବି ? ମୋ ଉପରେ ମୋର ଅବିଶ୍ୱାସ ଆସିଗଲା ।

**ମୁସ୍ଲିମ୍ ପୁରୁଖାମାନେ:-** ଆପଣ ସେମାନଙ୍କୁ କଣ ପଚାରିଥିଲେ, ସେମାନେ ଆପଣଙ୍କୁ କି ଜବାବ ଦେଲେ ! ସେ କଥା ଛାଡନ୍ତୁ, ଏବେ ଆମେ ଆପଣଙ୍କ ସାମ୍ନାରେ ଅଛୁ, ଆମକୁ ପଚାରନ୍ତୁ, ଆପଣଙ୍କୁ ଯାହା ବୁଝାପଡି ନାହିଁ ତାହାକୁ ଆମେ ସଂପୂର୍ଣ୍ଣ ବୁଝାଇଦେବୁ । କୋରାନର ବିଷୟକୁ ଆପଣ ଥରେ ବୁଝିଗଲେ ସହଜରେ କହି ପାରିବେ । ଆପଣଙ୍କର ବୁଝିବା କ୍ଷମତା ଅଛି, ପୁଣି ବିବରଣାତ୍ମକ ବୁଝାଇପାରିବା କ୍ଷମତା ମଧ୍ୟ ଅଛି, ଯାହା ପଚାରିବା କଥା ପଚାରନ୍ତୁ ।

(ତାପରେ ମୁଁ କୋରାନର ଷଷ୍ଠତମ ସୁରାରେ ଥିବା ୯୫ତମ(୯୬) ଆୟତ ବାବଦରେ ପଚାରିଲି, କିନ୍ତୁ ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ ତାର ଉତ୍ତର ଦେଇ ପାରିଲେ ନାହିଁ । ଶେଷରେ ତାହା ଛାଡିଦେବାକୁ ଉଦ୍ୟମ କଲେ ମଧ୍ୟ ମୁଁ ସେମାନଙ୍କୁ ଛାଡିଲି ନାହିଁ ସେମାନେ କୌଣସି ଏକ ସମାଧାନ କରିଦେଇ କଥା ଆଗକୁ ବଢାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ମୁଁ ତାହା ସ୍ୱୀକାର ନ କରି ସେମାନଙ୍କଠାରୁ ସଂପୂର୍ଣ୍ଣ ଉତ୍ତର ଚାହିଁଲି, ସେତେବେଳେ ସେମାନେ ସେହି ବିଷୟରେ ସଂପୂର୍ଣ୍ଣ ଅଡୁଆରେ ପଡିଯାଇଛନ୍ତି ବୋଲି ମୁଁ ବୁଝି ପାରିଲି । କୋରାନ ଗ୍ରନ୍ଥରେ କେଉଁଠି କେଉଁଠି ଅତି ମୂଲ୍ୟବାନ ରତ୍ନ ଭଳି ବାକ୍ୟଗୁଡିଏ ଦେଖିବାକୁ ମିଳିଥାଏ, ହୀରାଠାରୁ ମଧ୍ୟ ମୂଲ୍ୟବାନ ହୋଇଥିବା ସେହି ବାକ୍ୟଗୁଡିକର ବ୍ୟାଖ୍ୟା କେହି କରିପାରିବା ଅସମ୍ଭବ, ଏକଥା ସେମାନେ ନଜାଣି ମୋ ପ୍ରଶ୍ନର ଉତ୍ତର ଦେଇଦେବେ ବୋଲି ମୋ ସର୍ତ୍ତକୁ ସ୍ୱୀକାର କରିଥିଲେ । ମୁଁ ପଚାରିଥିବା (୬-୯୫) ଆୟତର

ବିବରଣୀକୁ ଜାଣିବାକୁ ହେଲେ, ବୈଜ୍ଞାନିକମାନଙ୍କୁ ଆଉ ଶହେବର୍ଷ ତପସ୍ୟା (ଗବେଷଣା) କରିବାକୁ ପଡିବ, ସେତେବେଳକୁ ସେମାନଙ୍କ ଗବେଷଣା ଶେଷହୋଇଥିଲେ କେଜାଣି କହିପାରିବେ, ନଚେତ ନାଇଁ । କୋରାନ ଗ୍ରନ୍ଥ ପଢିଲେଖି ଜାଣିନଥିବା ମହମ୍ମଦ୍ ପ୍ରବକ୍ତା ମହାଶୟ କହିଥିଲେ ମଧ୍ୟ, ତାଙ୍କୁ ତାହା ଖଗୋଳର ଜଣେ ମହାନ ଦୈବଜ୍ଞାନ ଜାଣିଥିବା ଜିବ୍ରାଇଲ୍ ନାମକ ଗ୍ରହ କହିଥିଲେ । ତେଣୁ ଅନେକ ସନ୍ଦର୍ଭରେ ବୈଜ୍ଞାନିକମାନଙ୍କୁ ମଧ୍ୟ ବୁଝାପଡୁ ନଥିବା ବିଜ୍ଞାନ, ଆଧ୍ୟାତ୍ମିକବେତ୍ତାମାନଙ୍କୁ ବୁଝାପଡୁ ନଥିବା ଆତ୍ମଜ୍ଞାନ ରହିଥିବାରୁ କୋରାନ ଗ୍ରନ୍ଥକୁ ଆମେ ସଂପୂର୍ଣ୍ଣ ବୁଝିଯାଇଛୁ ବୋଲି କେହି ମଧ୍ୟ ଧୈର୍ଯ୍ୟର ସହିତ କହିପାରିବେ ନାହିଁ । ଏହିଭଳି ରହସ୍ୟମୟ ବାକ୍ୟ କୋରାନରେ ପଢିବା କ୍ରମରେ ଦେଖିବାକୁ ମିଳିବା ବେଳେ, ଏହା ଅତି ସୂକ୍ଷ୍ମବାକ୍ୟ ବୋଲି ସୂଚିତ କରିବା ଭଳି, ବାକ୍ୟ ଶେଷରେ କିଛିନା କିଛି ସୂଚନା ରହିଥାଏ । ସେହି ଅନୁସାରେ ଏହା ବୁଝିବାରେ ଅତି କଷ୍ଟକର ବାକ୍ୟ  ବୋଲି ଆମେ ବୁଝି ପାରିବା । ମୁଁ  ସେମାନଙ୍କୁ ଯେଉଁ ବାକ୍ୟ ପଚାରିଥିଲି  ସେହି ବାକ୍ୟ  ଶେଷରେ **"ତୁମେମାନେ କିପରି ଫେରିଯାଉଅଛ ?"** । ତାହା ହିନ୍ଦୀ ଭାଷାର କୋରାନରେ "ଫିର୍ ତୁମ୍ କାହାଁ ବହକାଏ ଜା ରହେ ହୋ" ବୋଲି, ତେଲୁଗୁ ଭାଷା କୋରାନରେ (ଅନୁବାଦିତ) **"ସତ୍ୟକୁ ଛାଡି କୁଆଡେ ପଳାଇଯାଉଛ"** ବୋଲି ଓଡିଆ ଭାଷା କୋରାନରେ ଲେଖାଯାଇଛି । ଏହାର ଅର୍ଥ ବିଭିନ୍ନ ଭାଷାରେ ଅଲଗା ଅଲଗା ଶୁଣିବାକୁ ମିଳୁଥିଲେ ମଧ୍ୟ ସବୁଥିରେ ଗୋଟିଏ ଭାବ ରହିଛି ଯେ, "ତୁମେମାନେ ଏହାକୁ ସଠିକ୍ ବୁଝିପାରି ନାହଁ" । ଏହିଭଳି ବାକ୍ୟର ଆଉ ଗୋଟିଏ ଉଦାହରଣ ନେଲେ ୩ୟ ସୁରାର ୭ମ(୮ମ) ଆୟତରେ **"ବୁଦ୍ଧିମାନ ଲୋକଙ୍କ ବ୍ୟତୀତ ଅନ୍ୟ କେହି ଉପଦେଶ ଗ୍ରହଣ କରନ୍ତି ନାହିଁ"** । ଏହିଭଳି ବୁଝିବାକୁ କଷ୍ଟ ହେଉଥିବା ଆୟତଗୁଡିକର ଶେଷରେ ସୂଚନା ଦିଆଯାଇଥାଏ । ସୂଚନାକୁ ଦେଖି ଏହା ବୋଧଗମ୍ୟ ନୁହେଁ ବୋଲି

ଜାଣିହୁଏ । କିନ୍ତୁ ସେହି ମୁସ୍ଲିମ୍‌ମାନେ ଏହି ବିଷୟକୁ ଭୁଲିଯାଇ ସବୁଗୁଡିକୁ ସାଧାରଣ ବାକ୍ୟ ଭାବିଥିଲେ । ସେଥିଲାଗି ମୁଁ ପଚାରିଥିବା ୬ଷ୍ଠ ସୁରାର ୯୫(୯୬)ତମ ଆୟତ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଇନପାରି ଅଡୁଆରେ ପଡିଗଲେ । ସେମାନଙ୍କ ସହିତ ମୁଁ ଆଉ କଣ କଥା ହୋଇଥିଲି ଲେଖୁଛି ଦେଖନ୍ତୁ ।)

**ମୁଁ:-** କୋରାନ ଗ୍ରନ୍ଥରେ କେଉଁଠି କେଉଁଠି କେହି ବୁଝି ନପାରିବା ଭଳି ବାକ୍ୟମାନ ଦେଖାଯାଉଛି । ସେଗୁଡିକ ଭିତରୁ ମୁଁ ଆପଣଙ୍କୁ ମାତ୍ର କେତେଗୋଟି ପଚାରୁଛି, ଆପଣମାନେ ସେଗୁଡିକର ଉତ୍ତର ଦେଇ ପାରିଲେ ମୁଁ କୋରାନକୁ ବୁଝିଯିବା ଭଳି ହୋଇଯିବ । ତାପରେ ମୁଁ ମୁସ୍ଲିମ୍ ହୋଇଗଲେ କିଛିକଥା ନାହିଁ, କାହାର ପ୍ରଶ୍ନପାଇଁ ଜବାବ ଦେଇପାରିବି । ନାଇଁ ମୋର ଏହି ସଂଦେହ ଯଦି ଦୂର ନହେଲା ତେବେ କାହା ପ୍ରଶ୍ନର ଉତ୍ତର ଦେଇ ନପାରି ମୁଁ ଲଜ୍ଜିତ ହୋଇଯିବି, ତାଛଡା ମୁଁ ମୁସ୍ଲିମ୍ ହୋଇ କିଛି ଲାଭ ରହିବ ନାହିଁ, ତେଣୁ ପ୍ରଥମେ କୋରାନ ଗ୍ରନ୍ଥକୁ ମୁଁ ବୁଝିସାରିବା ପରେ, ଆପଣ କହିବା ଅନୁସାରେ ମୁସ୍ଲିମ୍ ହୋଇଗଲେ ଭଲହେବ । କାରଣ ! କୋରାନର ବିବରଣୀ ନଜାଣି ମୁଁ ମୁସ୍ଲିମ୍ ହେବା ଅପେକ୍ଷା ଚୁପ୍ ରହିବା ବରଂ ଭଲ । ଏବେ ମୋତେ ବୁଝାପଡିନଥିବା ଆୟତଗୁଡିକ ଭିତରୁ ଗୋଟିଏ ପଚାରୁଛି କୁହନ୍ତୁ । ଷଷ୍ଠତମ ସୁରାର ପଞ୍ଚାନବେତମ (୯୬) ଆୟତରେ ଅଛି ଯେ **"ବାସ୍ତବରେ ଅଲ୍ଲାଃ ବୀଜ ଓ ଟାକୁଆକୁ ଅଙ୍କୁରିତ କରାନ୍ତି; ସେ ଜୀବନ୍ତକୁ ମୃତ୍ୟୁଠାରୁ ବାହାର କରାନ୍ତି ଓ ମୃତକୁ ଜୀବନ୍ତଠାରୁ ବାହାର କରାନ୍ତି; ସେ ହିଁ ତୁମମାନଙ୍କର ଅଲ୍ଲାଃ, ତେବେ କୁହ "ତୁମମୋନେ କିପରି ଫେରିଯାଉଅଛ ?"** ଏହି ବାକ୍ୟକୁ କିପରି ବୁଝିବାକୁ ହେବ ? ଯଦି ମୋତେ କିଏ ଏଇ ବାବଦରେ ପଚାରିବ ମୁଁ ତାକୁ କଣ କହିବି ?

**ମୁସ୍ଲିମ୍ ପୁରୁଖାମାନେ :-** ଏ ବିଷୟ ତ ସେତେ ବଡ ବିଷୟ ନୁହେଁ! ଏହାର ବିବରଣ ତ ସହଜରେ କହିହେବ । ଅଲ୍ଲାଃ ଆମ୍ଭର ଟାକୁଆକୁ ହେଉ, ନଡିଆକୁ ହେଉ ଫଟାଇ ଗଜାକରାନ୍ତି ବା ଗଛ କରାନ୍ତି । ସେହିଭଳି ଟାକୁଆ ପରି ନହୋଇ ରହିଥିବା ଅନ୍ୟାନ୍ୟ ମଞ୍ଜିଗୁଡିକୁ ମଧ୍ୟ ସେ ଅଙ୍କୁରୋଦ୍ଗମ ବା ଗଜା କରାନ୍ତି, ଏହା ତ ସମସ୍ତେ ଜାଣିଥିବା ବିଷୟ । ତାପରେ ଜୀବନ ଥିବା କୁକୁଡାଛୁଆକୁ କିମ୍ବା କୌଣସି ପକ୍ଷୀଛୁଆକୁ ଜୀବ ନଥିବା ଡିମ୍ବ ଭିତରୁ ଅଲ୍ଲାଃ ବାହାରକୁ ଅଣାନ୍ତି । ସେହିଭଳି ଜୀବ ନଥିବା ଡିମ୍ବକୁ ସେ କୁକୁଡା କିମ୍ବା ପକ୍ଷୀମାନଙ୍କଠାରୁ ବାହାର କରାନ୍ତି । ଏଥିରେ ତ ବୁଝି ନହେବା ଭଳି ବିଷୟ କିଛି ନାହିଁ । ତେଣୁ ଏହି ବାକ୍ୟକୁ ଏହିଭଳି ବୁଝାଇ କହନ୍ତୁ ।

**ମୁଁ:-** ଏହି ବାକ୍ୟକୁ ମୁଁ ଏହା ପୂର୍ବରୁ ମଧ୍ୟ ଆପଣ କହିବା ଭଳି ବୁଝାଇ କହିଥିଲି, ହେଲେ ସେମାନେ ମୋତେ ପୁନଃ ପଚାରିଲେ, ସଂପୂର୍ଣ୍ଣ ବିବରଣ ଦରକାର ବୋଲି କହିଲେ, ସେମାନଙ୍କର ମୋ ଉତ୍ତର ଭିତରେ ଆଉ ସଂଦେହ ଥିଲା, କିନ୍ତୁ ମୁଁ ଉତ୍ତର ଦେଇ ପାରିଲି ନାହିଁ । ସେମାନେ ହୁଏତ ଅଯଥା ପ୍ରଶ୍ନ ପଚାରୁଥାଇ ପାରନ୍ତି ବୋଲି ଦେଖିଲେ, ତା ମଧ୍ୟ ନଥିଲା, ସେମାନେ ଯାହା ପଚାରୁଥିଲେ ତାହା ମଧ୍ୟ ପଦ୍ଧତିବଦ୍ଧ ପ୍ରଶ୍ନ ଥିଲା । ମୁଁ ସତରେ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇ ପାରିଲି ନାହିଁ । ସେତେବେଳେ ମୁଁ କୋରାନକୁ ଆଉ ଭଲରେ ବୁଝିବାକୁ ହେବ, ଏ ପର୍ଯ୍ୟନ୍ତ ମୋତେ ତାହା ସଂପୂର୍ଣ୍ଣ ବୁଝାପଡି ନାହିଁ ବୋଲି ଜାଣିଗଲି ।

**ମୁସ୍ଲିମ୍ ପୁରୁଖାମାନେ :-** ସେମାନେ ପୁଣି କେଉଁ ପ୍ରଶ୍ନ କଲେ ? ଏଥିରେ ଉତ୍ତର ଦେଇ ହେଉନଥିବା ରହସ୍ୟ ବା କେଉଁଠି ଅଛି ?

**ମୁଁ:-** ସେମାନେ ପଚାରିଲେ ଯେ, "ଈଶ୍ୱର (ଅଲ୍ଲାଃ) ସୃଷ୍ଟି କରିଥିବା ସୃଷ୍ଟି ତିନି ପ୍ରକାରର ଅଛି, ତନ୍ମଧ୍ୟରୁ ଗୋଟିଏ ଉଭିଜ । ଉଭିଜ କହିଲେ, ମାଟିରୁ

ଜନ୍ମ ହେଉଥିବା ବୀଜ । ମାଟିରେ ପଡିଥିବା ବା ପୋତାଯାଇଥିବା ମଞ୍ଜି ଫାଟି ଗଜା ହୋଇ ଗଛ ହୋଇଥାଏ । ସେହିଭଳି ମାଟି ଭିତରେ ଥିବା ଟାକୁଆ, ନଡିଆ, ତାଳ ଇତ୍ୟାଦି ଫାଟି ଗଜା ହୋଇଥାଏ । ଏହିଭଳି ମାଟିରୁ ଗଛ ଉଠାଇବା କାର୍ଯ୍ୟ ଈଶ୍ୱର (ଅଲ୍ଲାଃ) ହିଁ କରିଥାନ୍ତି ବୋଲି ଆମେ ବିଶ୍ୱାସ କରିବାକୁ ପଡିବ । ଏହି ବିଷୟକୁ ମହାଜ୍ଞାନୀ ଜିବ୍ରାଇଲ୍ ମଧ୍ୟ କହିଛନ୍ତି । ଈଶ୍ୱରଙ୍କ ସୃଷ୍ଟିରେ ଲତା, ବୃକ୍ଷ, ମହାବୃକ୍ଷ ଇତ୍ୟାଦି ଜନ୍ମ ହେଉଥିବା ସ୍ଥଳେ, ଅଣ୍ଡଜ ନାମକ ଦ୍ୱିତୀୟ ଉପାୟରେ ଡିମ୍ବରୁ ବା ଅଣ୍ଡାରୁ ଅନେକ ଜୀବ ଜନ୍ମ ହୋଇଥାନ୍ତି । ଅଣ୍ଡଜ, ପିଣ୍ଡଜ, ଉଦ୍ଭିଜ ନାମକ ତିନି ବିଧାନ ଭିତରୁ ସୃଷ୍ଟିରେ ମାଟିରୁ ମଞ୍ଜି କିମ୍ବା ଟାକୁଆରୁ ଉଦ୍ଭିଜମାନେ ପ୍ରଥମ ବିଧାନରେ ଜନ୍ମ ହୋଇଥାନ୍ତି । ଦ୍ୱିତୀୟ ସୃଷ୍ଟି ଅଣ୍ଡା ବା ଡିମ୍ବରୁ ହୋଇଥାଏ । ପକ୍ଷୀ, ସାପ,ବେଙ୍ଗ, ଝିଟିପିଟି ଇତ୍ୟାଦି ଅନେକ ଜାତିର ଜୀବମାନେ ଅଣ୍ଡାରୁ ଜନ୍ମ ହୋଇଥାନ୍ତି । ଏହିଭଳି ମାଟିରେ ଘୁସୁରି ବଞ୍ଚୁଥିବା, ଆକାଶରେ ଉଡୁଥିବା, ଭୂପୃଷ୍ଠରେ ବଞ୍ଚୁଥିବା ଅନେକ ଜୀବରାଶି ଅଣ୍ଡାରୁ ଜନ୍ମ ହେଉଥିବାରୁ ସେମାନଙ୍କୁ ଅଣ୍ଡଜ ବୋଲି କହୁଛେ ।

ଈଶ୍ୱରଙ୍କ ସୃଷ୍ଟିର ତୃତୀୟ ବିଧାନ ହେଉଛି ପିଣ୍ଡଜ । ଯେଉଁମାନେ ପିଣ୍ଡରୁ ଜନ୍ମ ହୋଇଥାନ୍ତି ସେମାନଙ୍କୁ ପିଣ୍ଡଜ କୁହାଯାଏ । ପିଣ୍ଡଜ କହିଲେ ଗର୍ଭରେ ରହି ଯେଉଁମାନେ ପ୍ରସବିତ ହୋଇଥାନ୍ତି ବୋଲି ସହଜରେ ବୁଝି ପାରିବା । ମଣିଷ, ଜନ୍ତୁ ଇତ୍ୟାଦି ଏହି ଶ୍ରେଣୀର । ତେବେ ଏହି ବାକ୍ୟରେ ଉଦ୍ଭିଜମାନେ (ମାଟିରୁ ମଞ୍ଜି ଦ୍ୱାରା ଜନ୍ମ ହେଉଥିବା) ଏବଂ ଅଣ୍ଡଜମାନେ ଅଛନ୍ତି ବୋଲି ଜଣାଯାଉଛି । କିନ୍ତୁ ଜିବ୍ରାଏଲ୍ ଏହି ସୃଷ୍ଟି ତିନି ପ୍ରକାରର ଅଛି ବୋଲି କହିଛନ୍ତି । "ସେ ଜୀବନ୍ତକୁ ମୃତ୍ୟୁଠାରୁ ବାହାର କରାନ୍ତି" କୁହାଯିବା ଦ୍ୱାରା ତାହା କେବଳ ଅଣ୍ଡଜମାନଙ୍କ ଭିତରେ ପରିମିତ ହୋଇଯାଉଛି । ତାପରେ "ମୃତକୁ ଜୀବନ୍ତଠାରୁ ବାହାର କରାନ୍ତି" କହିବା ଅଣ୍ଡଜମାନଙ୍କ ପାଇଁ ଉଚିତ୍ ହେଉ ନାହିଁ । କାହିଁକିନା ବଳକା ରହିଥିବା ତୃତୀୟ ନିୟମ ମଧ୍ୟ

ଅଛିନା ! ତେଣୁ ପିଣ୍ଡଜମାନଙ୍କ କଥା ଏଠାରେ କୁଆଡେ ଗଲା ?" ବୋଲି ପଚାରୁଛନ୍ତି । ତାଛଡା ଯଦି ତୃତୀୟଟିକୁ ପିଣ୍ଡଜ କହିବା ତେବେ "ମୃତକୁ ଜୀବନ୍ତଠାରୁ କିପରି ବାହାର କରାନ୍ତି କହନ୍ତୁ ?" ବୋଲି ପଚାରିଥିଲେ । ଏଇକଥା ମୋତେ ଟିକିଏ ବୁଝାଇ ଦିଅନ୍ତୁ ?

**ମୁସ୍ଲିମ୍ ପୁରୁଖାମାନେ :-** ଏଠାରେ ମୃତକୁ ଜୀବନ୍ତଠାରୁ ବାହାର କରାନ୍ତି କହିବା ବା ନିର୍ଜୀବକୁ ସଜୀବଠାରୁ ଜନ୍ମ କରାଇବା କହିଲେ ତାହା ବଞ୍ଚିଥିବା କୁକୁଡାଠାରୁ ନିର୍ଜୀବ ଅଣ୍ଡା କେବଳ ଜନ୍ମ ହୋଇଥାଏ ବୋଲି ବୁଝିପାରିବା । ପିଣ୍ଡରୁ ଜନ୍ମ କଥା ଦେଖିଲେ ସଜୀବ ମାଆଠାରୁ ସଜୀବ ଶିଶୁ ଜନ୍ମହୁଏ, ଏଠାରେ ନିର୍ଜୀବ ଜନ୍ମହୁଏ କହିଲେ ଠିକ୍ ହେବ ନାହିଁ । ତେଣୁ ଏକଥା ମାଟିରୁ ମଞ୍ଜି ଦ୍ୱାରା ଜନ୍ମ ହେଉଥିବା ଉଦ୍ଭିଜ ବାବଦରେ ଏବଂ ଅଣ୍ଡଜ ବାବଦରେ କେବଳ କହିଛନ୍ତି ବୋଲି ସ୍ପଷ୍ଟ ଜାଣି ହେଉଛି ।

**ମୁଁ :-** ଈଶ୍ୱରଙ୍କ ସୃଷ୍ଟି ଦୁଇପ୍ରକାରର ନା ତିନି ପ୍ରକାରର ? ଆପଣ ହିଁ କହନ୍ତୁ ?

**ସେମାନେ :-** ବାସ୍ତବ କଥା କହିଲେ ସୃଷ୍ଟି ତିନି ପ୍ରକାରର ବୋଲି କହିବାକୁ ପଡିବ ।

**ମୁଁ :-** ତାହେଲେ ଈଶ୍ୱର ସୃଷ୍ଟି ବିଷୟରେ କହିଲେ ତିନି ପ୍ରକାରର ବୋଲି କହିବେ ସିନା, କେବଳ ଦୁଇ ପ୍ରକାରର କହି ଆଉ ଗୋଟିଏକୁ କାହିଁକି ଛାଡିଦେଇଛନ୍ତି ? କିନ୍ତୁ ବାକ୍ୟଟିକୁ ଦେଖିଲେ ତାହା ମଧ୍ୟ ତିନି ଭାଗ ହୋଇ ରହିଛି ବୋଲି ଜଣାଯାଉଛି । ସେଥିଲାଗି ଏଥିରେ ଈଶ୍ୱର ତାଙ୍କ ସୃଷ୍ଟିର ତିନି ନିୟମକୁ କହିସାରିଛନ୍ତି ବୋଲି ମୁଁ ଭାବୁଛି । ତେଣୁ ଆପଣ ସେହି ତୃତୀୟ ନିୟମ ବାବଦରେ ମୋତେ ବୁଝାଇଦିଅନ୍ତୁ ।

**ସେମାନେ :-** ମୃତକୁ ଜୀବନ୍ତଠାରୁ ବାହାର କରାନ୍ତି କହିବା କଥାଟି ସଜୀବରୁ

ନିର୍ଜୀବ ଅଣ୍ଡା ଜନ୍ମ ହେଉଛି କହିଲେ ତାହା ଯଥାର୍ଥ ହୋଇ ତୃତୀୟ ନିୟମ ହେଉଛି ବୋଲି ନେଇ ପାରିବା ।

**ମୁଁ :-** ଏହିଭଳି ମନ ଇଚ୍ଛା ନେଇପାରିବା ବୋଲି କହୁଥିବା ଲୋକମାନଙ୍କୁ ଈଶ୍ୱର ସତର୍କ କରିବାକୁ ଯାଇ ତୁମେମାନେ "ସତ୍ୟକୁ ଛାଡି କୁଆଡେ ପଳାଇଯାଉଛ" ବୋଲି ବାକ୍ୟ ଶେଷରେ କହିଛନ୍ତି । ତେଣୁ ଏହି ଆୟତ (ବାକ୍ୟ) ବାବଦରେ ଆପଣମାନେ ଆଉ ଆଲୋଚନା କରି କହନ୍ତୁ । ଏଥିରେ କୌଣସି ନିଗୁଢ ତଥ୍ୟ ନିଶ୍ଚୟ ରହିଥିବାରୁ ଈଶ୍ୱର ଶେଷରେ ଏଭଳି "ସତ୍ୟକୁ ଛାଡି କୁଆଡେ ପଳାଇଯାଉଛ" କହିଛନ୍ତି, କିନ୍ତୁ ଈଶ୍ୱର ଏହି ବାକ୍ୟ ଭିତରେ ମୋଟ ତିନି ନିୟମ ବାବଦରେ କହି ସାରିଛନ୍ତି ବୋଲି ମୁଁ ବିଶ୍ୱାସ କରୁଛି; ତଥାପି ମୃତକୁ ଜୀବନ୍ତଠାରୁ ବାହାର କରାନ୍ତି ବିଷୟ ମୋତେ ବୁଝାପଡି ନଥିବାରୁ ମୁଁ ଆପଣମାନଙ୍କୁ ପଚାରୁଛି । ଆପଣ ମୋ ପ୍ରଶ୍ନର ଠିକ୍ ଉତ୍ତର କହି ପାରିଲେ ମୁଁ ମୁସଲମାନ ହୋଇଯିବି । ଏହାର ଉତ୍ତର ଆପଣମାନେ ଯଦି ବର୍ତ୍ତମାନ ନ ଦେଇ ପାରୁଛନ୍ତି ତେବେ ମାସେ ଟାଇମ୍ ନିଅନ୍ତୁ, ମୋର ଠିକ୍ ଉତ୍ତର ଦରକାର । ମୁଁ ଠିକ୍ ଉତ୍ତର ପାଇଗଲେ ମୁସ୍ଲିମ୍ ହୋଇ ପାରିବି । କଣ କହୁଛନ୍ତି ?

**ସେମାନେ :-** କୋରାନ ଗ୍ରନ୍ଥର ଜ୍ଞାନ ସମୁଦ୍ର ଭଳି, ତାର ଅନ୍ତ ନାହିଁ । ତେଣୁ ସେଥିରେ ଥିବା ସବୁ ଜ୍ଞାନକୁ ଯେ ଆମେ ବୁଝିଯାଇଛୁ ବୋଲି କହି ପାରିବୁ ନାହିଁ । ଏ ବିଷୟରେ ଆମଠାରୁ ଅଧିକ ଜାଣିଥିବା ଲୋକମାନେ ଥାଇ ପାରନ୍ତି । ସେମାନେ କୋରାନର ପ୍ରତି ବାକ୍ୟର ବିବରଣୀ ଲେଖି ଇଂଟରନେଟ୍‌ରେ ରଖିଥାନ୍ତି, ତେଣୁ ମାସେ ଭିତରେ ନେଟ୍ ଦେଖି ନିଶ୍ଚୟ ଆପଣଙ୍କୁ ଠିକ୍ ଉତ୍ତର କହିବୁ ।

**ମୁଁ :-** ଠିକ୍ ଅଛି, ମୋତେ ଈଶ୍ୱରଙ୍କ ଜ୍ଞାନ ଯେଉଁ ମତରେ ଅଧିକ ମିଳିବ

ମୁଁ ସେଇ ମତକୁ ନିଶ୍ଚୟ ଯାଇପାରିବି । ତେଣୁ ମୁଁ ମତ(ଧର୍ମ) ବଦଳାଇବା ପାଇଁ ଆପଣମାନଙ୍କ ଉତ୍ତରକୁ ଅପେକ୍ଷା କରି ରହୁଛି ।

(ଆଜିକୁ ପ୍ରାୟ ଦୁଇବର୍ଷ ବିତିଗଲାଣି, ସେମାନେ ଏ ପର୍ଯ୍ୟନ୍ତ ମୋତେ ଉତ୍ତର ଦେଇପାରି ନାହାନ୍ତି କି ମୁଁ ମୋ ମତ ଛାଡି ମୁସ୍ଲିମ୍ ମତକୁ ଯାଇ ନାହିଁ । ମୁଁ ଅନ୍ଧ ଭାବରେ ମୋ ମତ ବଦଳାଇଲି ନାହିଁ । ସେମାନେ ମୋ ପ୍ରଶ୍ନର ସିଧା ଉତ୍ତର ଦେଇପାରିଲେ ନାହିଁ ।)

କୋରାନ ଗ୍ରନ୍ଥରେ ଜୀବସୃଷ୍ଟି ତିନି ପ୍ରକାରର ରହିଛି । ତାହା ଅଣ୍ଡଜ, ପିଣ୍ଡଜ, ଉଦ୍ଭିଜ ବୋଲି ଈଶ୍ୱର ଜଣାଇଥିବା ବେଳେ, ଏ ପର୍ଯ୍ୟନ୍ତ ତାହାକୁ କେହି ସଠିକ୍ ବୁଝିପାରି ନାହାନ୍ତି ବୋଲି କହିପାରିବା । କାହିଁକିନା ! ଗୋଟିଏ ଦିଗରେ ମରଣ ସିଦ୍ଧାନ୍ତକୁ, ଆଉ ଗୋଟିଏ ଦିଗରେ ଜନନ ସିଦ୍ଧାନ୍ତକୁ ଜାଣିଥିବା ପାତ୍ର ଏହାକୁ ବୁଝିପାରେ । ଭୌତିକ ଶାସ୍ତ୍ର ଦ୍ୱାରା ଏହି ବିଷୟକୁ ହଜାରେ ବର୍ଷ ଗବେଷଣା କଲେ ମଧ୍ୟ ଜାଣିହେଉ ନଥିବା ରହସ୍ୟ ଏଥିରେ ଅଛି । ଆଜି ଆମେ ବୈଜ୍ଞାନିକ ବୋଲି କହୁଥିବା ଲୋକମାନେ ଜନନ ସିଦ୍ଧାନ୍ତର ବ୍ୟତିରେକୀ ହୋଇ କୋରାନ ବାକ୍ୟଠାରୁ ଖୁବ୍ ଦୂରକୁ ଚାଲିଯାଇଛନ୍ତି । ଆମେ ୧୯୮୦ ମସିହାରେ ଏହି ବାକ୍ୟର ବିବରଣୀ ଦେବାକୁ ଯାଇ **"ଜନନ ମରଣ ସିଦ୍ଧାନ୍ତ"** ନାମକ ଗ୍ରନ୍ଥ ଲେଖି ଦେଇଥିଲୁ, କିନ୍ତୁ ଭୌତିକ ଶାସ୍ତ୍ରବେତ୍ତାମାନେ, ଭୌତିକକୁ ଜାଣିଥିବା ଡାକ୍ତରମାନେ ସମସ୍ତେ ଆମ ସିଦ୍ଧାନ୍ତର ବିରୁଦ୍ଧ ଭାବ ପ୍ରଦର୍ଶନ କଲେ । ମୋ ସିଦ୍ଧାନ୍ତକୁ ସେମାନେ ନିଜର ଭୁଲ୍ ବୁଝି ପୁନର୍ବାର ସ୍ୱୀକାର କରିବା ପର୍ଯ୍ୟନ୍ତ କୋରାନର ଏହି ୬ଷ୍ଠ ସୁରାରେ ଥିବା ୯୫ତମ ଆୟତକୁ କଦାପି କେହି ବୁଝି ପାରିବେ ନାହିଁ । କାହିଁକିନା ! ମୁଁ ଏଠାରେ (ଜନନ ମରଣ ସିଦ୍ଧାନ୍ତରେ) ଯାହା ଲେଖିଛି ତାହା ସେଥିରେ (କୋରାନର (୬-୯୫)ରେ ଲେଖାଯାଇଛି, ସେଥିରେ ଯାହା ଅଛି ମୁଁ ମୋ ଗ୍ରନ୍ଥରେ ତାହା

ଲେଖିଛି । ମୁଁ ଜନନ ମରଣ ସିଦ୍ଧାନ୍ତରେ ଭଗବଦ୍ଗୀତାର ସାଂଖ୍ୟ ଯୋଗରେ ଥିବା ୨୨ତମ ଶ୍ଳୋକର ବିବରଣୀ ଲେଖିଥିଲି । ତାହା ହିଁ କୋରାନ ଗ୍ରନ୍ଥର ୬୪ତମ ସୁରାରେ ଥିବା ୯୫ତମ ଆୟତର ବିବରଣୀ । ଏଠାରେ ମତ ଅଲଗା, ଗ୍ରନ୍ଥ ଅଲଗା ବୋଲି ଭାବିଲେ କାହାକୁ କିଛି ମଧ୍ୟ ବୁଝାପଡିବ ନାହିଁ । ମତ ଅଲଗା ଅଲଗା ହେଲେ ମଧ୍ୟ ଗ୍ରନ୍ଥ ଅଲଗା ନୁହେଁ, ଈଶ୍ୱର (ଅଲ୍ଲାହ) ଅଲଗା ଅଲଗା ନୁହନ୍ତି ବୋଲି ଜାଣି ପାରିଲେ କେହି ମଧ୍ୟ କୋରାନର ଏହି ବାକ୍ୟକୁ ବୁଝି ପାରିବେ । ଏହି ବାକ୍ୟର ଭାବ ନଜାଣିବା ପର୍ଯ୍ୟନ୍ତ କୋରାନର ଅନେକ ବାକ୍ୟର ଭାବ ଅଜଣା ରହିଯିବ, ଅନେକ ବାକ୍ୟ ଏହି ବାକ୍ୟର ବୁଝିବା ଉପରେ ଆଧାରିତ ହୋଇ ରହିଛି ।

ସର୍ବ ଜଗତର ଈଶ୍ୱର ଜଣେ ନାମକ ବାକ୍ୟକୁ ଭୁଲିଯାଇ, କହିଥିବା ଜ୍ଞାନ ଗୋଟିଏ ବୋଲି ଭୁଲିଯାଇ, ଦୈବଗ୍ରନ୍ଥଗୁଡିକ ଈଶ୍ୱରଙ୍କୁ ଚିହ୍ନାଇଥାଏ ବୋଲି ପାଶୋରିଦେଇ, ଗ୍ରନ୍ଥଗୁଡିକ ଅଲଗା ଅଲଗା, ସମସ୍ତଙ୍କର ଆରାଧ୍ୟ ଅଲଗା ଅଲଗା, ସମସ୍ତଙ୍କର ମତ ଅଲଗା ଅଲଗା ବୋଲି ଭାବୁଥିବା ବ୍ୟକ୍ତି କୌଣସି ମତର ହେଲେ ମଧ୍ୟ ସେ ଈଶ୍ୱର ଦେଇଥିବା ଜ୍ଞାନକୁ କଦାପି ବୁଝିପାରିବ ନାହିଁ । ମୁଁ ଈଶ୍ୱରଙ୍କ ଭକ୍ତ, ମୁଁ ତାଙ୍କୁ ବିଶ୍ୱାସ କରେ କହିଲେ ମଧ୍ୟ ତାକୁ ଈଶ୍ୱର କେଉଁଭଳି ବୋଲି ଜଣାପଡିବେ ନାହିଁ । ମତକୁ ଆଶ୍ରୟ କରି ଈଶ୍ୱରଙ୍କୁ ଜାଣିବି ବୋଲି ଭାବିବା "କୁକୁର ଲାଞ୍ଜକୁ ଧରି ମହାନଦୀ ପାରହେବି" ଭାବିବା ଭଳି ହୋଇଥାଏ । ଈଶ୍ୱର ହେଉଛନ୍ତି ମତାତୀତ । ତେଣୁ ମତ(ଧର୍ମ) ଦ୍ୱାରା, ମତାଚରଣ ଦ୍ୱାରା ଈଶ୍ୱର ଜଣାପଡନ୍ତି ନାହିଁ । ମାୟା (ସୈତାନ୍) ଦ୍ୱାରା ଜନ୍ମ ହୋଇଛି ମତ ଏବଂ ମତର ଆଚରଣ । ସେଥିଲାଗି ମତକୁ, ମତର ଆଚରଣକୁ ମହାନ କହୁଥିବା ଲୋକମାନେ ମାୟାର ନିକଟ ହୋଇ, ଈଶ୍ୱରଙ୍କଠାରୁ ଦୂର ହେଉଥିବେ ।

ଈଶ୍ୱରଙ୍କ ଜ୍ଞାନ ଜାଣିଥିବା ପାତ୍ର ମତକୁ କେବେ ମଧ୍ୟ ମୁଖ୍ୟ ବୋଲି ଭାବି ନଥାଏ । ଈଶ୍ୱରଙ୍କ ଜ୍ଞାନକୁ ଜାଣିନଥିବା ଲୋକମାନେ ମତକୁ ମହାନ

କହିଥାନ୍ତି । ମତ ଉପରେ ଆଶକ୍ତି ରଖିଥିବା ଲୋକମାନେ ମତ ପ୍ରଚାର କରିବାକୁ ଭାବିଥାନ୍ତି । ମତ ପ୍ରଚାର କରିବା ଦ୍ୱାରା ଈଶ୍ୱରଙ୍କ ନିକଟ ହେଉଛୁ, ଈଶ୍ୱରଙ୍କ ସେବା କରୁଛୁ ବୋଲି ଭାବିଥାନ୍ତି, ସେମାନେ କେତେ ଶ୍ରଦ୍ଧାର ସହିତ ମତ ପ୍ରଚାର କରି ମତ ବିସ୍ତାର କରିବାକୁ ଭାବିଥାନ୍ତି, ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ମତ ପ୍ରଚାର ହୋଇଥିବାରୁ, ସେମାନଙ୍କ କ୍ରିୟା ସବୁ ମତ ବ୍ୟାପ୍ତି କରିବା ଭଳି ହୋଇ, ସେମାନଙ୍କ ବାଣୀବୋଧ ମଧ୍ୟ ସେହି ଦିଗର ହୋଇଥାଏ । ଅନ୍ୟମାନଙ୍କୁ ଲୋଭଦେଖାଇ ଅନ୍ୟମାନଙ୍କୁ ନିଜ ମତ ଦିଗରେ ଟାଣିନେବା ମଧ୍ୟ ସେମାନଙ୍କ କାର୍ଯ୍ୟକଳାପର ଏକ ଅଂଶ ହୋଇ ରହିଥାଏ । ଏଇଭଳି ଲୋକମାନେ କୌଣସି ମତରେ ଜନ୍ମ ହୋଇଥିଲେ ମଧ୍ୟ, ମତ ପ୍ରଚାର କରିବା ହିଁ ଆମ କର୍ତ୍ତବ୍ୟ ବୋଲି ଭାବିଥାନ୍ତି । ଏହିଭଳି ମତ ପ୍ରଚାର ଖ୍ରୀଷ୍ଟିଆନମାନେ ଖୁବ୍ ଅଧିକ, ମୁସ୍ଲିମମାନେ କିଛି କମ୍ କରିଥାନ୍ତି, କିନ୍ତୁ ହିନ୍ଦୁମାନେ ସେମାନଙ୍କ ମତ ହିନ୍ଦୁମତ କହିବାବେଳେ, ସମସ୍ତଙ୍କ ଭଳି ସେମାନଙ୍କ ମତକୁ କାହିଁକି ପ୍ରଚାର କରିପାରୁ ନାହାନ୍ତି ? ଖ୍ରୀଷ୍ଟମତ ଭଳି ହିନ୍ଦୁମତ କାହିଁକି ବଢିପାରୁ ନାହିଁ ? ବୋଲି ପ୍ରଶ୍ନ ମଧ୍ୟ ଏଇଠାରେ ଆସି ପାରେ । ଏହାର ଉପଯୁକ୍ତ ଉତ୍ତର ଦେଖିଲେ, ଖ୍ରୀଷ୍ଟିଆନମାନଙ୍କୁ ସେମାନଙ୍କ ବାଇବେଲ ଗ୍ରନ୍ଥ ଜଣାଥିବା ଭଳି, ମୁସ୍ଲିମମାନଙ୍କୁ ସେମାନଙ୍କ କୋରାନ ଗ୍ରନ୍ଥ ବାବଦରେ ଜଣାଥିବା ଭଳି, ହିନ୍ଦୁମାନଙ୍କୁ ସେମାନଙ୍କ ଭଗବଦ୍ଗୀତା ବାବଦରେ ଜଣା ନାହିଁ । ଏହା ହିଁ ମୁଖ୍ୟ କାରଣ ହୋଇ ରହିଛି ବୋଲି କହି ପାରିବା । ତାଛଡା ଖ୍ରୀଷ୍ଟିଆନ ମାନଙ୍କର ବାଇବେଲ ଗ୍ରନ୍ଥ, ମୁସ୍ଲିମ ମାନଙ୍କର କୋରାନ ଗ୍ରନ୍ଥ ଥିବା ଭଳି, ହିନ୍ଦୁ ମାନଙ୍କର ଭଗବଦ୍ଗୀତା ଅଛି ବୋଲି ଅନେକ ହିନ୍ଦୁମାନଙ୍କୁ ଜଣାନାହିଁ ।

ସେଥିଲାଗି ହିନ୍ଦୁମାନଙ୍କୁ ହିନ୍ଦୁଧର୍ମ କଅଣ ଜଣା ନାହିଁ କହିଲେ ଅତ୍ୟୁକ୍ତି ହୁଏ ନାହିଁ । "ଇନ୍ଦୁ" ନାମକ ଶବ୍ଦକୁ "ହିନ୍ଦୁ" ନାମକ ଶବ୍ଦରେ କହୁଥାଇ ହିନ୍ଦୁ ଆଉ ଇନ୍ଦୁ ଭିତରେ ଥିବା ପାର୍ଥକ୍ୟକୁ ନଜାଣିବା ସ୍ଥିତିରେ

ଆଜିର ହିନ୍ଦୁମାନେ ଅଛନ୍ତି । କେତେକ ହିନ୍ଦୁମାନେ ଆମେ ହିନ୍ଦୁମତର ରକ୍ଷକ ବୋଲି କହୁଥାଇ, ନିଜ ହିନ୍ଦୁମାନଙ୍କ ଉପରେ ଅଧିକାର ସାବ୍ୟସ୍ତ କରିବାକୁ ଭାବୁଥାନ୍ତି ସିନା, ସତରେ ସେମାନଙ୍କୁ ହିନ୍ଦୁଧର୍ମ କଅଣ ଜଣା ନଥାଏ । ଯାହାକୁ ହିନ୍ଦୁଧର୍ମ କଅଣ ଜଣା ନାହିଁ ସେ ହିନ୍ଦୁଧର୍ମର ରକ୍ଷା କରି ପାରିବ ? ରକ୍ଷାକରି ପାରିବ ନାହିଁ ବୋଲି କହିପାରିବା । ତେଣୁ କେତେ ହିନ୍ଦୁମତରକ୍ଷଣ ସଂସ୍ଥା ତିଆରି ହୋଇଥିଲେ ମଧ୍ୟ ହିନ୍ଦୁମତ ଲୋପ ପାଇବାକୁ କେହି ଅଟକାଇ ପାରୁ ନାହାନ୍ତି । ହିନ୍ଦୁମାନେ ଅନ୍ୟ ମତଗୁଡିକୁ ସେହିପରି ପଳାଇ ଯାଉଛନ୍ତି । କେତେକ ହିନ୍ଦୁମାନେ ସୈନିକଦଳ ତିଆରି ହେବା ଭଳି ତୟାର ହୋଇ, ନିଜ ମତର ରକ୍ଷା କରିବା ଉଦ୍ଦେଶ୍ୟରେ ଅନ୍ୟମାନଙ୍କ ଉପରେ ଆକ୍ରମଣ କରୁଛନ୍ତି, ସେମାନଙ୍କୁ ମାଡପିଟ କରିବା ହିଁ ଉପଯୁକ୍ତ ପଦ୍ଧତି ବୋଲି ଭାବୁଛନ୍ତି, ସେମାନଙ୍କ ଉପରେ ଆକ୍ରମଣ କଲେ ମତ ପରିବର୍ତ୍ତନ ଅଟକିଯିବ ବୋଲି ଭାବୁଛନ୍ତି, ହେଲେ ଏମାନେ ଯେତେ ଆକ୍ରମଣ କଲେ ମଧ୍ୟ ମତ ପରିବର୍ତ୍ତନ ଅଧିକ ମାତ୍ରାରେ ହେଉଛି, କେହି ମଧ୍ୟ ଭୟ କରି ମତ ନ ବଦଳାଇବା ପାଇଁ ଭାବୁ ନାହାନ୍ତି । ହିଂସା ଦ୍ୱାରା କିଛି ମଧ୍ୟ ସାଧି କରିପାରିବା ନାହିଁ ବୋଲି ଜାଣି ନଥିବା ହିଂସାବାଦୀମାନେ, ହିନ୍ଦୁମତକୁ ଖରାପ ନାଆଁ ଆଣୁଛନ୍ତି ସିନା, ମତ ପରିବର୍ତ୍ତନକୁ ନିରୋଧ କରିପାରୁ ନାହାନ୍ତି । ମତ ଇଚ୍ଛା ଉପରେ ଆଧାରିତ, ବଳ ପ୍ରୟୋଗ ଦ୍ୱାରା ଏହାକୁ ଅଟକାଇହେବ ନାହିଁ ବୋଲି ଜାଣି ନଥିବା ଲୋକମାନେ କେତେ ହିଂସାଯୁକ୍ତ ଆଚରଣ କଲେ ମଧ୍ୟ ତଦ୍ୱାରା କିଛି ଲାଭ ନଥାଏ । ତାଛଡା ନଥିବା ଶତ୍ରୁମାନେ ଉପୁଜିଥାନ୍ତି । ହିନ୍ଦୁଧର୍ମକୁ ଜାଣି ନଥିବା ହିନ୍ଦୁମାନେ ମତ ପ୍ରଚାରକୁ ଜ୍ଞାନ ମାଧ୍ୟମରେ ଆଗକୁ ନେଇପାରୁ ନାହାନ୍ତି । ଖ୍ରୀଷ୍ଟିଆନମାନେ, ମୁସ୍ଲିମମାନେ ମତ ପ୍ରଚାରରେ ଯେଉଁ ପଦ୍ଧତିମାନ ଅବଲମ୍ବନ କରିଥାନ୍ତି ହିନ୍ଦୁମାନେ ତାହା ଜାଣିନଥିବାରୁ ନିଜମତକୁ ଆଗକୁ ନେଇପାରୁ ନାହାନ୍ତି । ମତ ପ୍ରଚାର ବାବଦରେ ଜାଣିନଥିବା କିଛିଲୋକ ଗଣ୍ଡଗୋଳ, ଦୌର୍ଜନ୍ୟ

ଦ୍ୱାରା ମତ ରକ୍ଷା କରିବୁ ଭାବୁଥିଲେ ମଧ୍ୟ ତଦ୍ଦ୍ୱାରା କିଛି ଲାଭ ହେଉ ନାହିଁ, ଘଟିବାକୁ ଥିବା କ୍ଷତି ହିଁ ଘଟିଯାଉଛି । ହିନ୍ଦୁମାନଙ୍କର ଅନେକ ସଂସ୍ଥା ହିଂସାମାର୍ଗ ଅନୁସରଣ କରିବା ଦ୍ୱାରା, ଅନ୍ୟ ମତାବଲମ୍ବୀମାନେ ମଧ୍ୟ ହିନ୍ଦୁମାନଙ୍କ ଉପରେ ଏହିମାର୍ଗ ପ୍ରୟୋଗ କରୁଛନ୍ତି । ଇତର ମତାବଲମ୍ବୀମାନେ କରୁଥିବା ହିଂସା ଦ୍ୱାରା ସରଳ ପ୍ରଜାମାନଙ୍କୁ ନାନାବିଧ କ୍ଷତି ସହିବାକୁ ପଡୁଛି । ଏଇ ମଧ୍ୟକାଳୀନ ସମୟରେ ହାଇଦ୍ରାବାଦରେ ଘଟିଥିବା ଗୋକୁଲ୍‌ଛଟ୍ ବମ୍‌ବ୍ଲାଷ୍ଟ ହେଉ, ଲୁମ୍ବିନୀ ପାର୍କ ଲେଜର୍ ସୋରେ ଘଟିଥିବା ବମ୍‌ବ୍ଲାଷ୍ଟ୍ ହେଉ, ଦିଲ୍‌ସୁଖ୍ ନଗରରେ ଘଟିଥିବା ସାଇକେଲ୍ ବମ୍‌ବ୍ଲାଷ୍ଟ୍ ହେଉ ସବୁ ହିନ୍ଦୁମାନଙ୍କ ଉପରେ ହେଉଥିବା ହିଂସା ବୋଲି କହିପାରିବା । ଏହିଭଳି ଅନେକ ଘଟଣା ଦ୍ୱାରା ଅଧିକାଂଶ ହିନ୍ଦୁମାନଙ୍କୁ ହିଁ କ୍ଷତି ସହନ କରିବାକୁ ପଡୁଛି । ତେଣୁ ହିଂସା ଦ୍ୱାରା କେହି କିଛି ସାଧ୍ୟ କରିପାରିବା ନାହିଁ, ମିଳିମିଶି ରହିବା, ସୌମ୍ୟତା ପ୍ରଦର୍ଶନ କରିବା ଦ୍ୱାରା କିଛି ମଧ୍ୟ ସାଧ୍ୟ କରିପାରିବା ବୋଲି ଜଣାଯାଉଛି ।

ମତ ପ୍ରଚାରରେ ହିନ୍ଦୁମତ ସବୁଠାରୁ ପଛରେ ପଡିଯିବାର କାରଣ ହେଉଛି ଇତର ମତାବଲମ୍ବୀ ମାନଙ୍କର ସେମାନଙ୍କ ଗ୍ରନ୍ଥ ଉପରେ ରହିଥିବା ମମତା ଏବଂ ଭଗବଦ୍ଗୀତାକୁ ହିନ୍ଦୁମାନଙ୍କ ଅନାଦର । ହିନ୍ଦୁମାନଙ୍କର ମୂଳ ଗ୍ରନ୍ଥ ଭଗବଦ୍ଗୀତା ବୋଲି ଅନେକ ହିନ୍ଦୁମାନଙ୍କୁ ଜଣା ନାହିଁ । ଯଦି କେହି ଜ୍ଞାନୀଲୋକ ଆସି ଭଗବଦ୍ଗୀତା ହିଁ ଆମର ମୂଳ ଗ୍ରନ୍ଥ ବୋଲି କହେ; ତଥାପି ତାକଥାକୁ ଅନେକ ଲୋକ ଶୁଣନ୍ତି ନାହିଁ । ହିନ୍ଦୁମତରେ ନିଜର ଆଧିପତ୍ୟ ବଢାଇବାକୁ ଚାହୁଁଥିବା କେତେକ ଲୋକମାନେ, ହିନ୍ଦୁମାନଙ୍କର ମୂଳ ଗ୍ରନ୍ଥ ଭଗବଦ୍ଗୀତା ନୁହେଁ, ବେଦ ବୋଲି କହିଥାନ୍ତି, ତଦ୍ଦ୍ୱାରା ଅନେକ ପଣ୍ଡିତମାନେ ବେଦପଢି ବେଦପଣ୍ଡିତ, ବେଦାନ୍ତି ବୋଲାଇଥାନ୍ତି । ବେଦାନ୍ତ ଅପେକ୍ଷା ଦୈବଜ୍ଞାନ ମହାନ, ବେଦ ଅପେକ୍ଷା ଭଗବଦ୍ଗୀତା ମହାନ ବୋଲି ସେମାନେ ଜାଣିପାରୁ ନାହାନ୍ତି, ସେମାନେ ବେଦ ହିଁ ମହାନ

ବୋଲି ପ୍ରଚାର କରି ହିନ୍ଦୁମାନଙ୍କୁ ଅଜ୍ଞାନ ଅନ୍ଧକାରେ ରଖିଦେଇଛନ୍ତି । ସେଥିଲାଗି ହିନ୍ଦୁମତରେ ଅସନ୍ତୃପ୍ତି ବୋଧ କରୁଥିବା ଅନେକ ହିନ୍ଦୁମାନେ ଗୋଟିଏ ଈଶ୍ୱରଙ୍କୁ ସୂଚିତ କରୁଥିବା ପରମତକୁ ପଳାୟନ କରୁଛନ୍ତି । ଏହିଭଳି ହିନ୍ଦୁମାନେ ଲୋପ ପାଇଯିବାର ଅନେକ କାରଣ ଥିଲେ ମଧ୍ୟ, ଭଗବତ୍ ଗୀତାର ଜ୍ଞାନକୁ ହିନ୍ଦୁମାନେ ବୁଝି ନପାରିବା ହିଁ ମୂଳ କାରଣ ବୋଲି କହି ପାରିବା । ସମସ୍ତ ମତ ହିନ୍ଦୁଧର୍ମକୁ ଆଶ୍ରୟ କରି ଜନ୍ମ ନେଇଛି, କୌଣସି ମତ ନଥିବା କାଳରେ ଇନ୍ଦୁତ୍ୱ ବ୍ୟତୀତ ଆଉ କିଛି ନଥିଲା । ଏକଥା ହିନ୍ଦୁମାନେ ପାଶୋରି ଦେଇଥିବାରୁ ଅନ୍ୟ ମତାବଲମ୍ବୀମାନେ ହିନ୍ଦୁମାନଙ୍କୁ ସହଜରେ ଆକର୍ଷିତ କରିପାରୁଛନ୍ତି ।

ସୃଷ୍ଟିର ପ୍ରାରମ୍ଭ କାଳରୁ ରହିଆସିଛି ଇନ୍ଦୁତ୍ୱ ବା ଇନ୍ଦୁଜ୍ଞାନ । ଇନ୍ଦୁ ନାମକ ଶବ୍ଦର ସ୍ୱତନ୍ତ୍ର ଅର୍ଥ ରହିଛି, ହିନ୍ଦୁ ଶବ୍ଦର କୌଣସି ଅର୍ଥ ନାହିଁ ବୋଲି ଆମେ ଅନେକ ଥର ଆମ ଗ୍ରନ୍ଥରେ କହିଆସୁଛୁ । ଇନ୍ଦୁ କହିଲେ ଚନ୍ଦ୍ର, ଚନ୍ଦ୍ର ଜ୍ଞାନର ଚିହ୍ନ ଏବଂ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଜ୍ଞାନର ଅଧିପତି । ଚନ୍ଦ୍ର ନାମରେ ଆଦି କାଳରୁ ରହିଥିବା ଜ୍ଞାନକୁ ଇନ୍ଦୁଜ୍ଞାନ କୁହାଯାଏ । ଇନ୍ଦୁଜ୍ଞାନକୁ ସୃଷ୍ଟିପ୍ରାରମ୍ଭରେ ଈଶ୍ୱର ଆକାଶବାଣୀ ଦ୍ୱାରା ସୂର୍ଯ୍ୟଙ୍କୁ ଜଣାଇଥିଲେ । ଏହିଭଳି ମିଳିଥିବା ଜ୍ଞାନ ଦ୍ୱିତୀୟଥର ଭଗବାନଙ୍କ ଦ୍ୱାରା ଭଗବଦ୍ଗୀତା ରୂପରେ ମିଳିଥିଲା । ଦ୍ୱାପରଯୁଗର ଅନ୍ତକାଳରେ ଆଜିକୁ ପ୍ରାୟ ପାଞ୍ଚହଜାର ଦେଢଶହ (୫୧୫୦) ବର୍ଷ ତଳେ ଦୈବଜ୍ଞାନ ଦ୍ୱିତୀୟ ଥର ମିଳିଥିଲା । ଦ୍ୱିତୀୟଥର ମିଳିଥିବା ଜ୍ଞାନ ଭଗବଦ୍ଗୀତା ନାମରେ ଗ୍ରନ୍ଥରୂପ ନେଇଥିଲା, ତେଣୁ ଭଗବଦ୍ଗୀତାରେ ଶ୍ରେଷ୍ଠ ଜ୍ଞାନ ଅଛି । ତାହାକୁ ଈଶ୍ୱର ବା ପରମାତ୍ମା ଭଗବାନ ରୂପରେ ଆସି କହିଥିଲେ । ସେଥିରେ ସୃଷ୍ଟି ପ୍ରାରମ୍ଭ କାଳର ଜ୍ଞାନ ରହିଛି ବୋଲି କହି ପାରିବା । ପ୍ରପଞ୍ଚ (ପଞ୍ଚଭୌତିକ) ଭିତରେ ବାସ କରୁଥିବା ସମସ୍ତ ମଣିଷ ପାଇଁ ଭଗବଦ୍ଗୀତାର ଜ୍ଞାନ ଆମୋଦଯୋଗ୍ୟ ଜ୍ଞାନ ହୋଇ ରହିଛି, ତେଣୁ ତାହାକୁ କେହି ମଧ୍ୟ ଅସ୍ୱୀକାର କରିପାରିବେ ନାହିଁ ।

ଭଗବଦ୍ଗୀତାକୁ ସ୍ୱୀକାର ନକଲେ ସାକ୍ଷାତ୍ ଈଶ୍ୱରଙ୍କ ଜ୍ଞାନକୁ ଅସ୍ୱୀକାର କରିବା ଭଳି ହୋଇଥାଏ ।

ଦ୍ୱିତୀୟ ଥର କୁହାଯାଇଥିବା ଜ୍ଞାନ କେବଳ ଭାରତରେ ସୀମିତ ହୋଇଗଲା । ଭାରତରେ ମଧ୍ୟ ତାହା ସମସ୍ତଙ୍କୁ ଜଣା ନପଡି ମାତ୍ର କିଛି ଚତୁର ଲୋକମାନଙ୍କୁ ଜଣାପଡିଥିଲା । ଭଗବଦ୍ଗୀତା କୁହାଯିବାର ତିନି ହଜାର ବର୍ଷ ବିତିଯାଇଥିଲେ ମଧ୍ୟ ତାହା ସେତେବେଳେ ଭାରତ ବାହାରକୁ ଯାଇ ପାରିଲା ନାହିଁ । ସେଥିଲାଗି ଅନ୍ୟ ଦେଶଗୁଡିକର ପ୍ରଜାମାନେ ମଧ୍ୟ ଈଶ୍ୱରଙ୍କ ଜ୍ଞାନ ଜାଣିବା ଉଚିତ୍ ବୋଲି ଉଦ୍ଦେଶ୍ୟ ନେଇ, ଭାରତରେ ଜ୍ଞାନ ଜଣାଇଥିବା ଭଳି ପୃଥିବୀର ମଧ୍ୟାଂଚଳ ହୋଇଥିବା ଇଜ୍ରାଏଲ୍ ଦେଶରେ ଈଶ୍ୱର ତାଙ୍କ ଜ୍ଞାନକୁ ଜଣାଇଥିଲେ । ଏହିଭଳି ଭୂପୃଷ୍ଠରେ ପୁଣି ଭଗବଦ୍ଗୀତା କହିବାର ତିନିହଜାର ବର୍ଷ ପରେ ଜଣାଇଥିବା ଜ୍ଞାନ ବାଇବେଲ ଗ୍ରନ୍ଥର ଚାରିଗୋଟି ସୁସମାଚାର ରୂପରେ ରହିଛି । ଚାରିଗୋଟି ସୁସମାଚାର ଥିବା ବାଇବେଲ ଗ୍ରନ୍ଥର ଆଧାରରେ କିଛିଲୋକ ଏକ ସଂଘ ସ୍ଥାପନ କରି, ତାହାକୁ ଖ୍ରୀଷ୍ଟସଂଘ ବୋଲି ନାମ ଦେଇଥିଲେ । ଏହି ଖ୍ରୀଷ୍ଟସଂଘ ବଢି ବଡହେବା ପରେ ଖ୍ରୀଷ୍ଟସଂଘ ଖ୍ରୀଷ୍ଟମତରେ ପରିଣତ ହୋଇଗଲା । ଏହି ରୂପରେ ପ୍ରଥମେ ତିଆରି ହୋଇଥିବା ଖ୍ରୀଷ୍ଟମତ ଖୁବ୍ କମ୍ ଦିନରେ ସାରା ଦୁନିଆରେ ବ୍ୟାପିଗଲା; ତଥାପି ଆଜି ଖ୍ରୀଷ୍ଟମତ ବ୍ୟାପିନଥିବା ଅନେକ ଅଞ୍ଚଳ ଭୂପୃଷ୍ଠରେ ବଳକା ରହିଯାଇଥିଲା, ସେମାନେ ମଧ୍ୟ ଦୈବଜ୍ଞାନକୁ ଜାଣନ୍ତୁ ବୋଲି ଉଦ୍ଦେଶ୍ୟ ନେଇ ସୂର୍ଯ୍ୟଗ୍ରହ ସୃଷ୍ଟି ଆଦିକାଳରେ ଦୈବଜ୍ଞାନକୁ ଜଣାଇଥିବା ଭଳି ପୁନର୍ବାର ଜିବ୍ରାଇଲ ନାମରେ ଆସି ଇଜ୍ରାଏଲ୍ ଦେଶର ସମୀପରେ ଥିବା ମକ୍କା, ମଦୀନା ଅଞ୍ଚଳରେ ମହମ୍ମଦ୍ ପ୍ରବକ୍ତାଙ୍କୁ ଜଣାଇଥିଲେ । ଏହିଭଳି ଗୋଟିଏ ଈଶ୍ୱର ଜଣାଇଥିବା ଜ୍ଞାନ ସୃଷ୍ଟି ପ୍ରାରମ୍ଭ କାଳରେ ସୂର୍ଯ୍ୟଙ୍କୁ ଆକାଶବାଣୀ (ଓହି) ଦ୍ୱାରା ଶୁଣାଯାଇ କାଳକ୍ରମେ ଭାରତରେ ଏବଂ ଇଜ୍ରାଏଲ ଦେଶରେ ଦୁଇଜଣ ବ୍ୟକ୍ତିଙ୍କ ଦ୍ୱାରା ସମସ୍ତଙ୍କୁ

ଜଣାପଡିଥିଲା । ବାଇବେଲ ଜ୍ଞାନ ଆସିବା ପରେ ପୁଣି ଛଅଶହ ବର୍ଷ ଉତ୍ତାରେ ମହମ୍ମଦ୍ ପ୍ରବକ୍ତାଙ୍କୁ ମଧ୍ୟ ସେହି ଜ୍ଞାନ ଜୀବ୍ରାଇଲ୍ ଗ୍ରହଙ୍କ ଦ୍ୱାରା ତୃତୀୟ ଥର ଜଣାପଡିଥିଲା । ଏହିଭଳି ତିନିଥର ତିନି ପ୍ରକାରରେ ଐଶ୍ୱରୀୟ ଜ୍ଞାନ ଭୂପୃଷ୍ଠରେ ଜଣାପଡିଥିବା ବେଳେ, ଯୀଶୁ ଯାହା କହିଥିଲେ ତାହାକୁ ଆଧାର କରି କିଛିଲୋକ ଖ୍ରୀଷ୍ଟମତ ନାମରେ ପରିଗଣିତ ହୋଇଥିଲେ, ଯାହା ଜିବ୍ରାଇଲ୍ କହିଥିଲେ ତାହାକୁ ଆଧାର କରି କିଛିଲୋକ ଇସ୍ଲାମ ମତ ନାମରେ ପରିଗଣିତ ହୋଇଥିଲେ । ସେହିଭଳି ଶ୍ରୀକୃଷ୍ଣ କହିଥିବା ଜ୍ଞାନ ଭଗବଦ୍ଗୀତା ରୂପ ନେଇଥିଲା ଏବଂ ଆଜି ତାହା ହିନ୍ଦୁ ସମ୍ବନ୍ଧୀୟ ବୋଲି କହି ପାରିବା । ପାଞ୍ଚହଜାର ବର୍ଷ ପୂର୍ବେ କୁହାଯାଇଥିବା ଜ୍ଞାନ ଭଗବଦ୍ଗୀତା ଗ୍ରନ୍ଥ ହୋଇଥିବା ସ୍ଥଳେ, ଦୁଇହଜାର ବର୍ଷ ପୂର୍ବେ କୁହାଯାଇଥିବା ଜ୍ଞାନ ବାଇବେଲ ଗ୍ରନ୍ଥ ଭାବରେ, ଆଜିକୁ ଚଉଦଶହ ବର୍ଷ ପୂର୍ବେ କୁହାଯାଇଥିବା ଜ୍ଞାନ କୋରାନ ଗ୍ରନ୍ଥ ନାମରେ ଆମମାନଙ୍କ ପାଖରେ ରହିଛି ।

ଏହିଭଳି ତିନି ଗ୍ରନ୍ଥକୁ ଅନୁସରଣ କରୁଥିବା ଲୋକମାନେ ତିନି ମତରେ ପରିଣତ ହୋଇଯାଇଥିଲେ । ଏପରି କିଏ କେଉଁଭଳି ଥିଲେ ମଧ୍ୟ ଈଶ୍ୱର ଜଣାଇଥିବା ଜ୍ଞାନ ମଣିଷ ପାଖରେ ତିନିଗୋଟି ଗ୍ରନ୍ଥ ହୋଇ ରହିଛି । ତିନି ମତର ଲୋକମାନେ ନିଜ ନିଜର ମତକୁ ଦେଖି ଆମ ମତ ମହାନ ଆମ ମତ ମହାନ କହୁଥିଲେ ମଧ୍ୟ ଈଶ୍ୱର ଜଣାଇଥିବା ଜ୍ଞାନ ଭାଷା ଭେଦରେ ଆମମାନଙ୍କ ପାଖରେ ତିନିଗୋଟି ଗ୍ରନ୍ଥ ହୋଇ ରହିଛି । ତିନି ଗ୍ରନ୍ଥ ହୋଇ, ତିନି ମତ (ଧର୍ମ) ହୋଇ ରହିଥିଲେ ମଧ୍ୟ ସବୁ ଗ୍ରନ୍ଥରେ ସେହି ଗୋଟିଏ ଈଶ୍ୱର ଜଣାଇଥିବା ଜ୍ଞାନ ରହିଛି ବୋଲି ଆମେମାନେ ଜାଣିବା ଉଚିତ୍ । ସୃଷ୍ଟି ପ୍ରାରମ୍ଭରେ ଆକାଶବାଣୀ ଦ୍ୱାରା କୁହାଯାଇଥିବା ଜ୍ଞାନ ତାପରେ ଦୁଇଟି ଗ୍ରହ ନାମରେ ଦୁଇଥର, ଦୁଇଜଣ ମଣିଷ ନାମରେ ଦୁଇଥର ଜଣା ପଡିଥିଲା । ଦୈବଜ୍ଞାନ ବା ଐଶ୍ୱରୀୟଜ୍ଞାନ ବୋଲି ଯାହାକୁ କହୁଛେ ତାହା ସୃଷ୍ଟିର ଆଦିକାଳରେ ପ୍ରଥମେ ଆସିଥିଲା, ତାହା ହିଁ ବାରମ୍ବାର କୁହାଯାଇ

ଆସୁଛି  ସିନା, ଆଉ  କୌଣସି  ଦ୍ୱିତୀୟ  ଜ୍ଞାନ  ଭୂପୃଷ୍ଠରେ  ନାହିଁ । ତେଣୁ କେଉଁଠି କୁହନ୍ତୁ, କେତେବେଳେ କୁହନ୍ତୁ, କାହା ଦ୍ୱାରା ମଧ୍ୟ କୁହାନ୍ତୁ ତାହା ସେହି  ଆଦିଜ୍ଞାନ ବୋଲି କହିବାକୁ ପଡିବ । ସେଥିଲାଗି ଆଜି ତିନି ମତରେ ଯେଉଁ ଜ୍ଞାନ ଗ୍ରନ୍ଥ ରହିଛି ତାହାସବୁ ଗୋଟିଏ ଜ୍ଞାନ ବୋଲି ଜଣାଯାଉଛି । କିନ୍ତୁ ମଣିଷର ଦୁର୍ଭାଗ୍ୟ  ଏହା  ଯେ, ତିନି  ଦୈବଗ୍ରନ୍ଥରେ ଗୋଟିଏ  ଜ୍ଞାନ ଅଛି ବୋଲି  ମଣିଷ ଜାଣିପାରୁ ନାହିଁ । ଅଲଗା ଅଲଗା ନାମର ମତଗୁଡିକରେ ରହିଥିବା ଲୋକମାନେ କେବଳ ନିଜ ନିଜ ମତରେ ଥିବା ଗ୍ରନ୍ଥକୁ ପଢନ୍ତି ସିନା, ଅନ୍ୟ ମତର ଗ୍ରନ୍ଥକୁ ମଧ୍ୟ ପଢିବା ଉଚିତ୍ ବୋଲି ଜାଣିପାରୁ ନାହାନ୍ତି, ଅନ୍ୟ ମତରେ ଜ୍ଞାନ ଅଛି କି ଅଜ୍ଞାନ ଅଛି ବୋଲି ଜାଣିପାରୁ ନାହାନ୍ତି । ତାଛଡା ତିନି ମତରେ ଥିବା ଲୋକମାନେ ସମସ୍ତେ ଯେ ସେମାନଙ୍କ ମତରେ ଥିବା ଗ୍ରନ୍ଥକୁ ପଢିଛନ୍ତି ବୋଲି ସଂପୂର୍ଣ୍ଣ ବିଶ୍ୱାସ କରିପାରିବା ନାହିଁ । ଏକ ହିସାବ ଅନୁସାରେ ଶହେରୁ ୮୦ଜଣ କିମ୍ବା ୯୦ଜଣ ଲୋକେ ସେମାନଙ୍କ ମତଗୁରୁ (ଧର୍ମଗୁରୁ)ମାନେ କହୁଥିବା ବାଣୀକୁ ଶୁଣିଥାନ୍ତି, ଅଥଚ ନିଜର ଗ୍ରନ୍ଥକୁ କେବେ ପଢି ନଥାନ୍ତି । ସେଥିଲାଗି ତିନି  ଦୈବଗ୍ରନ୍ଥରେ କଣସବୁ ଅଛି ତାହା ତିନି ମତାବଲମ୍ବୀ ମାନଙ୍କୁ ଜଣା ନାହିଁ । କେତେକ ମତବୃଦ୍ଧମାନେ ମତଦ୍ୱେଷ ନେଇ ଅନ୍ୟମାନଙ୍କ ଗ୍ରନ୍ଥକୁ ପଢନ୍ତି ନାହିଁ । ଯଦି ବା କେହି ପଢନ୍ତି ତେବେ ଇତର ମତରେ ଥିବା ଜ୍ଞାନକୁ ବୁଝିଥାନ୍ତି ବୋଲି କହିପାରିବା ନାହିଁ । ଯଦି କେହି ଅନ୍ୟ ମତର ଗ୍ରନ୍ଥକୁ ପଢି ବୁଝିଥାନ୍ତି, ଅନ୍ୟ ମତରେ ମଧ୍ୟ ଈଶ୍ୱରଙ୍କ ଜ୍ଞାନ ଅଛି ବୋଲି ଜାଣିଥାନ୍ତି; ତଥାପି ସେମାନେ ତାହାକୁ ଲୁଚେଇ ରଖିବାକୁ ଚେଷ୍ଟା କରୁଛନ୍ତି । କାହିଁକିନା ! ଯଦି ପ୍ରଜାମାନେ ଏହି ସତ୍ୟକୁ ଜାଣିଯିବେ ତେବେ ସେମାନେ ସେମାନଙ୍କ ଅଧିନରୁ ଖସିଯିବେ, ସେମାନଙ୍କ ଉପରେ ଏମାନଙ୍କ ଆଧିପତ୍ୟ ରହିବ ନାହିଁ । ସେଥିଲାଗି ଆମ ମତରେ ଯାହା ଅଛି ତାହା ଜ୍ଞାନ, ଅନ୍ୟ ମତରେ ଯାହା ଅଛି ତାହା ଅଜ୍ଞାନ ବୋଲି ବୋଧ କରାଇଥାନ୍ତି । ଏହିଭଳି ଗୋଟିଏ

ମତରେ ଥିବା ଗ୍ରନ୍ଥରେ ଯାହା ଅଛି ତାହା ଅନ୍ୟମତର ଲୋକଙ୍କୁ ଅଜଣା ରହିଯାଇଛି, ଯାହା ମତକୁ ଯିଏ ମହାନ କହିବାରେ ଲାଗିପଡିଛନ୍ତି ।

ଈଶ୍ୱର ସମସ୍ତଙ୍କୁ ଜ୍ଞାନ ଜଣାଇବା ଉଦ୍ଦେଶ୍ୟରେ ତିନି ଅଞ୍ଚଳରେ, ତିନି କାଳରେ ଜ୍ଞାନ ଜଣାଇଥିବା ବେଳେ, ମଣିଷ ତାହାକୁ ତିନିଗୋଟି ମତ କରିଦେଇଛି । ହେଲେ ଏହିଭଳି ତିଆରି ହୋଇଥିବା ତିନି ମତ ଭିତରୁ କେଉଁ ମତଟି ଉନ୍ନତ ବୋଲି କେତେକଙ୍କ ଠାରେ ନିଶ୍ଚୟ ପ୍ରଶ୍ନ ଆସୁଥିବ, ଏହାର ଉତ୍ତର ଏଭଳି କହିପାରିବା ଯେ, ତିନି ମତରେ ସମାନ ଜ୍ଞାନ ରହିଥିବାରୁ କୌଣସି ମତ ବଡ କିମ୍ବା ସାନ ନହୋଇ ତିନୋଟିଯାକ ସମାନ । ଏଠାରେ ଗୋଟିଏ ଉଦାହରଣ ଦେଖିବା । ଗୋଟିଏ ପରିବାରରେ ଜଣେ ବାପାର ତିନି ପୁଅ ଥିଲେ ବୋଲି ଭାବିବା । ତିନି ପୁଅ ବାପା ଔରସରୁ ଜନ୍ମ ହୋଇଥିବାରୁ ବାପା ପାଇଁ ତିନିଜଣଯାକ ପୁଅ ହୋଇଥାନ୍ତି, ସେହିଭଳି ପୁଅମାନଙ୍କ ପାଇଁ ସେ ବ୍ୟକ୍ତି ବାପା ହୋଇଥାଏ । ତିନି ପୁଅଙ୍କ ବାପା ଜଣେ ହୋଇଥିବାରୁ ତିନିପୁଅ ତାକୁ ସମସ୍ତେ ବାପା ଡାକିବେ । ତିନିପୁଅ ବାପାପାଇଁ ସମାନ ହୋଇଥିଲେ ମଧ୍ୟ ବାପା ଇଏ ମୋ ବଡପୁଅ, ସେ ମୋର ମଝିଆଁ ପୁଅ, ଏଇଟି ମୋର ସାନପୁଅ ବୋଲି ଅଲଗା ଅଲଗା କହିଥାଏ, ହେଲେ ତିନିପୁଅ ବାପାକୁ ସେହି ବାପା ହିଁ ଡାକିବେ । ବଡ ଯାହା ଡାକିବ ଅନ୍ୟ ଦୁଇଜଣ ମଧ୍ୟ ତାହା ଡାକିବେ । ବାପା ଏହିଭଳି ତା ପୁଅ ମାନଙ୍କୁ ବଡ ସାନ ଭେଦରେ କହିବା ଭଳି, ପୁଅମାନେ କହିପାରିବା ଅସମ୍ଭବ । ବଡପୁଅ ବଡବାପା ଡାକିବ ନାହିଁ, ମଝିଆଁପୁଅ ମଝିଆଁବାପା ଡାକିବ ନାହିଁ କି ସାନପୁଅ ସାନବାପା ଡାକିବ ନାହିଁ ! ବାପାପାଇଁ ପୁଅ ମାନେ ବଡ, ସାନ ହେଲେ ମଧ୍ୟ, ପୁଅମାନଙ୍କ ପାଇଁ ବାପା ସମାନ ବୋଲି ସମସ୍ତେ ଜାଣନ୍ତି । ଏହି ନିୟମରେ ଈଶ୍ୱର ଆମମାନଙ୍କର ବାପା ଭଳି, ତିନି ଗ୍ରନ୍ଥ କିମ୍ବା ତିନି ମତ ତାଙ୍କ ପୁଅ ଭଳି । ବାପା ପାଇଁ ପୁଅମାନେ ବଡ, ମଝିଆଁ, ସାନ ହେବା ଭଳି, ଈଶ୍ୱରଙ୍କ ପାଇଁ ତିନି ଗ୍ରନ୍ଥ ଆଗପଛ ହୋଇ

ଆସିଥିବାରୁ, ପ୍ରଥମେ ଆସିଥିବା ଗ୍ରନ୍ଥକୁ ପ୍ରଥମ ଦୈବଗ୍ରନ୍ଥ, ତାପରେ ଆସିଥିବା ଗ୍ରନ୍ଥକୁ ମଧ୍ୟମ ଦୈବଗ୍ରନ୍ଥ, ଶେଷରେ ଆସିଥିବା ଗ୍ରନ୍ଥକୁ ଅନ୍ତିମ ଦୈବଗ୍ରନ୍ଥ ବୋଲି କୁହାଯାଇଛି । ବାପାଠାରୁ ଜନ୍ମ ହୋଇଥିବା ତିନି ପୁଅ ବାପା ଔରସରୁ ଜନ୍ମ ହେବା ଭଳି, ଈଶ୍ୱରଙ୍କଠାରୁ ଆସିଥିବା ତିନି ଦୈବଗ୍ରନ୍ଥ ଈଶ୍ୱରଙ୍କ ଅଂଶରୁ ଆସିଛି । ପୁଅମାନଙ୍କ ତରଫରୁ ବାପାକୁ ପୁଅମାନେ କୌଣସି ଭିନ୍ନ ନାମରେ ନ ଡାକି ସମସ୍ତେ ସମାନ ଭାବରେ ବାପା କହିବା ଭଳି, ତିନି ଗ୍ରନ୍ଥ ତରଫରୁ କହିଲେ ତିନିଗ୍ରନ୍ଥ ସମାନ ହକ୍‌ଦାର ହୋଇ ଈଶ୍ୱରଙ୍କୁ ଅନ୍ୟ କୌଣସି ଭିନ୍ନ ନାମରେ ନ ଚିହ୍ନାଇ ଗୋଟିଏ ଈଶ୍ୱର ବୋଲି ଚିହ୍ନାଉଛି ।

ଆମେ ଭାବିବା ଭଳି ତିନି ଗ୍ରନ୍ଥ ଈଶ୍ୱରଙ୍କୁ ସମାନ ଭାବରେ ନକହି ଆମ ଈଶ୍ୱର ଅଲଗା, ତୁମ ଈଶ୍ୱର ଅଲଗା ବୋଲି ମଣିଷ କାହିଁକି କହୁଛି ? କହି କେହି ଯଦି ପ୍ରଶ୍ନ କରେ, ତେବେ ଆମ ତରଫରୁ ତା ପାଇଁ ସମାଧାନ ହେଉଛି ! ଗୋଟିଏ ବାପାଠାରୁ ତିନି ପୁଅ ଜନ୍ମ ହୋଇଥିଲେ ମଧ୍ୟ ସେମାନେ ଯଦି ଜନ୍ମହେବା ବେଳଠାରୁ ଅଲଗା ଅଲଗା ଜାଗାରେ ବଢିଥିବେ ତେବେ ସେମାନେ ଆମ ବାପା ଜଣେ ବୋଲି ଜାଣି ପାରିବେ ନାହିଁ । ଏଠାରେ ସେମାନେ ବାପାର ମହାନତାକୁ ଯାହା ତରଫରୁ ଯିଏ ଅଲଗା ଅଲଗା କହିପାରନ୍ତି, କିନ୍ତୁ ପୁଅମାନେ ଭିନ୍ନ ଭିନ୍ନ ଜାଗାରେ କିମ୍ୱା ଭିନ୍ନ ଭିନ୍ନ ଦେଶରେ ଥିଲେମଧ୍ୟ ତିନି ପୁଅଙ୍କୁ ଇଏ ବଡ, ଇଏ ମଝିଆଁ, ସିଏ ସାନ ବୋଲି କହିବା ସହିତ ସମସ୍ତଙ୍କୁ ମୋ ପୁଅ ବୋଲି କହିବ । ଏଭଳି କହିବା ମଧ୍ୟ ବାସ୍ତବ କଥା ! ସେହିଭଳି ତିନି ଗ୍ରନ୍ଥକୁ ଛୋଟ, ବଡ ଭେଦରେ ଈଶ୍ୱର କହିଥିଲେ ମଧ୍ୟ, ତିନି ଗ୍ରନ୍ଥରେ ଦୈବଅଂଶ (ଜ୍ଞାନ)ହିଁ ରହିଛି ବୋଲି ଜାଣିବା ଉଚିତ୍ । ବାପା ଔରସରୁ ଜନ୍ମ ହୋଇଥିବା ତିନି ପୁଅଙ୍କ ଭିତରେ ବାପାର ସ୍ୱଭାବ ରହି ପାରିବା ଭଳି, ତିନି ଗ୍ରନ୍ଥରେ ସମାନ ଜ୍ଞାନ ଅଛି ବୋଲି କହିପାରିବା । ଆଜି ରହିଥିବା ଭଗବଦ୍ଗୀତା, ବାଇବେଲ,

କୋରାନ ନାମକ ତିନି ଦୈବଗ୍ରନ୍ଥରେ ଗୋଟିଏ ଦୈବଙ୍କର ଜ୍ଞାନ ରହିଛି । ତିନି ଗ୍ରନ୍ଥ ଜଣେ ଈଶ୍ୱରଙ୍କୁ ଚିହ୍ନାଉଛି । ସେହିଭଳି ଈଶ୍ୱର ତାଙ୍କ ତିନି ଗ୍ରନ୍ଥ ଭିତରୁ ପ୍ରଥମେ ଦେଇଥିବା ଗ୍ରନ୍ଥକୁ ପ୍ରଥମ ଦୈବଗ୍ରନ୍ଥ, ମଝିରେ ଦେଇଥିବା ଗ୍ରନ୍ଥକୁ ମଧ୍ୟମ ଦୈବଗ୍ରନ୍ଥ, ଶେଷରେ ଦେଇଥିବା ଗ୍ରନ୍ଥକୁ ଅନ୍ତିମ ଦୈବଗ୍ରନ୍ଥ ବୋଲି କହୁଛନ୍ତି । ଯେମିତି କହିଲେ ମଧ୍ୟ ବାପା ପାଇଁ ତିନିପୁଅ ସମାନ, ପୁଅମାନଙ୍କ ପାଇଁ ବାପା ଜଣେ ବୋଲି ଆମେ ନ ଭୁଲିବା ଉଚିତ୍ ।

ବାପାର ତିନି ପୁଅ ଥିବାବେଳେ, ବାପା ପାଇଁ ତିନିପୁଅ ସମାନ ହେଲେ ମଧ୍ୟ, ବାପା ତାର ସାନ ପୁଅମାନଙ୍କୁ ବଡପୁଅକୁ ଦେଖାଇ ତୁମ ବଡଭାଇ କଥା ମାନ, ବଡଭାଇର କଥାକୁ ଅମାନିଆଁ ହୁଅ ନାହିଁ, ତାକୁ ସମ୍ମାନ ଦିଅ କହିବା ଭଳି ଈଶ୍ୱର ଅନେକ ସନ୍ଦର୍ଭରେ ତିନି ଦୈବଗ୍ରନ୍ଥକୁ ପ୍ରସ୍ତାବିତ କରିବା ବେଳେ, ଅନ୍ୟ ଦୁଇଗ୍ରନ୍ଥ ଆଗରୁ ଆସିଥିବା ଭଗବତ୍ ଗୀତାକୁ ମହାନ କହିଛନ୍ତି । ବଡଭାଇକୁ ଅନୁସରଣ କରି ସାନଭାଇମାନେ ଆସିଥିବାରୁ ସେମାନଙ୍କୁ ଅନୁଜ କହିବା ଭଳି, ଭଗବଦ୍ଗୀତାକୁ ଅନୁସରଣ କରି କୁହାଯାଇଥିବା ବାଇବେଲ, କୋରାନକୁ ଅନୁକରଣ ଗ୍ରନ୍ଥ, ଅନୁସରଣ କରୁଥିବା ଗ୍ରନ୍ଥ, ଗୀତାକୁ ଦୃଢିକୃତ କରୁଥିବା ଗ୍ରନ୍ଥ ବୋଲି କହିଛନ୍ତି । ଏବେ ମୁଁ କହିଥିବା କଥାକୁ ଅନେକ ଲୋକ ପସନ୍ଦ କରି ନପାରନ୍ତି, କିନ୍ତୁ ଏକଥା ମୁଁ କହୁ ନାହିଁ, ସ୍ୱୟଂ ଈଶ୍ୱର କହିଥିବା କଥା ବୋଲି ସେମାନେ କାହିଁକି ଭାବୁ ନାହାନ୍ତି ? ଥରେ କୋରାନ ଗ୍ରନ୍ଥର ୨ୟ ସୁରାରେ ଥିବା ୮୯ତମ ଆୟତକୁ ଦେଖନ୍ତୁ । **"ଯେତେବେଳେ ସେମାନଙ୍କ ନିକଟରେ ଥିବା ଗ୍ରନ୍ଥର (ଭଗବଦ୍ଗୀତାର) ସତ୍ୟତାକୁ ପ୍ରମାଣିତ କରୁଥିବା ଏକ ଗ୍ରନ୍ଥ(ବାଇବେଲ) ଅଲ୍ଲାଃଙ୍କଠାରୁ ସେମାନଙ୍କ ନିକଟକୁ ଆସିଲା, ଏବଂ ଯଦିଚ ଏହା ପୂର୍ବରୁ ସେମାନେ ଅବିଶ୍ୱାସକାରୀଙ୍କ ବିରୁଦ୍ଧରେ ବିଜୟଭିକ୍ଷା କରୁଥିଲେ ତଥାପି ଯେତେବେଳେ ସେହି ବିଷୟ ସେମାନଙ୍କ ନିକଟକୁ ଆସିଗଲା ସେତେବେଳେ ସେମାନେ ତାହାକୁ**

**ଜାଣିବା ସତ୍ତ୍ୱେ ଅଗ୍ରାହ୍ୟ କରିଦେଲେ; ସୁତରାଂ ଏଭଳି ଅବିଶ୍ୱାସକାରୀ ମାନଙ୍କ ପ୍ରତି ଅଲ୍ଲାଃଙ୍କର ଅଭିଶାପ ରହିଅଛି ।"** ଏହି ବାକ୍ୟରେ ମୁଖ୍ୟତଃ କଥନୀୟ ବିଷୟ ହେଉଛି ! ମଣିଷ ପାଖରେ ଆଗରୁ ଥିବା ଭଗବଦ୍ଗୀତାକୁ ଧୃବୀକରଣ କରୁଥିବା ଗ୍ରନ୍ଥ ଈଶ୍ୱର(ଅଲ୍ଲାଃ)ଙ୍କ ନିକଟରୁ ଆସିଲାବେଳେ, ଆସିଥିବା ଦୁଇ ଗ୍ରନ୍ଥକୁ ଅନେକ ଲୋକ ତୀରସ୍କାର କରିଦେଲେ । ପ୍ରଥମେ ଆସି ମଣିଷ ପାଖରେ ଭଗବଦ୍ଗୀତା ଥିବାବେଳେ, ଦ୍ୱିତୀୟ ଥର ଆସିଥିବା ବାଇବେଲ ଗ୍ରନ୍ଥ ଭଗବଦ୍ଗୀତାକୁ ଦୈବଗ୍ରନ୍ଥ ବୋଲି ଧୃବୀକରଣ କରିବାକୁ (ସାକ୍ଷୀଦେବାକୁ) ଯେତେବେଳେ ଆସିଲା ସେତେବେଳେ ଅନେକ ଲୋକ ବାଇବେଲର ମଧ୍ୟ ବିରୁଦ୍ଧ ହୋଇଥିଲେ, ତୀରସ୍କାର କରିଥିଲେ ବୋଲି ଏହି ବାକ୍ୟରେ ଲେଖାଯାଇଛି । ସେହିଭଳି ସେହି ସୁରାର ୯୧ତମ ଆୟତରେ ମଧ୍ୟ **"ଅଲ୍ଲାଃ ଯାହାକିଛି ଅବତୀର୍ଣ୍ଣ କରିଛନ୍ତି ତହିଁରେ ବିଶ୍ୱାସ କର"** ବୋଲି ସେମାନଙ୍କୁ କହିବାବେଳେ "ଆମମାନଙ୍କ ଉପରେ ଯାହା ଅବତୀର୍ଣ୍ଣ ହୋଇଅଛି ଆମେ ତାହାକୁ ବିଶ୍ୱାସ କରୁ" ବୋଲି ସେମାନେ ଉତ୍ତର ଦେଇଥିଲେ । ତାପରେ ଯାହା ଆସିଥିଲା (ଅର୍ଥାତ୍ ଗୀତା ପରେ ଆସିଥିବା ବାଇବେଲ୍) ତାହା ସତ୍ୟ ହୋଇଥିଲେ ମଧ୍ୟ ତାହାକୁ ସେମାନେ କାହିଁକି ତୀରସ୍କାର ବା ଅଗ୍ରାହ୍ୟ କରିଥିଲେ ବୋଲି ପ୍ରଶ୍ନ କରାଯିବା ଭଳି ରହିଛି । ୨ୟ ସୁରାର ୮୯ ଏବଂ ୯୧ତମ ଆୟତ ଦୁଇଟିରେ ଈଶ୍ୱରଙ୍କଠାରୁ ଆସିଥିବା ପ୍ରଥମ ଗ୍ରନ୍ଥ ହେଉଛି ଭଗବଦ୍ଗୀତା, ତାପରେ ଈଶ୍ୱର ଜନ୍ମ କରାଇଥିବା ଗ୍ରନ୍ଥ ହେଉଛି ବାଇବେଲ । ବାଇବେଲ ଗ୍ରନ୍ଥ ଭଗବଦ୍ଗୀତାକୁ ଧୃବୀକରଣ କରୁଥିଲେ ମଧ୍ୟ, ଗୀତାକୁ ଧୃବୀକୃତ କରୁଥିବା ଏହି ଗ୍ରନ୍ଥକୁ ଅନେକ ଲୋକ ସ୍ୱୀକାର କରି ନାହାନ୍ତି । ଆଜି ମଧ୍ୟ ଅନେକ ହିନ୍ଦୁମାନେ ବାଇବେଲର ସତ୍ୟକୁ ନଜାଣି ଏହା ଆମମାନଙ୍କର ବିରୁଦ୍ଧ ଗ୍ରନ୍ଥ ବୋଲି ଭାବୁଛନ୍ତି । କୌଣସି ଖ୍ରୀଷ୍ଟିଆନକୁ ମଧ୍ୟ ଜଣା ନାହିଁ ଯେ ସେମାନଙ୍କ ବାଇବେଲ ଭଗବଦ୍ଗୀତାକୁ ପ୍ରମାଣିତ କରିବା ପାଇଁ ଆସିଛି । ଈଶ୍ୱର ଭଗବଦ୍ଗୀତାକୁ ଧୃବୀକରଣ କରିବା

ପାଇଁ ପଠାଇଥିବା ବାଇବେଲ ଭଗବଦ୍ଗୀତାର ସାନଭାଇ ଭଳି ହୋଇଥିଲେ ମଧ୍ଯ, ଭଗବଦ୍ଗୀତାକୁ ପ୍ରକୃତ ଐଶ୍ୱରୀୟ ଗ୍ରନ୍ଥ ବୋଲି ପ୍ରମାଣ ଦେବା ପାଇଁ ବାଇବେଲ ଆସିଥିଲେ ମଧ୍ଯ, ହିନ୍ଦୁମାନେ ତାହାକୁ ତୀରସ୍କାର କରିଥିଲେ ବୋଲି କୋରାନ ଗ୍ରନ୍ଥର ୨ୟ ସୁରାରେ ଥିବା ୮୯, ୯୧ ତମ ଆୟତରେ ଅଛି । ଏହି ବାକ୍ୟ ଦ୍ୱୟକୁ କୌଣସି ମୁସ୍ଲିମମାନେ ମଧ୍ଯ ଜାଣନ୍ତି ନାହିଁ । ଏବେ ଏକଥା ମୁଁ କହିବା ପରେ ତିନି ମତର ଲୋକମାନେ ଗ୍ରନ୍ଥରେ ଥିବା ଏହି ସତ୍ୟକୁ ଜାଣି ପାରୁଛନ୍ତି ।

ବାଇବେଲ ପରେ କୋରାନ ଗ୍ରନ୍ଥ ଜନ୍ମ ହୋଇଥିଲା, ବାଇବେଲ ଆଗରୁ ଭଗବଦ୍ଗୀତା ଜନ୍ମ ହୋଇଥିଲା ବୋଲି ବୁଝିଗଲେ । ମୁଁ ଯାହାସବୁ କହୁଛି ତାହା ଅକ୍ଷରେ ଅକ୍ଷରେ ସତ ବୋଲି କହିବା ପାଇଁ କୋରାନର ୫ମ ସୁରାରେ ଥିବା ୪୬ତମ ଆୟତର ବିଷୟକୁ ଥରେ ଲକ୍ଷ୍ୟ କରିବା । ଏହି ବାକ୍ୟରେ (ଆୟତରେ) ବୁଝିହେଉ ନଥିବା ବିଷୟ କିଛି ନଥିଲେ ମଧ୍ଯ, ମୁଁ କଣ କହୁଛିନା! ଦୁଇ ପୁଅଙ୍କୁ ଅନ୍ୟମାନେ ଖରାପ କହୁଥିବା ବେଳେ ସେମାନଙ୍କ ବାପା ଆସି **"ସେ ଦୁଇଜଣ ମୋ ପୁଅ, ସାନପୁଅ କେତେବେଳେ ମଧ୍ଯ ବଡପୁଅ ଆଗରେ ଛିଡାହୋଇ କଥାବାର୍ତ୍ତା କରି ନାହିଁ, ସବୁବେଳେ ବଡଭାଇକୁ ସମ୍ମାନ ଦେଉଛି । ତୁମେମାନେ ମୋ ପୁଅଙ୍କୁ ଖରାପ କହୁଛ ! ସାନପୁଅ ତା ବଡଭାଇକୁ ବହୁତ ସମ୍ମାନ ଦେଉଛି, ତାଛଡା ବଡଭାଇର ମହାନତା ପାଇଁ ପ୍ରମାଣ ହୋଇ ରହିଛି"** କହିବା ଭଳି କୋରାନରେ କୁହାଯାଇଛି । ଏହି ବାକ୍ୟରେ ଯୀଶୁଙ୍କୁ ଯେଉଁ ଗ୍ରନ୍ଥ ଦିଆଯାଇଥିଲା ତାହା ଇଞ୍ଜିଲ୍ ବୋଲି ଲେଖାଯାଇଛି । ଇଞ୍ଜିଲ୍ କହିଲେ ବାଇବେଲ ବୋଲି ବୁଝିବା ଉଚିତ୍ । ଏଥିରେ ଇଞ୍ଜିଲ୍ ଗ୍ରନ୍ଥ ତୌରାତ ଗ୍ରନ୍ଥକୁ ଧୃବୀକରଣ କରୁଛି ବୋଲି ସ୍ପଷ୍ଟ ଭାବରେ କୁହାଯାଇଛି । ତୌରାତ ନାଆଁଟି ଆପଣମାନଙ୍କୁ ନୂଆ ଲାଗୁଥିଲେ ମଧ୍ଯ, ତାହା ବାଇବେଲ ଆଗରୁ ଜନ୍ମ ହୋଇଥିବା ଭଗବଦ୍ଗୀତା ବୋଲି ଜଣାଯାଉଛି । କୋରାନର ୫ମ

ସୁରାରେ ଥିବା ୪୩, ୪୪ ତମ ଆୟତରେ ମଧ୍ୟ ଏହି ତୌରାତ୍ ନାଆଁଟି ରହିଛି । ତେଣୁ ଏବେ ଆମେ ଏହି ଦୁଇଟି ଆୟତକୁ ଦେଖିବା ।

**(୫-୪୩) "ଏବଂ ସେମାନେ ତୁମ୍ଭଙ୍କୁ କିପରି ବିଚାରପତି ନିଯୁକ୍ତ କରି ପାରିବେ ଯେତେବେଳେ କି ସେମାନଙ୍କ ନିକଟରେ ଅଲ୍ଲାଃଙ୍କ ଆଦେଶାବଳୀ ସଂବଳିତ ତୌରାତ (ଧର୍ମଗ୍ରନ୍ଥ) ଅଛି; ତଥାପି ଏହା ସତ୍ତ୍ୱେ, ସେମାନେ ପୃଷ୍ଠ ଭଙ୍ଗ କରି ଫେରି ଯାଉଛନ୍ତି; ଏବଂ ସେମାନେ କଦାପି ବିଶ୍ୱାସକାରୀ ନୁହନ୍ତି ।"**

**(୫-୪୪) "ବାସ୍ତବରେ ଆମ୍ଭେ ତୌରାତକୁ ସତ୍ ପଥ ପ୍ରଦର୍ଶନ ଓ ଜ୍ୟୋତିରେ ପରିପୂର୍ଣ୍ଣ କରି ଅବତୀର୍ଣ୍ଣ କରିଥିଲୁ ।"**

ଉପର ଦୁଇ ଆୟତରେ ତୌରାତ୍ ଗ୍ରନ୍ଥକୁ ମହାନ ବୋଲି କୁହାଯାଇଛି । ତୌରାତ୍ ଗ୍ରନ୍ଥରେ ସତ୍ପଥ ପ୍ରଦର୍ଶନ ଓ ଜ୍ୟୋତି ରହିଛି ବୋଲି ସେଦିନ ମହାଜ୍ଞାନୀ ଜିବ୍ରାଇଲ୍ କହିଥିଲେ । ଜ୍ୟୋତି କହିଲେ ଜ୍ଞାନଜ୍ୟୋତି ବୋଲି ବୁଝିବାକୁ ହୋଇଥାଏ । ସେହିଭଳି ସତ୍ପଥ ପ୍ରଦର୍ଶନ କହିଲେ ଜ୍ଞାନମାର୍ଗ ଦର୍ଶନ ବୋଲି ବୁଝିବାକୁ ହୋଇଥାଏ । ତୌରାତ କହିଲେ ଆରବୀ ଭାଷାରେ କଣ ଅର୍ଥ ଅଛି କେଜାଣି, କିନ୍ତୁ ସେହି ଶବ୍ଦଟିକୁ ଆମ ଭାଷାରେ ଅର୍ଥକଲେ, "ତୌ" କହିଲେ ତିନି, "ରାତ୍" କହିଲେ ରାତି । ମିଶାଇ କହିଲେ ତୌରାତ ଶବ୍ଦର ଅର୍ଥକୁ ଆମେ ତିନିରାତି ବୋଲି ବୁଝି ପାରିବା । ତିନିରାତି କହିବାରେ କେଉଁ ଆଧ୍ୟାତ୍ମିକ ଅର୍ଥ ଥିବ ବୋଲି କିଛିଲୋକ ଭାବି ପାରନ୍ତି । ଏବେ ମୁଁ ସେଇ କଥା କହୁଛି ଦେଖନ୍ତୁ ।

"ରାତ୍" କହିଲେ ରାତି ବୋଲି ସହଜରେ ବୁଝିହେଉଛି ଏବଂ ରାତି ଅନ୍ଧାରମୟ, ଅନ୍ଧାରରେ କିଛି ଦେଖାଯାଏ ନାହିଁ । ରାତିରେ କିଛି ଦେଖାଯାଉ ନଥିବାରୁ ଦେଖାଯିବା ପାଇଁ ଜ୍ୟୋତି ଆବଶ୍ୟକ । ଜ୍ୟୋତି

ଦ୍ୱାରା ଆଲୋକ ମିଳେ । ମିଳୁଥିବା ଆଲୋକ ଦ୍ୱାରା ସାମ୍ନାରେ ଥିବା ବସ୍ତୁକୁ ଦେଖି ପାରିବା । ଜ୍ୟୋତି ନଥିଲେ ରାତିରେ କିଛି ଦେଖାଯାଏ ନାହିଁ ଅର୍ଥ ଅନୁସାରେ ଆମେ ତିନିରାତି ବୋଲି (ତୌରାତ୍) କହିଛୁ । ତାର ବିବରଣୀ ହେଉଛି ! ପ୍ରତି ମଣିଷକୁ ଏହି ପ୍ରପଞ୍ଚ ଦେଖାଯାଉଛି, ଈଶ୍ୱର ଦେଖାଯାଉ ନାହାନ୍ତି । ଈଶ୍ୱରଙ୍କୁ ଏକାବେଳେ ଜାଣିହୁଏ ନାହିଁ । ଈଶ୍ୱରଙ୍କ ଜ୍ଞାନ ଜାଣିଥିବା ବ୍ୟକ୍ତିକୁ ଈଶ୍ୱର ତିନିଭାଗ ହୋଇ ଅଛନ୍ତି ବୋଲି ଧିରେ ଧିରେ ଜଣାପଡିଥାଏ । ତେଣୁ ହଠାତ୍ ଈଶ୍ୱରଙ୍କ ତିନିଭାଗକୁ କେହି ଜାଣି ପାରନ୍ତି ନାହିଁ । ଈଶ୍ୱର ଆତ୍ମାସ୍ୱରୂପ ହୋଇଥିବାରୁ, ଈଶ୍ୱର ଜୀବାତ୍ମା, ଆତ୍ମା, ପରମାତ୍ମା ନାମକ ତିନି ଆତ୍ମା ଭାବେ ବିଭାଜିତ ହୋଇ ରହିଛନ୍ତି । ତିନି ଆତ୍ମା ଭାବରେ ରହିଥିବା ଈଶ୍ୱରଙ୍କୁ ଜାଣିବା ପାଇଁ ହେଲେ ପ୍ରଥମେ ଜୀବାତ୍ମାକୁ, ତାପରେ ଆତ୍ମାକୁ ଜାଣିବାକୁ ହୋଇଥାଏ । ଜୀବାତ୍ମା, ଆତ୍ମାଙ୍କୁ ଜାଣିସାରିବା ପରେ ସେହି ଦୁଇ ଆତ୍ମାଙ୍କୁ ଏକ କରିବାକୁ ପଡିବ । ତାହା ଯୋଗ । ଦୁଇଆତ୍ମା ଏକ ହେବା ପରେ କିଛିକାଳ ଉତ୍ତାରେ ପରମାତ୍ମା ଜଣାପଡିଥାନ୍ତି, ଏହି ତିନି ଆତ୍ମାକୁ ଜାଣିବା ପ୍ରକୃତ ଜ୍ଞାନ ହୋଇଥାଏ, ଏହାକୁ ମୋକ୍ଷ କୁହାଯାଏ । ତିନିଆତ୍ମାଙ୍କୁ ନଜାଣିବା ଅଜ୍ଞାନ, ଅଜ୍ଞାନକୁ ହିଁ ଅନ୍ଧକାର ବୋଲି କୁହାଯାଏ । ଅଜ୍ଞାନ ଅନ୍ଧକାରରେ କିଛି ଜଣାଯାଉ ନଥିବାରୁ ତିନି ପ୍ରକାରରେ ରହିଥିବା ଈଶ୍ୱରଙ୍କୁ ତିନିଗୋଟି ଦେଖାଯାଉ ନଥିବା ଅନ୍ଧକାର ରାତି ନାମରେ କୁହାଯାଇଛି । ତୌରାତ୍ କହିଲେ ତିନି ଅଦୃଶ୍ୟ ଆତ୍ମା ବୋଲି ବୁଝିବା ଉଚିତ୍ । ମଣିଷ ଅଜ୍ଞାନରେ ରହି ଈଶ୍ୱରଙ୍କୁ ଜାଣିପାରି ନଥାଏ । ତିନି ଅଦୃଶ୍ୟ ଆତ୍ମାଙ୍କୁ ତୌରାତ୍ କହି, ଏହି ତିନି ଆତ୍ମା ଭଗବଦ୍ଗୀତାରେ ଥିବାରୁ ଭଗବଦ୍ଗୀତାକୁ ତୌରାତ୍ ଗ୍ରନ୍ଥ ବୋଲି କହିଥିଲେ । ତୌରାତ୍ ଗ୍ରନ୍ଥକୁ ଭକ୍ତି ଶ୍ରଦ୍ଧାର ସହିତ ପଢିଲେ ସେଥିରେ ଥିବା ଜ୍ୟୋତି ଦେଖାଯିବା ପରେ ଅନ୍ଧାର ଦୂରହୋଇଯାଇ ତିନି ଆତ୍ମା ଜଣାପଡିବେ । ଜ୍ୟୋତି (ଜ୍ଞାନ) ମିଳିବା ପରେ ତିନି ଆତ୍ମାଙ୍କୁ ଜାଣିହେବ,

ଏହି ଅନୁସାରେ ତିନି ଆତ୍ମାର ସଂକେତକୁ ତୌରାତ ନାମରେ କହି ଭଗବଦ୍ଗୀତାର ଅନ୍ୟ ନାମ ଦିଆଯାଇଥିଲା ।

ଭଗବଦ୍ଗୀତା ଲେଖାଯାଇ ପାଞ୍ଚହଜାର ବର୍ଷ ଟପିଯାଇଥିଲେ ମଧ୍ୟ, ତାହା ସୃଷ୍ଟିର ପ୍ରାରମ୍ଭ କାଳରେ କୁହାଯାଇଥିଲା । ଭଗବଦ୍ଗୀତାକୁ ଦ୍ୱିତୀୟ ଥର ଶ୍ରୀକୃଷ୍ଣ ଦ୍ୱାପର ଯୁଗର ଶେଷ ସମୟରେ କହିଥିଲେ ଏବଂ ବେଦ ବ୍ୟାସ ତାହାକୁ ଗ୍ରନ୍ଥରୂପ ଦେଇଥିଲେ । ଆଜିପର୍ଯ୍ୟନ୍ତ ବ୍ୟାସକୃତ ସେହି ଭଗବଦ୍ଗୀତାର ବିବରଣୀ ପ୍ରାୟ ତିନିଶହ ତିରିଶି ପ୍ରକାରରୁ ଊର୍ଦ୍ଧ୍ୱ ବିଭିନ୍ନ ସ୍ୱାମୀଜୀଙ୍କ ଦ୍ୱାରା ଲେଖାଯାଇ ସାରିଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଉଛି ଆଜିପର୍ଯ୍ୟନ୍ତ କେହି ଜଣେ ମଧ୍ୟ ତିନି ଆତ୍ମାର ବିବରଣୀକୁ ଲେଖିପାରି ନାହାନ୍ତି । ଈଶ୍ୱର ତାଙ୍କର ଅତ୍ୟୁନ୍ନତ ଜ୍ଞାନକୁ ଭଗବଦ୍ଗୀତାରେ ଲେଖାଇବା ସହିତ ମୁଖ୍ୟ ହୋଇଥିବା ଏହି ତିନି ଆତ୍ମାଙ୍କୁ କ୍ଷର, ଅକ୍ଷର ପୁରୁଷୋତ୍ତମ ନାମରେ ଜଣାଇଛନ୍ତି । ଈଶ୍ୱର କହିଥିବା ତିନି ପୁରୁଷ (ଆତ୍ମା) ବିବରଣୀ ଭଗବଦ୍ଗୀତାରେ କେହି ଚିହ୍ନାଇ ନପାରିବାରୁ, ତିନି ଆତ୍ମାର ବିବରଣୀ ଜାଣିଥିବା ମୁଁ ସେହି ବିଷୟକୁ ସମସ୍ତଙ୍କୁ ଜଣାଇବି ଭାବି **"ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା"** ନାମରେ ଗୀତାଗ୍ରନ୍ଥର ବିବରଣୀ ଲେଖିଛି । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତାରେ ତିନି ଆତ୍ମାର ବିବରଣୀ ଲେଖାଯାଇଛି । ତିନି ଆତ୍ମାର ବିବରଣୀ ଲେଖାଯାଇଥିବା ଗ୍ରନ୍ଥ ଏ ପର୍ଯ୍ୟନ୍ତ ଆମେ ଲେଖିଥିବା ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ବ୍ୟତୀତ ଅନ୍ୟ କିଛି ନାହିଁ । ତିନି ଆତ୍ମାର ବିବରଣୀ ଈଶ୍ୱରଙ୍କ ଦ୍ୱିତୀୟ ଗ୍ରନ୍ଥ ବାଇବେଲରେ ଏବଂ ତୃତୀୟ ବା ଅନ୍ତିମ ଗ୍ରନ୍ଥ କୋରାନରେ ଲେଖାଯାଇଛି । ବାଇବେଲ ଏବଂ କୋରାନ ଉଭୟ ପୂର୍ବରୁ ରହିଥିବା ଭଗବଦ୍ଗୀତାକୁ ଧୃବୀକୃତ କରୁଥିବାରୁ ସେ ଦୁଇଟିରେ ମଧ୍ୟ ଈଶ୍ୱର ତିନି ଆତ୍ମାଙ୍କ ବିଷୟ ଜଣାଇଛନ୍ତି, ହେଲେ ତୌରାତ୍ ଗ୍ରନ୍ଥରେ ରହିବା ଭଳି ଅନ୍ୟ ଦୁଇ ଗ୍ରନ୍ଥରେ ମଧ୍ୟ ତିନିଆତ୍ମାର ବିଷୟ ଅନ୍ଧକାରମୟ ହୋଇ କାହାକୁ ଜଣାନପଡିବା ଭଳି ରହିଯାଇଛି । ଏପର୍ଯ୍ୟନ୍ତ ଭଗବଦ୍ଗୀତାରୁ, ବାଇବେଲରୁ


କିମ୍ବା କୋରାନରୁ ତିନି ଆତ୍ମାର (କ୍ଷର, ଅକ୍ଷର, ପୁରୁଷୋତ୍ତମ) ବିବରଣୀକୁ କେହି ଜଣେ ମଧ୍ୟ ବହିର୍ଗତ କରିପାରି ନାହାନ୍ତି । ତେଣୁ ଭଗବଦ୍ଗୀତାକୁ ଅନୁସରଣ କରି ଅନୁଜ ଭଳି ଜନ୍ମ ହୋଇଥିବା ବାଇବେଲ, କୋରାନ ଗ୍ରନ୍ଥ ଦ୍ୱୟକୁ ମଧ୍ୟ ଭଗବଦ୍ଗୀତାର ଏକ ଏକ ଭାଗ ବୋଲି କହିପାରିବା ।

ବାଇବେଲ, କୋରାନ ଗ୍ରନ୍ଥ ଦୁଇଟି ଭଗବଦ୍ଗୀତାର ଦୁଇ ସାନଭାଇ ଭଳି ରହି ଭଗବଦ୍ଗୀତାର ବିଷୟକୁ ପ୍ରମାଣ ପୂର୍ବକ ବଳଶାଳୀ କରୁଛନ୍ତି । ଏହି ବିଷୟକୁ ଜାଣିନଥିବା ହିନ୍ଦୁମାନେ ବାଇବେଲ, କୋରାନକୁ ଅନ୍ୟ ମତାବଲମ୍ବୀ ମାନଙ୍କର ଗ୍ରନ୍ଥ, ଭଗଦ୍ଗୀତାର ବ୍ୟତିରେକ ଗ୍ରନ୍ଥ ବୋଲି ଭ୍ରାନ୍ତ ଧାରଣା ପାଇ ଭାବୁଛନ୍ତି । ସେହିଭଳି ଅନ୍ୟ ଦୁଇ ମତର ଲୋକମାନେ ମଧ୍ୟ ଭଗବଦ୍ଗୀତାକୁ ଆଦର ନକରି ଅଲଗା ଭାବୁଛନ୍ତି । ତିନି ଗ୍ରନ୍ଥକୁ ଧରି ତିନି ମତ ବୋଲି କହୁଥିବା ଲୋକମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ଜାଣି ନପାରି ନିଜ ନିଜର ମନୋଭାବକୁ, ନିଜ ନିଜର ଇଚ୍ଛାକୁ ତିନି ଗ୍ରନ୍ଥ ଉପରେ ଲଗାଉଛନ୍ତି । ଗୋଟିଏ ବାପା ଏବଂ ତାର ପୁଅମାନେ ଗୋଟିଏ ମତର ହେବେ ସିନା, ଅଲଗା ଅଲଗା ମତର କିପରି ହେବେ ? ବୋଲି କେହି ଟିକିଏ ମଧ୍ୟ ଆଲୋଚନା କରୁ ନାହାନ୍ତି । ଏବେ ମୋତେ ଏପରି ପ୍ରଶ୍ନ କରି "ଆପଣ ଭଗବଦ୍ଗୀତା ପଢିଥାଇ ପାରନ୍ତି, ଆମେ ଆମ କୋରାନ ଗ୍ରନ୍ଥ ପଢିଛୁ, ହେଲେ ଆପଣ କଳ୍ପନା କରି କହୁଥିବା ତିନି ଆତ୍ମାକୁ ତ ଆମ ଗ୍ରନ୍ଥରୁ ପାଇ ନାହୁଁ । ଯାହା ନାହିଁ ତାହାକୁ କଳ୍ପନା କରି ଆପଣ କାହିଁକି ଆମ ଉପରେ ଲଦିବାକୁ ଚେଷ୍ଟା କରୁଛନ୍ତି ? ବୋଲି କିଛି ମୁସ୍ଲିମ୍ ଲୋକମାନେ ପଚାରି ପାରନ୍ତି । ସେହିଭଳି ଖ୍ରୀଷ୍ଟିଆନମାନେ ମଧ୍ୟ ଆପଣ କହୁଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ଆତ୍ମା ବିଷୟ ତ ଆମ ବାଇବେଲରେ ନାହିଁ ?" ବୋଲି ପଚାରି ପାରନ୍ତି । ଉଭୟ ମତର ଲୋକମାନଙ୍କ ପାଇଁ ଆମ ତରଫରୁ ସମାଧାନ କହୁଛୁ ଦେଖନ୍ତୁ ।

ଭଗବଦ୍ଗୀତା ଆରମ୍ଭରୁ ଐଶ୍ୱରୀୟ ଗ୍ରନ୍ଥ । ତେଣୁ ତାହାକୁ ଈଶ୍ୱରଙ୍କ ବଡପୁଅ ବୋଲି କହି ପାରିବା । ସେଥିଲାଗି ତାକୁ ଆମେ ପ୍ରଥମ ଦୈବଗ୍ରନ୍ଥ ବୋଲି କହୁଛୁ, ତାପରେ ଈଶ୍ୱରଙ୍କ ମଝିଆଁପୁଅ ଭାବେ ବାଇବେଲ ଆସିଛି, ତେଣୁ ତାକୁ ଆମେ ମଧ୍ୟମ ଦୈବଗ୍ରନ୍ଥ କହୁଛୁ । ଦ୍ୱିତୀୟ ବା ମଧ୍ୟମ ଗ୍ରନ୍ଥ ପରେ ତୃତୀୟ ବା ଶେଷଗ୍ରନ୍ଥ କୋରାନ ଆସିଥିଲା, ସେଥିଲାଗି ତାକୁ ଅନ୍ତିମ ଦୈବଗ୍ରନ୍ଥ କହୁଛୁ । ଗୋଟିଏ ବାପାଠାରୁ ଜନ୍ମ ହୋଇଥିବା ପୁଅମାନେ ବାପାର କଥା ଅନୁସାରେ ବାପାକୁ ସମ୍ମାନ ଦେଖାଇ ଜଣେ କହୁଥିବା କଥାକୁ ସମସ୍ତେ କହିଥାନ୍ତି, ସେହିଭଳି ପ୍ରଥମ ଦୈବଗ୍ରନ୍ଥର ଜ୍ଞାନ ବିଷୟର ଅନୁଗୁଣ ଅନ୍ୟ ଦୁଇ ଗ୍ରନ୍ଥର ଜ୍ଞାନ ରହିଛି ବୋଲି କହି ପାରିବା । ଏହା ଉପରୁ ପ୍ରଜାମାନଙ୍କର ସଂଦେହ ଯିବା ପାଇଁ, ଅନ୍ତିମ ଦୈବଗ୍ରନ୍ଥରେ ତିନି ଦୈବଗ୍ରନ୍ଥକୁ ମିଶାଇ ଅନେକ ଥର କୁହାଯାଇଛି ।


ତିନି ଆତ୍ମା ବିଷୟ ଭଗବଦ୍ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗର ୧୬, ୧୭ତମ ଶ୍ଳୋକରେ ଥିବା ବେଳେ, ଭଗବଦ୍ଗୀତାକୁ ଅନୁସରଣ କରି ବାଇବେଲରେ ଏବଂ କୋରାନରେ ଭଗବଦ୍ଗୀତାରେ କୁହାଯିବା ଭଳି ତିନି ଆତ୍ମା ବିଷୟରେ କୁହାଯାଇଛି । ଅନ୍ତିମ ଦୈବଗ୍ରନ୍ଥ କୋରାନର ୫୦ତମ ସୁରାରେ ଥିବା ୨୧ତମ ଆୟତରେ **"ଏବଂ ପ୍ରତ୍ୟେକ ବ୍ୟକ୍ତି ଏପରି ଅବସ୍ଥାରେ ଆସିବେ ଯେ ତାହାଙ୍କ ସହିତ ଜଣେ ଚାଳକ ଓ ଜଣେ ସାକ୍ଷୀ ଥିବେ ।"** ଏହି ବାକ୍ୟ ସର୍ବସାଧାରଣ ଭାବରେ କୁହାଯାଇଥିବା ବାକ୍ୟ ଭଳି ଲାଗିଲେ ମଧ୍ୟ, ଏଥିରେ ଈଶ୍ୱରଙ୍କ ତ୍ରୈତସିଦ୍ଧାନ୍ତ ମିଶି ରହିଛି, ଜୀବାତ୍ମା, ଆତ୍ମା, ପରମାତ୍ମା ନାମକ ତିନି ଆତ୍ମା ବିଷୟ ଏହି ବାକ୍ୟରେ ଅଛି ବୋଲି ଥରେ ମାତ୍ର ପଢିଦେଲେ ଦେଖାଯାଇ ନପାରେ, ସେଥିଲାଗି ଟିକିଏ ଗଭୀର ଦୃଷ୍ଟି ଦେଇ ଦେଖନ୍ତୁ ବୋଲି ଜଣାଉଛି । ପ୍ରତି ବ୍ୟକ୍ତି ଏକ ଏକ ଜୀବ ଭାବରେ ରହିଛନ୍ତି । ବାହାରେ କିଏ କେଉଁ ନାମରେ କୁହାଯାଉଥିଲେ ମଧ୍ୟ ଶରୀର ଭିତରେ ସମସ୍ତେ ଏକ ଏକ ଜୀବ । ବାହାରେ ଶରୀରକୁ ଚିହ୍ନିବା

ପାଇଁ କୌଣସି ନାମ ଥିଲେ ମଧ୍ୟ, ଶରୀରାନ୍ତର୍ଗତ ଭାବରେ ସମସ୍ତେ ଏକ ଜୀବ ନାମରେ ଥାଆନ୍ତି । ଜୀବାତ୍ମା ଶରୀର ଭିତରେ ମୁଣ୍ଡର ମଧ୍ୟ ଭାଗରେ ତିନିଭାଗ ବିଶିଷ୍ଟ ଗୁଣଚକ୍ରର କୌଣସି ଏକ ଭାଗରେ ନିବାସ କରିଥାଏ । ମୁଣ୍ଡର ମଧ୍ୟ ଭାଗରେ କ୍ରମାନ୍ୱୟରେ ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ନାମକ ଚାରିଚକ୍ର ବିଶିଷ୍ଟ ଭାଗଟିଏ ରହିଛି । ତନ୍ମଧ୍ୟରୁ ଉପରେ ବ୍ରହ୍ମ, କାଳ, କର୍ମଚକ୍ର ରହିଥିବା ବେଳେ ଗୁଣଚକ୍ର ସଭା ତଳେ ରହିଥାଏ । ଆପଣମାନେ ବୁଝିବା ପାଇଁ ତାହାକୁ ଚିତ୍ରରେ ଦେଖିପାରନ୍ତି ।




ଏହି ଚାରିଚକ୍ର ସମୁଦାୟ ମୁଣ୍ଡର କପାଳ ସଳଖ ଭିତରେ ସବୁ ଜୀବରାଶିର ରହିଥାଏ । ମଣିଷର ବିତିଥିବା ଜୀବନ ଇତିହାସ ଏବଂ ଭବିଷ୍ୟତର ବିଧିସବୁ ଏହି ଚାରିଚକ୍ର ଭିତରେ ରହିଥାଏ । ଜୀବ ତଳଚକ୍ର ହୋଇଥିବା ଗୁଣଚକ୍ରରେ ଥିବା ତିନିଭାଗର କୌଣସି ଏକ ଭାଗରେ ରହିଥାଏ । ମୋଟ ତିନିଗୋଟି ଭାଗରେ ଗୁଣରାଜି ରହିଥାନ୍ତି । ତିନିଗୋଟି ନାଆଁ ସେହି ଗୁଣଭାଗ ଗୁଡିକର ଥାଏ । ବାହାରୁ ଭିତରକୁ ଦେଖିଲେ ପ୍ରଥମଟି ତାମସ ଗୁଣଭାଗ, ତା ପରଟି ରାଜସ ଗୁଣଭାଗ, ତୃତୀୟଟି ସାତ୍ତ୍ୱିକ ଗୁଣଭାଗ ନାମରେ ରହିଥାଏ । ଏହି ତିନି ଗୁଣଭାଗ ଭିତରୁ କୌଣସି ଏକ

ଗୁଣଭାଗରେ ଜୀବ ନିଜର କର୍ମାନୁସାରେ ନିବାସ କରିଥାଏ । ଜୀବ ତାମସ ଗୁଣଭାଗରେ ରହିଛି ବୋଲି ଭାବିଲେ, ସେତେବେଳେ ଜୀବ (ଜୀବାତ୍ମା) ଗୁଣଚକ୍ରରେ କିପରି ଥାଏ ତାହା ଚିତ୍ରରେ ଦେଖି ପାରନ୍ତି ।




ଜୀବାତ୍ମା ପ୍ରତି ଶରୀରର ଗୁଣ ଭିତରେ ବନ୍ଦୀଟିଏ ଭଳି ଥାଏ । ଏହି ଅନୁସାରେ ଜୀବାତ୍ମା ଶରୀରର କେବଳ ଗୋଟିଏ ସ୍ଥାନରେ ଅଛି ବୋଲି କହିପାରିବା । ତାଛଡା ଜୀବର ସ୍ୱାଧୀନତା ନଥାଏ । ଉପରେ ଥିବା କର୍ମଚକ୍ରର ଛାୟା ଗୁଣଚକ୍ର ଉପରେ ପଡିବାବେଳେ, ଗୁଣଚକ୍ରରେ ଥିବା ଜୀବ କର୍ମ ଅନୁସାରେ ଆଚରଣ କରିଥାଏ । ଦେଖାଯାଉଥିବା ସାରା ଶରୀର ଜୀବାତ୍ମା ଭଳି ବୋଧ ହେଉଥିଲେ ହେଁ, ଶରୀର ଉପରେ ଜୀବାତ୍ମାର କୌଣସି ଅଧିକାର ନଥାଏ । ଗୁଣଚକ୍ରରେ ରହି ଜୀବାତ୍ମା କେବଳ କର୍ମକୁ ଅନୁଭବ କରିଥାଏ । ସାରା ଶରୀରରେ ଆତ୍ମା ବ୍ୟାପିରହି, ଶରୀରକୁ କର୍ମ ଅନୁସାରେ ପରିଚାଳିତ କରିଥାଏ । ଏହି ଅନୁସାରେ ବାହ୍ୟ ଦୁନିଆ ସହିତ ଜୀବାତ୍ମାର କୌଣସି ସମ୍ପର୍କ ନାହିଁ, ଆତ୍ମା ହିଁ ଶରୀରକୁ ପରିଚାଳିତ କରାଉଛି ବୋଲି କାହାକୁ ଜଣା ନଥିବା ରହସ୍ୟଟିଏ ରହିଛି । ଶରୀରର ମୁଣ୍ଡଭାଗରେ ଜୀବାତ୍ମା ଗୋଟିଏ ସ୍ଥାନରେ ରହିଥିବା ସ୍ଥଳେ, ଆତ୍ମା ସାରାଶରୀରର

ଅଣୁ ଅଣୁରେ ବ୍ୟାପିରହି ଶରୀରକୁ ପରିଚାଳିତ କରୁଛି । ବାକି ବଳକା ରହିଥିବା ପରମାତ୍ମା ଜୀବାତ୍ମା, ଆତ୍ମାଙ୍କଠାରୁ ଅତୀତ ଭାବରେ ରହି, ଶରୀର ଭିତରେ, ବାହାରେ ସର୍ବତ୍ର ବ୍ୟାପିରହିଛନ୍ତି । ବିଶ୍ୱସାରା ବ୍ୟାପିରହିଥିବା ପରମାତ୍ମା କିଛି ନକରି ସର୍ବସାକ୍ଷୀ ହୋଇ ସର୍ବଦା ମୌନ ରହିଛନ୍ତି । **(ତିନି ଆତ୍ମା ଶରୀରରେ କିପରି ଅଛନ୍ତି ତାହା ଏଠାରେ ମୁଁ ନାମକୁମାତ୍ର କହିଛି । ତିନି ଆତ୍ମାର ସଂପୂର୍ଣ୍ଣ ବିବରଣୀ ଜାଣିବାକୁ ହେଲେ ଆମ ରଚିତ "ତ୍ରୈତ ସିଦ୍ଧାନ୍ତ" ଗ୍ରନ୍ଥ କିମ୍ବା "ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା" ପାଠକଲେ ଜାଣି ପାରିବେ)**

ଶରୀରରେ ଜୀବାତ୍ମା କୌଣସି କାର୍ଯ୍ୟ ନକରି, କେବଳ କର୍ମାନୁଭବ କରୁଥାଇ ଗୁଣଚକ୍ରରେ ଥିବାବେଳେ, ଆତ୍ମା ଶରୀରସାରା ବ୍ୟାପିରହି,ଶରୀର ଭିତରେ, ବାହାରେ ଘଟୁଥିବା ସବୁକାର୍ଯ୍ୟ କରିଥାଏ । ଶରୀରକୁ ଆତ୍ମା ପରିଚାଳିତ କରିଥାଏ ସିନା ଜୀବାତ୍ମା କରିନଥାଏ । ପରମାତ୍ମା ଶରୀର ଭିତରେ, ବାହାରେ ସର୍ବତ୍ର ବ୍ୟାପିରହି ସବୁକିଛିର ସାକ୍ଷୀ ଭାବରେ ଅକର୍ତ୍ତା ହୋଇ ରହିଥାନ୍ତି । ପରମାତ୍ମା କୌଣସି କାର୍ଯ୍ୟ କରିନଥାନ୍ତି । ସେହିଭଳି ପରମାତ୍ମା ତାଙ୍କର ଏକ ନାମ ନୁହେଁ କି ତାଙ୍କର କୌଣସି ରୂପ ନଥାଏ । ଏହିଭଳି ଶରୀରରେ ତିନି ଆତ୍ମା ରହିଥାନ୍ତି ବୋଲି କୋରାନର ୫୦ତମ ସୁରାରେ ଥିବା ୨୧ତମ ଆୟତ କହିବାକୁ ଯାଇ, ପ୍ରତି ଜୀବ ତାକୁ ପରିଚାଳିତ କରାଉଥିବା ଆତ୍ମା ସହିତ, ସାକ୍ଷୀ ଥିବା ପରମାତ୍ମାଙ୍କ ସହିତ ଶରୀରରେ ଥାଏ ବୋଲି କୁହାଯାଇଛି । ଏହି ବାକ୍ୟର ସାରାଂଶ ହେଉଛି ଚାଳିତ ହେଉଥିବା ଜୀବାତ୍ମା, ଚଳାଉଥିବା ଆତ୍ମା, ସାକ୍ଷୀ ଥିବା ପରମାତ୍ମା ନାମକ ତିନି ଆତ୍ମା ଶରୀରରେ ରହିଥାନ୍ତି । ଏହି ବାକ୍ୟକୁ ବିଶୋଧିତ ଭାବରେ ଦେଖିବା ପରେ କୋରାନରେ ତ୍ରୈତସିଦ୍ଧାନ୍ତ ନାହିଁ ବୋଲି କେହି କହିପାରିବେ ? କହିପାରିବେ ନାହିଁ । ଯଦି କେହି ନମାନି ଯୁକ୍ତି କରେ ଏବଂ ୫୦ର ୨୧ରେ ଏହା ନାହିଁ ବୋଲି କହେ ତେବେ ସେ କୌଣସି

ଉପାୟରେ ମଧ୍ୟ ବାକ୍ୟଟିକୁ ବୁଝାଇ ପାରିବ ନାହିଁ । ଏହା ଶରୀର ସମ୍ବନ୍ଧୀୟ ସ୍ଥୁଳ ବିଷୟ ନୁହେଁ, ସୂକ୍ଷ୍ମ ବିଷୟ । କୋରାନ ଗ୍ରନ୍ଥରେ **"ମୋହକମ୍ ଏବଂ ମୁତସାବିହ"** ନାମକ ଦୁଇ ପ୍ରକାରର ବାକ୍ୟ ରହିଥାଏ । ମୋହକମ୍ ଅର୍ଥାତ୍ ସ୍ଥୁଳ ବିଷୟ, ମୁତସାବିହ ଅର୍ଥାତ୍ ସୂକ୍ଷ୍ମ ବିଷୟ । ତିନି ଆତ୍ମାର ବୟାନ ଦେଉଥିବା ୫୦-୨୧ ବାକ୍ୟଟି ସଂପୂର୍ଣ୍ଣ ମୁତସାବିହ ବାକ୍ୟ । ତେଣୁ କୋରାନର ସୂକ୍ଷ୍ମ ବିଷୟ କୌଣସି ମାନବକୁ ଜଣାନଥାଏ ବୋଲି ଅଲ୍ଲାଃ କୋରାନ ଗ୍ରନ୍ଥରେ ଥିବା ୩ୟ ସୁରାର ୭ମ ଆୟତରେ କହିଛନ୍ତି, ସେହିଭଳି ୫୦୦୦ବର୍ଷ ତଳେ କହିଥିବା ଭଗବଦ୍ଗୀତାରେ, ଦୁଇହଜାର ବର୍ଷ ତଳେ କହିଥିବା ବାଇବେଲରେ କିମ୍ବା ୧୪୦୦ବର୍ଷ ତଳେ କହିଥିବା କୋରାନରେ ସୂକ୍ଷ୍ମ ବିଷୟ ହୋଇ ରହିଥିବା ତିନି ଆତ୍ମା ବିଷୟ ଅଦ୍ୟାବଧି କାହାକୁ ବୁଝାପଡି ନାହିଁ ।

ଦ୍ୱିତୀୟ ଦୈବଗ୍ରନ୍ଥ ନାମରେ ନାମିତ ହୋଇଥିବା ବାଇବେଲରେ ତିନିଆତ୍ମା ବିଷୟ କିପରି,କେଉଁଠି ଅଛି ସେ ବିଷୟ ଜାଣିବା । ବାଇବେଲ ଗ୍ରନ୍ଥ ମୋଟ ୬୬ଗୋଟି ପାଠ ଭାବରେ ରହିଥିଲେ ମଧ୍ୟ ସେଗୁଡିକ ଭିତରୁ ଯୀଶୁ ସ୍ୱୟଂ କହିଥିବା ବିଷୟଗୁଡିକ ମାତ୍ର ୪ଗୋଟି ସୁସମାଚାର ନାମରେ ଅଛି ବୋଲି ଆମେ ଅନେକଥର କହିଆସିଛୁ । ବାଇବେଲରେ ଥିବା ସେହି ସୁସମାଚାର ଗୁଡିକ ହେଉଛି ମାଥିଉ, ମାର୍କ, ଲୁକା, ଯୋହନଙ୍କ ଲିଖିତ ସୁସମାଚାର । ଏଗୁଡିକ ଭିତରେ ଥିବା ମାଥିଉଙ୍କ ଲିଖିତ ସୁସମାଚାରର ୨୮ତମ ଅଧ୍ୟାୟରେ ଥିବା ୧୯ତମ ବାକ୍ୟରେ **"ତେଣୁ ଯାଅ ଓ ସବୁ ଦେଶର ଲୋକମାନଙ୍କୁ ମୋର ଶିଷ୍ୟ କର । ପରମ-ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ତୁମେମାନେ ସେମାନଙ୍କୁ ବାପ୍ତିସ୍ମ ଦିଅ"** ବୋଲି ଲେଖାଯାଇଛି । ପିତା ଅର୍ଥାତ୍ ଆତ୍ମା, ପୁତ୍ର ଅର୍ଥାତ୍ ଜୀବାତ୍ମା, ପରମାତ୍ମାଙ୍କୁ ପବିତ୍ରଆତ୍ମା ହିସାବ କରିବାକୁ ହୋଇଥାଏ । ପିତାଙ୍କ

ଅଧିନରେ ରହିଥାଏ ପୁତ୍ର, ସେହିଭଳି ଆତ୍ମାଙ୍କ ଅଧିନରେ ରହିଥାଏ ଜୀବାତ୍ମା । ଆତ୍ମା ଏବଂ ଜୀବାତ୍ମାଙ୍କ ଅଧିପତି ପରମାତ୍ମା ହୋଇଥିବାରୁ ପିତା ପୁତ୍ରଠାରୁ ମହାନ ଏବଂ ପୁତ୍ର, ପିତାଙ୍କଠାରୁ ପବିତ୍ରଆତ୍ମା ମହାନ ବୋଲି ଏହି ବାକ୍ୟରେ ଲେଖାଯାଇଛି । ଆତ୍ମାତ୍ରୟ ସୂକ୍ଷ୍ମ, ଶରୀର ସ୍ଥୁଳ । ସୂକ୍ଷ୍ମ ଆତ୍ମା ବିଷୟଗୁଡିକ ସହଜରେ ବୁଝାପଡି ନଥାଏ । ତେଣୁ ବାଇବେଲରେ ପିତା, ପୁତ୍ର, ପବିତ୍ରଆତ୍ମାଙ୍କ ବିଷୟ ବହୁଶା କୌଣସି ଖ୍ରୀଷ୍ଟିଆନମାନଙ୍କୁ ଏଯାବତ୍ ବୁଝାପଡି ନାହିଁ ବୋଲି ଭାବୁଛି । ଏହିବାକ୍ୟ ବୁଝିବା କ୍ଲିଷ୍ଟକର ବୋଲି ଆମେ ଜାଣିପାରିବା ନିମନ୍ତେ ବାଇବେଲରେ ଯୋହନଙ୍କ ଲିଖିତ ପ୍ରଥମ ପତ୍ରର ପଞ୍ଚମ ଅଧ୍ୟାୟରେ ଥିବା ୭,୮,୯,୧୦ତମ ବାକ୍ୟକୁ ଥରେ ଦେଖିଲେ ଜାଣି ପାରିବା । **"ଯୀଶୁଙ୍କ ବିଷୟରେ ଆତ୍ମଙ୍କୁ ତିନିଜଣ ସାକ୍ଷ୍ୟ ଦିଅନ୍ତି, ପବିତ୍ରଆତ୍ମା, ଜଳ ଓ ରକ୍ତ । ଏହି ତିନି ଜଣଙ୍କ ସାକ୍ଷ୍ୟ ଏକ ଅଟେ । ଯେତେବେଳେ ଲୋକମାନେ ସତ୍ୟକଥା କହନ୍ତି, ଆମ୍ଭେ ତାହା ବିଶ୍ୱାସ କରିଥାଉ । କିନ୍ତୁ ପରମେଶ୍ୱର ଯାହା କହନ୍ତି, ତାହା ତ ଅଧିକ ବିଶ୍ୱାସ ଯୋଗ୍ୟ । ପରମେଶ୍ୱର ତାହାଙ୍କ ପୁତ୍ରଙ୍କ ବିଷୟରେ ସାକ୍ଷ୍ୟ ଦିଅନ୍ତି । ପରମେଶ୍ୱରଙ୍କର ପୁତ୍ରଙ୍କୁ ବିଶ୍ୱାସ କରୁଥିବା ବ୍ୟକ୍ତି ନିଜ ହୃଦୟରେ ସେହି ସତ୍ୟ ସାକ୍ଷ୍ୟ ପାଇଅଛି । ପରମେଶ୍ୱରଙ୍କଠାରେ ବିଶ୍ୱାସ କରୁନଥିବା ବ୍ୟକ୍ତି ପରମେଶ୍ୱରଙ୍କୁ ମିଥ୍ୟାବାଦୀ କରିଦିଏ, କାରଣ ପରମେଶ୍ୱର ଆପଣା ପୁତ୍ରଙ୍କ ସମ୍ବନ୍ଧରେ ଯାହା କହିଛନ୍ତି, ସେ ତାହା ବିଶ୍ୱାସ କରେ ନାହିଁ ।''** ଏଠାରେ ଏହି ଚାରିଗୋଟି ବାକ୍ୟକୁ ଦେଖିଲେ, ଏକ ଶରୀରରେ ଥିବା ତିନି ଆତ୍ମାଙ୍କ ବିଷୟ କାହାକୁ ବୁଝାପଡି ନଥାଏ । ସାକ୍ଷୀଦେବା ପାତ୍ର ତିନିଜଣ ଥିବାବେଳେ, ସେମାନେ କିଏ କିଏ ବୋଲି ଦେଖିଲେ ଏଠାରେ ଆତ୍ମା, ଜଳ ଏବଂ ରକ୍ତ ବୋଲି ଲେଖାଯାଇଛି, ଏଠାରେ ଜଳ, ରକ୍ତ, ଆତ୍ମାଙ୍କୁ କାହିଁକି ରଖିଲେ ତାହା କାହାକୁ ବୁଝାପଡି ନାହିଁ ବୋଲି କହିପାରିବା । ବାକ୍ୟଗୁଡିକ ଏହିଭଳି ରହିବା ଦ୍ୱାରା ସୂକ୍ଷ୍ମ

ବିଷୟଗୁଡିକୁ କେହି ସଠିକ୍ ବୁଝିପାରି ନାହାନ୍ତି । ତାଛଡା ଏଗୁଡିକୁ କୌଣସି ମଣିଷ ବୁଝିପାରିବ ନାହିଁ ବୋଲି ଈଶ୍ୱର ଅନେକ ସନ୍ଦର୍ଭରେ କହିଛନ୍ତି । ତେଣୁ ଆତ୍ମା ବିଷୟ ବୁଝି ନହେବା ଭଳି ଅଛି । ସାକ୍ଷାତ୍ ଈଶ୍ୱର ଏହା ମଣିଷକୁ ବୁଝାପଡିବ ନାହିଁ ବୋଲି କହିଥିବାବେଳେ, ସେହି ବାକ୍ୟଗୁଡିକରେ ଆମର କି କାମ ବୋଲି ଭାବିବା ଉଚିତ୍ ନୁହେଁ । କାହିଁକିନା ! ବୁଦ୍ଧି, ଶ୍ରଦ୍ଧା ଥିବା ଲୋକମାନେ ବୁଝିପାରିବେ ବୋଲି ମଧ୍ୟ ଈଶ୍ୱର ସ୍ୱଷ୍ଟଭାବେ କହିଛନ୍ତି । ତେଣୁ ବୁଝିହେଉ ନଥିବା ଆତ୍ମା ବିଷୟକୁ ଆମେ ବୁଦ୍ଧି, ଶ୍ରଦ୍ଧା ଲଗାଇ ଜାଣିପାରିବା ବୋଲି ଜଣାଯାଉଛି । ଏକଥା ମୁଁ କହୁ ନାହିଁ, କୋରାନର ୩ୟ ସୁରାରେ ଥିବା ୭ମ ଆୟତରେ କୁହାଯାଇଛି, ଗୀତାର ଜ୍ଞାନଯୋଗ, ୩୯ତମ ବାକ୍ୟରେ ମଧ୍ୟ ଭଗବାନ **"ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍"** ଅର୍ଥାତ୍ ଶ୍ରଦ୍ଧାବାନ୍ ଜ୍ଞାନ ଗ୍ରହଣ କରି ପାରିବ । ଗୀତାବାକ୍ୟାନୁକୂଳ ଭାବେ କୋରାନର ୩ୟ ସୁରାର ୭ମ ଆୟତରେ **"ସେ ହିଁ ତୁମ୍ଭ ପ୍ରତି ଏହି ଗ୍ରନ୍ଥକୁ ଅବତୀର୍ଣ୍ଣ କରିଛନ୍ତି, ଯାହାର କେତେକ ଆୟତ ମୋହକମ୍ ଯାହା ଏହି ଗ୍ରନ୍ଥର ଆଧାର ଅଟେ; ଏବଂ ଅନ୍ୟ କେତେକ ମୁତସାବିହ ଅଟେ; ସୁତରାଂ ଯେଉଁ ଲୋକମାନଙ୍କର ଅନ୍ତରରେ କୁଟିଳତା ରହି ଅଛି, ସେମାନେ ବିଶୃଙ୍ଖଳା ସୃଷ୍ଟି କରିବା ଲକ୍ଷ୍ୟରେ ଓ ଏହି ଗ୍ରନ୍ଥକୁ ବଦଳାଇଦେବା ଉଦ୍ଦେଶ୍ୟରେ ମୁତସାବିହ ଆୟତଗୁଡିକ ପଛରେ ଲାଗିଥାନ୍ତି ଅଥଚ ଅଲ୍ଲାଃ ଏବଂ ଜ୍ଞାନବନ୍ତମାନଙ୍କ ବ୍ୟତୀତ ଅନ୍ୟ କେହି ତାହାର ବ୍ୟାଖ୍ୟା ଜାଣନ୍ତି ନାହିଁ; ସେମାନେ କହନ୍ତି "ଆମ୍ଭେମାନେ ଏହା ଉପରେ ବିଶ୍ୱାସ କରୁଅଛୁ; ଏସମସ୍ତ ଆମ୍ଭମାନଙ୍କ ପାଳନକର୍ତ୍ତାଙ୍କ ନିକଟରୁ ଅବତୀର୍ଣ୍ଣ ହୋଇଅଛି ଏବଂ ବୁଦ୍ଧିମାନ ଲୋକଙ୍କ ବ୍ୟତୀତ ଅନ୍ୟ କେହି ଉପଦେଶ ଗ୍ରହଣ କରନ୍ତି ନାହିଁ ।"** ବୋଲି ଲେଖାଯାଇଛି ।

ଉପର ବାକ୍ୟରେ ଭଗବଦ୍ଗୀତାରେ କହିବା ଭଳି ଶ୍ରଦ୍ଧାବାନ ଲୋକେ ଈଶ୍ୱରଙ୍କର କୌଣସି ଜ୍ଞାନବାକ୍ୟକୁ ସହଜରେ ଗ୍ରହଣ କରି ପାରନ୍ତି ବୋଲି

ସଂକୋଚହୀନ ଭାବରେ ଆମକୁ ଜଣାପଡିଯାଉଛି, କିନ୍ତୁ ଅଜ୍ଞାନୀମାନେ ବୁଝିହେଉ ନଥିବା ସୂକ୍ଷ୍ମବାକ୍ୟଗୁଡିକୁ ସେମାନଙ୍କ ମନୋଭାବ ଅନୁସାରେ ଅଜ୍ଞାନଯୁକ୍ତ ଅର୍ଥ କରିଦେଇ, ନିଜ ତୁଣ୍ଡରୁ କହି, ପ୍ରଜାମାନଙ୍କୁ ଈଶ୍ୱରଙ୍କ ମାର୍ଗରୁ କାଢିଆଣି ଅପମାର୍ଗରେ ପଠାଇଥାନ୍ତି । ତେଣୁ ଈଶ୍ୱର କହିଥିବା ବାକ୍ୟଗୁଡିକୁ ଈଶ୍ୱରଙ୍କ ବ୍ୟତୀତ ବୁଝିବାକୁ କେହି ନାହାନ୍ତି, ଈଶ୍ୱରଙ୍କ ଜ୍ଞାନ ଈଶ୍ୱରଙ୍କ ବ୍ୟତୀତ କୌଣସି ମଣିଷକୁ ଜଣାନଥାଏ । ତେଣୁ ଜ୍ଞାନବନ୍ତମାନେ, ଈଶ୍ୱରଙ୍କ ଜ୍ଞାନକୁ ଜାଣିବାକୁ ଇଚ୍ଛା କରୁଥିବା ଲୋକମାନେ ଈଶ୍ୱର ଜ୍ଞାନକୁ ଜଣାଉଥିବା ବେଳେ, ଜଣାଇଥିବା ବେଳେ ଗ୍ରହଣ କରି ପାରନ୍ତି ।

ତିନି ଆତ୍ମାଙ୍କ ବିଷୟ ଈଶ୍ୱର ତାଙ୍କ ତିନି ଗ୍ରନ୍ଥରେ କହିବା ଦ୍ୱାରା ତାହାକୁ ଶ୍ରଦ୍ଧାବାନ୍ ବା ବୁଦ୍ଧିମାନ୍ ବ୍ୟକ୍ତି ଗ୍ରହଣ କରିପାରେ । ଶ୍ରଦ୍ଧା, ବୁଦ୍ଧି ନଥିବା ଲୋକମାନେ ତାହାକୁ କଦାପି ଗ୍ରହଣ କରିପାରନ୍ତି ନାହିଁ ବୋଲି ଜଣାଯାଉଛି । ଏତେଦିନଯାଏଁ ତିନି ଗ୍ରନ୍ଥରେ ଅନ୍ଧକାର ହୋଇ କାହାକୁ ଦେଖା ନଯାଇ, ଜଣା ନଯାଇ ରହିଥିବା ଆତ୍ମାତ୍ରୟଙ୍କୁ, ସଂପୂର୍ଣ୍ଣ ଶ୍ରଦ୍ଧା ନଥିବା କାରଣରୁ କେହି ଜାଣିପାରି ନାହାନ୍ତି ବୋଲି କହି ପାରିବା । ଶହ ଶହ ହଜାର ହଜାର ବର୍ଷ ବିତିଗଲେ ମଧ୍ୟ ତିନି ଆତ୍ମା ବିଷୟକୁ କେହି ଜାଣି ନପାରିବା ଦ୍ୱାରା, ଶେଷରେ ଈଶ୍ୱର ଆମ ଭିତରେ ଶ୍ରଦ୍ଧା ଦେଇ ତିନି ଆତ୍ମାଙ୍କ ବିଷୟକୁ ଏବେ ଜାଣିପାରିବା ଭଳି କରାଇଛନ୍ତି ବୋଲି ଭାବିବା । ତିନି ଆତ୍ମା ତିନି ରାତି ଭାବରେ, କିଛି ଜାଣିହେଉ ନଥିବା ଅନ୍ଧକାରମୟ ହୋଇ ଭଗବଦ୍ଗୀତାରେ ରହିବା ଦ୍ୱାରା ଭଗବଦ୍ଗୀତାକୁ ତୌରାତ୍ (ତିନି ରାତି) ବୋଲି କୁହାଯାଇଛି । କେବଳ ଭଗବଦ୍ଗୀତା କଣ ତୌରାତ୍ ହେବ ବୋଲି ଆଲୋଚନା କଲେ, ଗୀତାକୁ ଅନୁସରଣ କରି ଜନ୍ମ ହୋଇଥିବା ଅନ୍ୟ ଦୁଇ ଗ୍ରନ୍ଥକୁ ମଧ୍ୟ ତୌରାତ୍ କହି ପାରିବା । କାରଣ ! ଅନ୍ୟ ଦୁଇ ଗ୍ରନ୍ଥ ମଧ୍ୟ ମୁଖ୍ୟ ହୋଇଥିବା ତିନି ଆତ୍ମା ବିଷୟକୁ ଜଣାଇଛନ୍ତି । ତେଣୁ ବାଇବେଲ, କୋରାନ ପାଇଁ ମଧ୍ୟ ଏହି ନାମ ଯଥାର୍ଥ ହେବ, କିନ୍ତୁ ପ୍ରଥମ ଗ୍ରନ୍ଥକୁ ସମ୍ମାନ

ଦେଇ, ତା ସମାନ ନାମ ଦେବା ଠିକ୍ ହେବ ନାହିଁ ବୋଲି, ଅନ୍ୟ ଦୁଇ ଗ୍ରନ୍ଥର ଏହି ନାମ ଦିଆଯାଇ ନାହିଁ ।

ଦ୍ୱିତୀୟ ଦୈବଗ୍ରନ୍ଥକୁ ଆମେ ଆଜି ବାଇବେଲ ଗ୍ରନ୍ଥ ବୋଲି କହୁଥିଲେ ମଧ୍ୟ, **ଭଗବଦ୍ଗୀତାର ନାଆଁ ଈଶ୍ୱର "ତୌରାତ୍" ରଖିଥିବା ଭଳି, ବାଇବେଲ ଗ୍ରନ୍ଥର ନାଆଁ "ଇଞ୍ଜିଲ୍" ରଖିଛନ୍ତି** । ଈଶ୍ୱରଙ୍କ ଭାଷାରେ ତାର ଅର୍ଥ କଣ ମୋତେ ଜଣା ନାହିଁ, କିନ୍ତୁ ଦୈବଜ୍ଞାନର ନିକଟବର୍ତ୍ତୀ ଭାଷା ହୋଇଥିବା ତେଲୁଗୁ ଭାଷାରେ ଜ୍ଞାନ ସମ୍ବନ୍ଧୀୟ ଅର୍ଥ ମିଳିଥାଏ । ଜ୍ଞାନର ଚିହ୍ନ, ଜ୍ଞାନର ଅଧିପତି ହୋଇଥିବା ଚନ୍ଦ୍ରକୁ ଇନ୍ଦୁ କୁହାଯାଏ । ଚନ୍ଦ୍ରକିରଣକୁ ଇନ୍ଦୁଜା କୁହାଯାଏ । ଇଞ୍ଜିଲ୍ ଏହି ଇନ୍ଦୁଜା ଶବ୍ଦର ନିକଟବର୍ତ୍ତୀ ଶବ୍ଦ । ସେହି ଅନୁସାରେ ଇଞ୍ଜିଲ୍ କହିଲେ ଚନ୍ଦ୍ରକିରଣ ବୋଲି ସ୍ଥୁଳ ଅର୍ଥ ମିଳିବା ସହିତ ଐଶ୍ୱରୀୟ ଜ୍ଞାନ ବୋଲି ସୂକ୍ଷ୍ମଅର୍ଥ ମିଳିଥାଏ । ତେଣୁ ଈଶ୍ୱରଙ୍କ ଜ୍ଞାନବାକ୍ୟ ଥିବା ଗ୍ରନ୍ଥକୁ ଇଞ୍ଜିଲ୍ ବୋଲି କହି ପାରିବା । ସେଥିଲାଗି ଦ୍ୱିତୀୟ ଦୈବଗ୍ରନ୍ଥ ବାଇବେଲକୁ ମହା ଜ୍ଞାନୀ ଜିବ୍ରାଏଲ୍ ଇଞ୍ଜିଲ୍ ଗ୍ରନ୍ଥ ବୋଲି କହିଥିଲେ ବୋଲି ବୁଝିପାରିବା । ସେହିଭଳି ଭଗବଦ୍ଗୀତାକୁ ତୌରାତ୍ କହିଥିଲେ । ଏହିଭଳି ତିନିଗୋଟି ଗ୍ରନ୍ଥ ଗୋଟିଏ ବଂଶରୁ ଜନ୍ମ ହୋଇଥିବା ସୋଦରମାନଙ୍କ ଭଳି ଗୋଟିଏ ଜ୍ଞାନକୁ ଜଣାଉଛନ୍ତି, କିନ୍ତୁ ତାହା ଜାଣିନଥିବା ଲୋକମାନେ ତିନି ଗ୍ରନ୍ଥକୁ ଆଧାର କରି ତିନିଗୋଟି ମତକୁ ସୃଷ୍ଟି କରିଦେଇଛନ୍ତି । ଏବେ ଆପଣମାନେ କୁହନ୍ତୁ ଈଶ୍ୱର ମତ ସୃଷ୍ଟି କରିଛନ୍ତି ? ନାଇଁ ! ସେ ତାଙ୍କ ଜ୍ଞାନକୁ ତିନି ଗ୍ରନ୍ଥରେ ଦେଇ ପଠାଇଛନ୍ତି, କିନ୍ତୁ ମଣିଷ ତାହାକୁ ତିନି ମତ କରିଦେଇଛି । ଈଶ୍ୱର ମଣିଷକୁ ଜ୍ଞାନ ଦେଇ ତହିଁରୁ ତିନି ଆତ୍ମାଙ୍କୁ ଜାଣ ବୋଲି କହିଛନ୍ତି, କିନ୍ତୁ ମଣିଷ ତିନି ଆତ୍ମାଙ୍କୁ ଜାଣି ପାରିଲା ନାହିଁ । ମଣିଷ ଆଜି ଭୂପୃଷ୍ଠରେ ପ୍ରାୟ ୩୦ ପ୍ରକାରର ମତ ତିଆରି କରିସାରିଛି । ଈଶ୍ୱର ତିନୋଟି ଗ୍ରନ୍ଥ ଦେଇଥିବାବେଳେ ମଣିଷ ତିନି ଗ୍ରନ୍ଥ ପାଇଁ ତିନି ମତ ଯୋଡିଦେଇଛି ।

ମଣିଷ ଆଜି କେତେ ମତ ସୃଷ୍ଟି କରିଥିଲେ ମଧ୍ଯ ତାହା ଈଶ୍ୱରଙ୍କୁ ଜଣା ନଥାଇ ତିଆରି ହୋଇ ନାହିଁ । ଭୂପୃଷ୍ଠରେ ଆଜି କେତେ ମତ ଥିଲେ ମଧ୍ଯ ତିନିଗୋଟି ଗ୍ରନ୍ଥକୁ ଆଧାର କରି ତିଆରି ହୋଇଥିବା ଇନ୍ଦୁ, ଇସ୍ଲାମ୍, ଖ୍ରୀଷ୍ଟ ନାମକ ତିନି ମତକୁ ଆମେ ମୁଖ୍ୟ ବୋଲି କହୁଛୁ । ଈଶ୍ୱର ଦେଇଥିବା ତିନି ଗ୍ରନ୍ଥକୁ ଦେଖାଉଥିବା ତିନି ମତ ଅନ୍ୟ ସବୁ ମତ ଭିତରେ ମୁଖ୍ୟ ହୋଇ ରହିଛି । ଭୂପୃଷ୍ଠରେ ଥିବା ମଣିଷ କେତେକ ବିଷୟରେ ସ୍ୱାଧିନ ଏବଂ କେତେକ ବିଷୟରେ ପରାଧିନ । ମାୟା ସମ୍ବନ୍ଧୀୟ ବିଷୟଗୁଡିକରେ, ପ୍ରକୃତି ସମ୍ବନ୍ଧୀୟ ବିଷୟଗୁଡିକରେ, କର୍ମ ସମ୍ବନ୍ଧୀୟ ବିଷୟଗୁଡିକରେ ମଣିଷର କିଛି ସ୍ୱାଧିନତା ନାହିଁ । ଏକୈକ ଐଶ୍ୱରୀୟ ବିଷୟକୁ ଛାଡିଦେଲେ ମଣିଷର (ଜୀବର) ଅନ୍ୟ କୌଣସି ବିଷୟ ଉପରେ ଅଧିକାର ନାହିଁ । ଜୀବାତ୍ମା ମଧ୍ଯ ଆତ୍ମାଟିଏ ହୋଇଥିବାରୁ ଆତ୍ମା, ପରମାତ୍ମାଙ୍କ ବିଷୟକୁ ତା ନିଜର ବିଷୟ ବୋଲି କହିହୁଏ । ନିଜ ବିଷୟ ହୋଇଥିବା ଆତ୍ମା ବିଷୟରେ ଜୀବାତ୍ମାର ସ୍ୱାଧିନତା ଅଛି ସିନା, ଅନ୍ୟ କୌଣସି ଭୌତିକ ବିଷୟରେ ତାର ଟିକିଏ ମଧ୍ଯ ସ୍ୱାଧିନତା ନାହିଁ ।

ଏବେ ଅସଲ ବିଷୟକୁ ଫେରିଯାଇ ଦେଖିଲେ, ମତ ହେଉଛି ମାୟା ସମ୍ବନ୍ଧୀୟ, ଅଜ୍ଞାନ ସମ୍ବନ୍ଧୀୟ । ତେଣୁ ଈଶ୍ୱରଙ୍କ ବିଷୟ ଛଡା ଅନ୍ୟ ବିଷୟଗୁଡିକରେ ଜୀବ ସ୍ୱାଧୀନ ହୋଇ ନଥିବାବେଳେ, କଣ ମଣିଷ ମତ ତିଆରି କରିଛି ? ବୋଲି ପ୍ରଶ୍ନ ନ ଆସି ରହିପାରିବ ନାହିଁ । ଏହି ପ୍ରଶ୍ନର ଠିକ୍ ଉତ୍ତର କହିବାକୁ ଗଲେ, ବାସ୍ତବରେ କୌଣସି ମଣିଷ ମତ ତିଆରି କରିନାହିଁ, ମତ ତିଆରିକରିବା ଶକ୍ତି,ସ୍ୱାଧୀନତା ମଣିଷର ନାହିଁ । ମଣିଷର ଅଜାଣତରେ  ତା ପଛରେ ଥିବା ଆତ୍ମା ତାକୁ କିପରି ପରିଚାଳିତ କରାଇବା ଉଚିତ୍ ସେପରି ପରିଚାଳିତ କରି ମତ ତିଆରି କରାଇଛି । ଶରୀରରେ ଆତ୍ମା ସବୁକିଛି କରିଥାଏ ବୋଲି ସମସ୍ତେ ଜାଣି ନଥାନ୍ତି । ଯେଉଁମାନେ ଜାଣିନଥାନ୍ତି ସେମାନଙ୍କୁ ମଣିଷ ମତ ତିଆରି କରିଛି ବୋଲି ଦେଖାଯାଉଥିଲେ

ମଧ୍ୟ, ମଣିଷ ପଛରେ ରହିଥିବା ଆତ୍ମା ମତ ତିଆରି କରିଛି । ବାସ୍ତବରେ ଶରୀରରେ ଆତ୍ମାକାର୍ଯ୍ୟକୁ ଜାଣି ନପାରିବା ଦ୍ୱାରା, ନିଜେ ମତକର୍ତ୍ତା ବୋଲି ମଣିଷ କହୁଛି । ମତ ମାୟା ସମ୍ବନ୍ଧୀୟ ହୋଇଥିବାରୁ ସେ ବିଷୟରେ ଜୀବ ସ୍ୱାଧୀନ ନୁହେଁ ବୋଲି ଜାଣି ହୋଇଗଲା । ତେଣୁ ଐଶ୍ୱରୀୟ ବିଷୟରେ ବା ଆତ୍ମା ବିଷୟରେ ଜୀବ ସ୍ୱାଧୀନ ହୋଇଥିବାରୁ, ଜ୍ଞାନ ବିଷୟ ଉପରକୁ ଯିବା ନ ଯିବା ଜୀବର ଇଚ୍ଛା ଅନିଚ୍ଛା ଉପରେ ନିର୍ଭର କରିଥାଏ । ମତ ପଛରେ ରହିଥିବା ଗ୍ରନ୍ଥଗୁଡିକ ଅନୁସାରେ ତିନି ମତ ଜ୍ଞାନ ସହିତ ସମ୍ବନ୍ଧୀତ ହୋଇ ରହିଛି ବୋଲି କହିପାରିବା । ମତ ମାୟା ହୋଇଥିଲେ ମଧ୍ୟ ସ୍ୱତନ୍ତ୍ର ଭାବରେ ସବୁ ମତ  ଅପେକ୍ଷା ଇନ୍ଦୁ,  ଇସ୍ଲାମ୍,  ଖ୍ରୀଷ୍ଟମତରେ କିଛି ଜ୍ଞାନ ଅଛି ବୋଲି ଅସ୍ୱୀକାର କରିପାରିବା ନାହିଁ । ମତକୁ ନଦେଖି ମତ ପଛରେ ଥିବା ଗ୍ରନ୍ଥକୁ ଦେଖିଲେ, ମତରେ ଜ୍ଞାନ ଅଛି । ଗ୍ରନ୍ଥକୁ ଛାଡିଦେଇ କେବଳ ମତକୁ ଦେଖିଲେ, ମତରେ ଅଜ୍ଞାନ ଅଛି ବୋଲି କହିପାରିବା । ତେଣୁ ତିନି ମତ ଭିତରୁ କୌଣସି ମତାବଲମ୍ବୀ ହେଉ, ମତ ଉପରୁ ଧ୍ୟାନ ଛାଡି ଗ୍ରନ୍ଥ ଉପରେ ଦେଲେ ଜ୍ଞାନମାର୍ଗରେ ଚାଲିବା ଭଳି, ଗ୍ରନ୍ଥ ଉପରୁ ଧ୍ୟାନ ଛାଡି ମତ ଉପରେ ଦେଲେ ସେ ଅଜ୍ଞାନମାର୍ଗରେ ଚାଲୁଥିବା ଭଳି ହେବ ।

ମତ ସହିତ ମଣିଷର ସମ୍ବନ୍ଧ ନଥାଏ, ଜ୍ଞାନ ହିଁ ମଣିଷ ସମ୍ବନ୍ଧୀୟ ବୋଲି କହୁଛୁ । କୌଣସି ମଣିଷ ଏକ ମତ ତିଆରି କରିବାକୁ ତା ପାଖରେ ସ୍ୱାଧୀନତା ନାହିଁ । ମଣିଷ ଏଭଳି କରିପାରିବ ନାହିଁ । ମଣିଷର ମତର ସୃଷ୍ଟିକର୍ତ୍ତା ହୋଇପାରିବ ନାହିଁ, ଜ୍ଞାନ ଚୟନ କରିବାକୁ ଜୀବ ସ୍ୱାଧୀନ । ଦୈବଜ୍ଞାନ ଦିଗରେ ଯାତ୍ରା କରିବାକୁ ଜୀବ (ମଣିଷ) ସ୍ୱାଧୀନ । ତେଣୁ ମଣିଷ ତା ଇଚ୍ଛା ଅନୁସାରେ ଜ୍ଞାନ ଜାଣିପାରେ ସିନା, ଇଚ୍ଛା ଅନୁସାରେ ମତ ତିଆରି କରିପାରେ ନାହିଁ । ମତକୁ ଈଶ୍ୱର ମଧ୍ୟ ତିଆରି କରି ନାହାନ୍ତି, କାହିଁକିନା ! ଈଶ୍ୱର ଅକର୍ତ୍ତା, କୌଣସି କାର୍ଯ୍ୟ କରନ୍ତି ନାହିଁ । ଈଶ୍ୱରଙ୍କର ରହିଥିବା ପ୍ରାଥମିକ ଧର୍ମ ହେଉଛି **"ତାଙ୍କର ରୂପ, ନାମ, କ୍ରିୟା ନାହିଁ"** ।

ଈଶ୍ୱର କ୍ରିୟାରହିତ ହୋଇଥିବାରୁ ତାଙ୍କର କାର୍ଯ୍ୟ ନାହିଁ, ସେ କୌଣସି କାର୍ଯ୍ୟ କରନ୍ତି ନାହିଁ ବୋଲି ଆମେ ମନେ ରଖିବା ଉଚିତ୍ । ସେଥିଲାଗି ଈଶ୍ୱର ମତର ସୃଷ୍ଟିକର୍ତ୍ତା ନୁହନ୍ତି । ସେହିଭଳି ଈଶ୍ୱରଙ୍କ ଧର୍ମ ଅନୁସାରେ ତାଙ୍କର ରୂପ ନାହିଁ, ନାମ ନାହିଁ । ରୂପ, ନାମ, କ୍ରିୟା ଯାହାର ନାହିଁ ସେ ଈଶ୍ୱର ବୋଲି ମନେରଖି, ଈଶ୍ୱରଙ୍କ ଧର୍ମକୁ ଅତିକ୍ରମ ନକରି ଆମେ କଥାବାର୍ତ୍ତା କରିବା ଉଚିତ୍ । ଏକ ମତ ସୃଷ୍ଟି କରିବାରେ ସେପଟେ ପରମାତ୍ମାଙ୍କ ହସ୍ତ ନାହିଁ କି ଏପଟେ ଜୀବାତ୍ମାର ହସ୍ତ ନାହିଁ । ଏତିକିବେଳେ ବିନା ଦ୍ୱିଧାରେ ମତ କିଏ ସୃଷ୍ଟିକଲା କହିଲେ, ଆତ୍ମା ବୋଲି କହି ପାରିବା । ଆତ୍ମା ମତ ତିଆରି କରୁଥିବା ବେଳେ, ପରମାତ୍ମା ସାକ୍ଷୀ ଭାବରେ ଦେଖୁଥିବା ବେଳେ, ଜୀବ ନିଜର ଶ୍ରଦ୍ଧା ବଳରେ ବା ଇଚ୍ଛା ଅନୁସାରେ ମତର ଜ୍ଞାନକୁ ଜାଣି ପାରେ କିମ୍ୱା ନପାରେ । ଏସବୁ ମଣିଷର ଶ୍ରଦ୍ଧା ଅନୁସାରେ ଥାଏ । ଜ୍ଞାନ ଉପରେ ଶ୍ରଦ୍ଧା ଥିଲେ ଜ୍ଞାନ ଗ୍ରହଣ କରି ପାରିବା, ନଥିଲେ ଜ୍ଞାନ ଗ୍ରହଣ କରିପାରିବା ନାହିଁ ।

ଏଠାରେ କେତେକ ଏକ ପ୍ରଶ୍ନ ପଚାରି ପାରନ୍ତି । କ'ଣନା ! ମତକୁ ମଣିଷ ତିଆରି କରିଛି ବୋଲି ଆପଣ ତ କହୁଥିଲେ ! ଏବେ ମଣିଷ ତିଆରି କରିନାହିଁ, ମଣିଷ ଭିତରେ ରହି ମଣିଷକୁ ପରିଚାଳିତ କରୁଥିବା ଆତ୍ମା କରିଛି କହୁଛନ୍ତି । ପ୍ରଥମେ ଗୋଟିଏ କଥା କହି ପୁଣି ଏବେ ତାହା କିପରି ବଦଳାଇ ଦେଉଛନ୍ତି ? ଏହାର ସମାଧାନ ହେଉଛି ! ତିନି ଆତ୍ମା ବାବଦରେ କହିବା ଆଗରୁ ମତକୁ ମଣିଷ ତିଆରି କରିଛି, ଈଶ୍ୱର ତିଆରି କରି ନାହାନ୍ତି ବୋଲି କହିଥିଲି । ତା ପୂର୍ବରୁ ମଣିଷକୁ ଆତ୍ମାବିଷୟ ଜଣାନାହିଁ । ଆତ୍ମା ମଣିଷକୁ ପରିଚାଳିତ କରୁଛି ବୋଲି ଜାଣିବା ଆଗରୁ ମୁଁ କହିଥିଲେ ମଣିଷ କିପରି ବିଶ୍ୱାସ କରିଥାନ୍ତା ? ସବୁ କାର୍ଯ୍ୟକୁ ମୁଁ କରୁଛି ଭାବୁଥିବା ମଣିଷ ଏ କାର୍ଯ୍ୟ ତୁ କରିନାହୁଁ କହିଲେ ଶୁଣିବ ? ଉଦାହରଣ ସ୍ୱରୂପ ଏବେ ତୁ ଗୋଟିଏ ସେଓ ଖାଉଛୁ ବୋଲି ଭାବିବା । ମୁଁ ଆସି ତୁ

ସେଓ ଖାଉନାହୁଁ କହିଲେ ତୁ ମାନିବୁ ? କଦାପି ମାନିବୁ ନାହିଁ । କାହିଁକିନା ! ତୁ ସେଓକୁ ହାତରେ ଧରି, ପାଟିରେ ଖାଉଛୁ ସତକଥା । ମୁଁ ଖାଉଛି କହିଲେ ତୋ କଥା ମିଛ ନୁହେଁ । ତୋ କଥା ମିଛ ବୋଲି ତୁ ଜାଣିବାକୁ ହେଲେ ତୋ ଶରୀରରେ ତୋର ଭୂମିକା କଣ, ଆତ୍ମାର ଭୂମିକା କଣ ତାହା ତୋତେ ଜାଣିବାକୁ ପଡିବ । ଆତ୍ମାର ଭୂମିକା ଜାଣିବା ପରେ ବାସ୍ତବରେ ତୁ ଖାଉନାହୁଁ ବୋଲି ବୁଝିପାରିବୁ । ହେଉଥିବା କାର୍ଯ୍ୟ ହେଉଛି ସେଓ ଖାଇବା, ଏହା ମୁଣ୍ଡ ଭିତରେ ଥିବା ତୋତେ ଖାଲି ଜଣାପଡୁଛି ସିନା, ବାସ୍ତବରେ ତୁ ଖାଉନାହୁଁ । ଶରୀରସାରା ରହି ପାଟିରେ, ହାତରେ ବ୍ୟାପିଥିବା ଆତ୍ମା ସବୁକାର୍ଯ୍ୟ କରୁଛି, ଜୀବ ଘଟୁଥିବା କାର୍ଯ୍ୟକୁ ଦେଖୁଛି, ନିଜେ ଖାଉଛି ଭାବିବା ଭୁଲ୍ ।

ଜୀବ ଏହି ଭୁଲ୍ ସବୁବେଳେ କରିଥାଏ । ସେଥିଲାଗି ପ୍ରଥମେ କହିଥିଲେ ବୁଝିହେବ ନାହିଁ, ଆରମ୍ଭରୁ ହିଁ ଶୁଣିବ ନାହିଁ ବୋଲି ପ୍ରଥମେ ମଣିଷ ଭାବୁଥିବା ଭଳି ମଣିଷ ହିଁ ମତ ତିଆରି କରିଛି ବୋଲି କହିଥିଲି । ତାପରେ ସତକଥାକୁ ଖୋଲି, ଆତ୍ମା ବିଷୟକୁ ଜଣାଇବା ପରେ, ମଣିଷ ବା ଜୀବାତ୍ମା କୌଣସି କାର୍ଯ୍ୟ କରୁନାହିଁ, ସବୁକାର୍ଯ୍ୟ ଆତ୍ମା କରୁଛି ବୋଲି ବୁଝାଇ କହିଛି । ଭଗବଦ୍ଗୀତାରେ ଅର୍ଜୁନ ମୁଁ ମଣିଷ ମାରିଲେ ମୋର ପାପ ହେବ ବୋଲି କହିବାବେଳେ, ତୁ ମାରୁଛୁ ବୋଲି ଭାବିବାବେଳେ ତୋର ପାପହେବ ସିନା, "ତୁ ମାରୁ ନଥିବାବେଳେ କାହିଁକି ପାପ ହେବ" ବୋଲି ବୁଝାଇ ଆତ୍ମା କରୁଥିବା ବିଧିବିଧାନକୁ ଶ୍ରୀକୃଷ୍ଣ କହିଥିଲେ । ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ଆତ୍ମା ନିୟମ କହିବା ପରେ ଅର୍ଜୁନ ଯୁଦ୍ଧ କରିଥିଲେ ଏବଂ ତାଙ୍କର କାର୍ଯ୍ୟ କର୍ମଯୋଗ ହୋଇଥିଲା । ତା ପୂର୍ବରୁ ସେହି ଯୁଦ୍ଧ କର୍ମଫାଶ ଭଳି ତାଙ୍କୁ ଦେଖାଯାଇଥିଲା । ସେଥିଲାଗି ଅର୍ଜୁନ ପ୍ରଥମେ ଯୁଦ୍ଧ କରିବାକୁ ଇଚ୍ଛା କରିନଥିଲେ, ତାପରେ ନିମିତମାତ୍ର ହୋଇ କରିଥିଲେ । ଉପରକୁ ଅର୍ଜୁନ ଯୁଦ୍ଧ କରିଥିଲେ ମଧ୍ୟ, ଭିତରେ ଅର୍ଜୁନ ନୁହନ୍ତି ଆତ୍ମା କରାଇଥିଲେ ବୋଲି

ଆମେ ଜାଣିପାରିଲେ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଦୈବଗ୍ରନ୍ଥ ହୋଇଥିବା ତିନି ଗ୍ରନ୍ଥରୁ, ମୁଖ୍ୟ ବିଷୟ ହୋଇଥିବା ଆତ୍ମାବିଷୟକୁ ଜାଣିପାରିଲେ, କିଏ କଣ କରୁଛି ସହଜରେ ଜାଣିପାରିବ, ନଚେତ ସେ ପର୍ଯ୍ୟନ୍ତ ନ କରିଥିବା ପାତ୍ରକୁ କରିଛି ବୋଲି, କରିଥିବା ପାତ୍ରକୁ କରି ନାହିଁ ବୋଲି ଭାବୁଥିବ ।

ଏଠାରେ ଆଉ ଏକ ପ୍ରଶ୍ନ ଆସିପାରେ । କ'ଣନା ! ସବୁ କାର୍ଯ୍ୟ ଆତ୍ମା କରୁଥିବା ବେଳେ, ମଣିଷ କିଛି କରୁ ନଥିବା ବେଳେ, ମତ ପରିବର୍ତ୍ତନ କାର୍ଯ୍ୟକୁ ମଧ୍ୟ ଆତ୍ମା କରୁଛି ! ତାହେଲେ ମଣିଷର ତ କିଛି ଦୋଷ ନାହିଁ ! ବୋଲି ପଚାରି ପାରନ୍ତି । ମୁଁ ପୂର୍ବରୁ ମଧ୍ୟ କହିଛି । ଭୌତିକ ବିଷୟରେ ବା ମାୟା ବିଷୟରେ, କର୍ମ ବିଷୟରେ କାହାର ସ୍ୱାଧୀନତା ନାହିଁ । ଏହା ମନେ ରଖନ୍ତୁ ବୋଲି ଆଉଥରେ ମନେପକାଇ ଦେଉଛି । କେବଳ ଆତ୍ମା ବିଷୟରେ ମଣିଷର (ଜୀବର) ସ୍ୱାଧୀନତା ଥାଏ ବୋଲି ମଧ୍ୟ କହିଥିଲି । ଆତ୍ମା ବିଷୟ, ବା ଦୈବଙ୍କୁ ପାଇବା ପାଇଁ ଜାଣିବାକୁ ପଡୁଥିବା ଜ୍ଞାନବିଷୟ ଜାଣିବାପାଇଁ ମଣିଷ ସ୍ୱାଧୀନ ହୋଇ ମତ ପରିବର୍ତ୍ତନ କରୁଛି ! ଏହି ପରିବର୍ତ୍ତନ ହେବାରେ ମଣିଷର ସ୍ୱାଧୀନତା ଅଛି, କିନ୍ତୁ ଏଇ ଈଶ୍ୱରଙ୍କ ବିଷୟରେ ସେ ଯଦି ମତ ପରିବର୍ତ୍ତନ କରୁଛି ତେବେ ତାହା ଭଲ ଦେଖାଗଲେ ମଧ୍ୟ, ସେ କାର୍ଯ୍ୟ ତା ପାଇଁ ଦୈବଦ୍ରୋହ ହୋଇଯାଉଛି । ତାଛଡା କିଛିଲୋକ ଈଶ୍ୱରଙ୍କପାଇଁ କିମ୍ବା ଜ୍ଞାନପାଇଁ ମତ ନ ବଦଳାଇ କେବଳ ଭୌତିକ ସୁଖପାଇଁ ମତ ବଦଳାଉଛନ୍ତି, ସେମାନେ ଏଭଳି ଭୌତିକ ସୁଖପାଇଁ ମତ ବଦଳାଉଥିବାରୁ, ସତରେ ମତ ବଦଳାଇବା ଭଳି ହୋଇନଥାଏ, କାହିଁକିନା ! ସେ କାର୍ଯ୍ୟ କରିବାରେ ତାର ସ୍ୱାଧୀନତା ନାହିଁ । ତେଣୁ ଏଠାରେ ତାକୁ ଆତ୍ମା ବଦଳାଇଛି ବୋଲି କହି ପାରିବା, କିନ୍ତୁ ସେ ବିଷୟ ତାକୁ ଜଣା ନଥିବାରୁ, ସେ ନିଜେ ମତ ବଦଳାଇଛି ବୋଲି ଭାବୁଛି, ସେତେବେଳେ ସେ କାର୍ଯ୍ୟ ନକଲେ ମଧ୍ୟ, କରିଛି ଭାବି ଏଠାରେ ମତ ପରିବର୍ତ୍ତନ କରିବା ନାମକ ମହାପାପରେ ପଡିଯାଉଛି ।

ଏଠାରେ ଆଉ କେତେଜଣ ମୋତେ ଆଉଏକ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି । କ'ଣନା ! ଜଣେ ଈଶ୍ୱରଙ୍କ ପାଇଁ ହେଉ, ଈଶ୍ୱରଙ୍କ ଜ୍ଞାନ ପାଇଁ ହେଉ ଯଦି ମତ ପରିବର୍ତ୍ତନ କରୁଛି ତେବେ ତାହା ଭଲକାର୍ଯ୍ୟ ହେଲେ ମଧ୍ୟ, ସେ ତା ଇଚ୍ଛାରେ ପରିବର୍ତ୍ତନ ହେଲେ ମଧ୍ୟ ସେ କାର୍ଯ୍ୟକୁ ଦୈବଦ୍ରୋହ କହୁଛନ୍ତି । ତାପରେ ତା ଇଚ୍ଛା ସମ୍ବନ୍ଧୀୟ ନହୋଇ କର୍ମ ଅନୁସାରେ ଆତ୍ମା ତାକୁ ଲୋଭ ଦେଖାଇ, କୌଣସି ଆଶାରେ ମତ ପରିବର୍ତ୍ତନ କରାଇବା ଭଳି କରୁଛି ଏବଂ ଏହା ଦୈବ ସମ୍ବନ୍ଧୀୟ ନହୋଇ ମଧ୍ୟ ତାର ମହାପାପ ହେଉଛି ବୋଲି କହିଛନ୍ତି । ଏଠାରେ ଈଶ୍ୱରଙ୍କ ପାଇଁ ପରିବର୍ତ୍ତନ ହେଲେ ଦୈବଦ୍ରୋହ ହେଉଛି, କେବଳ ଆଶାରେ ପରିବର୍ତ୍ତନ ହେଲେ ମହାପାପ ହେଉଛି ବୋଲି କହିଛନ୍ତି । ଦୈବଦ୍ରୋହ, ମହାପାପ ନାମକ ଦୁଇଟି କଥା ଏଠାରେ ବହିର୍ଗତ ହେଉଥିବାରୁ ଏ ଦୁଇଟିରୁ କେଉଁଟି ବଡ ? ଦୈବଦ୍ରୋହ କି ମହାପାପ ? ଏଥିପାଇଁ ମୋ ଉତ୍ତର ହେଉଛି ! ଈଶ୍ୱରଙ୍କ ପାଇଁ ମତ ପରିବର୍ତ୍ତନ କଲେ କିମ୍ବା ଭୌତିକ ସୁଖପାଇଁ ମତ ପରିବର୍ତ୍ତନ କଲେ ଉଭୟ କାର୍ଯ୍ୟରେ ମଣିଷର ମନ୍ଦ ଘଟୁଛି ସିନା ଭଲ ନାହିଁ । ମଣିଷ ଅଜ୍ଞାନରେ ରହି କେବଳ ଭୌତିକ ସୁଖପାଇଁ ମତ ପରିବର୍ତ୍ତନ କଲେ ମହାପାପ ହୋଇଥାଏ, କିନ୍ତୁ ପାପ ଅପେକ୍ଷା ଦୈବଦ୍ରୋହ ବହୁତ ବଡ ଅପରାଧ । ପାପ ଭୌତିକ କଷ୍ଟାନୁଭବରେ କଟିଯିବ,କିନ୍ତୁ ଦୈବଦ୍ରୋହ ଭୌତିକ ଅନୁଭବରେ ନକଟି, ଦୈବବିଷୟରେ ମନ୍ଦକାର୍ଯ୍ୟ କରି ଦୈବଙ୍କଠାରୁ ଆଉ ଦୂରକୁ ଚାଲିଯିବ । ତେଣୁ ଦୈବଙ୍କର କିଛି ନିକଟରେ ରହି କିଛି ପାପ ଅନୁଭବ କରିବା ଅପେକ୍ଷା, ଦୈବଦ୍ରୋହରେ ଈଶ୍ୱରଙ୍କଠାରୁ ଖୁବ୍ ଦୂରକୁ ଚାଲିଯିବା ନାମକ ବଡପାପ ଅର୍ଥାତ୍ ମହାପାପ ହିଁ ହେବ ।

ଭୌତିକ ଆଶାପାଇଁ କରିନଥିବା କାର୍ଯ୍ୟକୁ ମୁଁ କରିଛି କହି ସ୍ୱୀକାର କରିବା ଦ୍ୱାରା, ସେହି କାର୍ଯ୍ୟାନୁଗୁଣ ଫଳ ଜୀବକୁ ମିଳିଥାଏ । ଭୌତିକ ଲାଭପାଇଁ ରହିଥିବା ମତକୁ ଛାଡି ଚାଲିଯିବା ମନ୍ଦକାର୍ଯ୍ୟ ହିସାବ ହେଉଥିବାରୁ,

ମତ ପରିବର୍ତ୍ତନ କରିଥବା ଲୋକର ପାପ ହୁଏ । ସେହିଭଳି ଜ୍ଞାନ ଉପରେ ଶ୍ରଦ୍ଧା ରହି ଈଶ୍ୱରଙ୍କପାଇଁ ମତ ପରିବର୍ତ୍ତନ କଲେ, ସେ ପାପ ଅପେକ୍ଷା ଅତିମନ୍ଦ ଦୈବଦ୍ରୋହ ହୁଏ । ମୋଠାରୁ ଏକଥା ଶୁଣି କେତେକଙ୍କ ଠାରେ ଆଉଏକ ପ୍ରଶ୍ନ ମଧ୍ୟ ଆସିପାରେ । କ'ଣନା ! ମତ ପରିବର୍ତ୍ତନ କରିଥିବା ଲୋକର କିପରି ପାପ ହୁଏ ? ସେହିଭଳି ଜ୍ଞାନପାଇଁ ମତ ପରିବର୍ତ୍ତନ କଲେ ଦୈବଦ୍ରୋହ କିପରି ହୁଏ ? ଏହି ପ୍ରଶ୍ନ ସାଧାରଣତଃ କାହାଠାରେ ମଧ୍ୟ ଆସିପାରେ । ଉତ୍ତର କହୁଛି ଦେଖନ୍ତୁ । ଈଶ୍ୱରଙ୍କ ଭଳି ଆତ୍ମା କାର୍ଯ୍ୟ କରି ମୁଖ୍ୟତଃ ତିନି ଗ୍ରନ୍ଥ ଆଧାରରେ ତିନିମତ ତିଆରି କରିଛି । ବାସ୍ତବରେ ଈଶ୍ୱର କୌଣସି ମତ ତିଆରି କରିନାହାନ୍ତି । ଈଶ୍ୱର ତିନିଗ୍ରନ୍ଥର ଜ୍ଞାନକୁ ଦୁଇଥର ଭଗବାନଙ୍କ ଦ୍ୱାରା, ଥରେ ଗ୍ରହ ଦ୍ୱାରା ଦେଇଥିଲେ । ଭଗବାନ ହୋଇଥିବା ମଣିଷ ଦ୍ୱାରା ଦେଇଥିବା ଦୁଇଥରର ଜ୍ଞାନ ଗୋଟିଏ ପ୍ରଥମ ଦୈବଗ୍ରନ୍ଥ ଭାବେ, ଆଉଗୋଟିଏ ଦ୍ୱିତୀୟ ଦୈବଗ୍ରନ୍ଥ ଭାବେ ଆମ ପାଖରେ ଅଛି, ତାପରେ ଖଗୋଳରେ ଥିବା ମହାଜ୍ଞାନୀ ଜିବ୍ରାଇଲଙ୍କ ଦ୍ୱାରା ଦେଇଥିବା ଜ୍ଞାନ ମଧ୍ୟ ଅନ୍ତିମ ଦୈବଗ୍ରନ୍ଥ ଭାବେ ଅଛି । ଏହିଭଳି ତିନି ଦୈବଗ୍ରନ୍ଥରେ ଈଶ୍ୱର ମଣିଷକୁ ଦେଇଥିବା ଜ୍ଞାନ ଦୈବଜ୍ଞାନ ବା ଆତ୍ମଜ୍ଞାନ ହୋଇ ଅଛି । ପ୍ରଥମେ ବାଣୀ ରୂପରେ କହିଥିବା ଜ୍ଞାନ ନିଷ୍କଳ୍ମଷ ଭାବେ ଥିଲେ ମଧ୍ୟ ତାହା ଗ୍ରନ୍ଥରୂପ ନେବାବେଳେ ସେଥିରେ ମଣିଷର କଳ୍ପିତ କାଲୁଷ୍ୟ କିଛି ନିଶ୍ଚୟ ମିଶିଯାଇ ଥାଇ ପାରେ, କିନ୍ତୁ ସେହି କାଲୁଷ୍ୟକୁ ଆମେ ସହଜରେ ଚିହ୍ନିପାରିବା, ପ୍ରକୃତ ଜ୍ଞାନକୁ ଜାଣିପାରିବା । ଗ୍ରନ୍ଥରୁ ସାରକୁ ଗ୍ରହଣ କରିଥିବା ବେଳେ ସେଥିରେ କେତେ କାଲୁଷ୍ୟ ମିଶିଥିଲେ ମଧ୍ୟ କିଛି ଯାଏଆସେ ନାହିଁ, ତଦ୍ୱାରା କିଛି ସମସ୍ୟା ନଥାଏ ।

ପ୍ରଥମ ଦୈବଗ୍ରନ୍ଥ ହୋଇଥିବା ଭଗବଦ୍ଗୀତାରେ କେତେ ଜ୍ଞାନ ଥିଲେ ମଧ୍ୟ ମୁଖ୍ୟତଃ ସେଥିରେ ତିନି ଆତ୍ମା ବିଷୟରେ ଅଛି । ଜ୍ଞାନକୁ ସମସ୍ତେ ଜାଣିପାରନ୍ତୁ ବୋଲି ତିନିଥର ତିନି ଜାଗାରେ ଈଶ୍ୱର କହିଥିବା ଜ୍ଞାନକୁ,

ଆତ୍ମା ମଣିଷ ଦ୍ୱାରା ତିନିଗୋଟି ଗ୍ରନ୍ଥ କରାଇଛି । ଈଶ୍ୱର ତାଙ୍କ ଜ୍ଞାନକୁ ସିଧା କୌଣସି ବ୍ୟକ୍ତିକୁ ପ୍ରତ୍ୟକ୍ଷ ଭାବେ କହିନଥିଲେ । ସୃଷ୍ଟ୍ୟାଦିରେ ଆକାଶବାଣୀ ଦ୍ୱାରା, ତାପରେ ସେହି ଜ୍ଞାନକୁ ତାଙ୍କ ଦୂତ (ଭଗବାନଙ୍କ) ଦ୍ୱାରା କୁହାଇଥିଲେ, ତୃତୀୟଥର ମଧ୍ୟ ଏକ ଗ୍ରହଦ୍ୱାରା କୁହାଇଥିଲେ । ଏହି ବିଷୟ ଅନ୍ତିମ ଦୈବଗ୍ରନ୍ଥର ୪୨ତମ ସୁରାର ୫୧ତମ ଆୟତରେ **"ଏବଂ କୌଣସି ବ୍ୟକ୍ତି ପକ୍ଷରେ ଏହା ସମ୍ଭବପର ନୁହେଁ ଯେ ଅଲ୍ଲାଃ ତା ସହିତ ଓହି ମାଧ୍ୟମ ବା ପରଦା ଅନ୍ତରାଳ ଭିନ୍ନ କୌଣସି ଉପାୟରେ କଥାବାର୍ତ୍ତା କରିବେ ଅଥବା ଏପରି ବାର୍ତ୍ତାବାହକ ପ୍ରେରଣ କରିବେ ଯେ ତାହାଙ୍କ ଆଦେଶ ଅନୁଯାୟୀ ଯାହା କରିବାକୁ ଇଚ୍ଛା କରିବେ ତାହା ପହଞ୍ଚାଇ ଦେବେ, ସେ ହିଁ ଅତ୍ୟୁଚ୍ଚ ଓ ତତ୍ତ୍ୱଜ୍ଞ"** ବୋଲି କହିଛନ୍ତି । ଈଶ୍ୱର ରୂପ, ନାମ, କ୍ରିୟାରହିତ ହୋଇଥିବାରୁ ସେ କାର୍ଯ୍ୟ କରନ୍ତି ନାହିଁ । ସେଥିଲାଗି ତାଙ୍କ ତରଫରୁ ଅନ୍ୟମାନେ ପ୍ରଜାମାନଙ୍କୁ ଜ୍ଞାନ ଜଣାଇଥିଲେ । ପ୍ରଥମେ ଆକାଶବାଣୀ ଦ୍ୱାରା ଈଶ୍ୱରଙ୍କ ଜ୍ଞାନ ସୂର୍ଯ୍ୟ ଶୁଣିଥିଲେ, ସେହି ଜ୍ଞାନ ଈଶ୍ୱରଙ୍କ ଦୂତ (ଅଂଶ) ଭଗବାନଙ୍କ ଦ୍ୱାରା ପ୍ରଜାମାନଙ୍କ ପାଖରେ ପହଞ୍ଚିଥିଲା । ବାଣୀ ଦ୍ୱାରା, ଦୂତମାନଙ୍କ ଦ୍ୱାରା ଆସିଥିବା ଜ୍ଞାନକୁ ଜିବ୍ରାଇଲ୍ ଗ୍ରହ ମଧ୍ୟ ଜଣାଇଥିଲେ । ଜ୍ଞାନ ତିନି ପ୍ରଣାଳୀରେ ଆସିଥିଲା, ହେଲେ କେଉଁଠାରେ ମଧ୍ୟ ଈଶ୍ୱର ପ୍ରତ୍ୟକ୍ଷତଃ ଜ୍ଞାନ କହିନଥିଲେ, କିନ୍ତୁ କଥା ପ୍ରସଂଗରେ କହିବା ବେଳେ ଈଶ୍ୱର କହିଥିଲେ, ଈଶ୍ୱର କହିଥିଲେ, ଦେଇଥିଲେ ବୋଲି ଈଶ୍ୱରଙ୍କ ସମ୍ମାନାର୍ଥେ କୁହାଯାଉଛି ସିନା, ବାସ୍ତବରେ ଈଶ୍ୱର କେଉଁଠାରେ ମଧ୍ୟ ଜ୍ଞାନ କହିନଥିଲେ । କାହିଁକିନା ! ସେ ରୂପ, ନାମ, କ୍ରିୟା ରହିତ ବୋଲି ଭୁଲନ୍ତୁ ନାହିଁ ।

ଈଶ୍ୱରଙ୍କ ଜ୍ଞାନ ତିନି ପ୍ରଣାଳୀରେ ପ୍ରଜାମାନଙ୍କ ପାଖରେ ପହଞ୍ଚିଥିଲା ତାହା ତିନିଗୋଟି ଗ୍ରନ୍ଥ ହୋଇ ରହିଛି । ତିନି ଗ୍ରନ୍ଥରେ ସେହି ଜଣେ ଈଶ୍ୱରଙ୍କ ଜ୍ଞାନ ଅଛି । ଜାତି ଗୋଟିଏ, ବାପା ଗୋଟିଏ ହୋଇ ତିନି ପୁଅମାନେ

ଆଗପଛ ହୋଇ ଜନ୍ମ ହୋଇଥିବା ଭଳି, ତିନି ଦୈବଗ୍ରନ୍ଥର ଜ୍ଞାନ ଗୋଟିଏ ହୋଇଥିଲଲେ ମଧ୍ୟ ସେଗୁଡିକ ଆଗପଛ ହୋଇ ଆସିଥିଲା । ପ୍ରଥମେ ଜନ୍ମ ହୋଇଥିବା ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତାକୁ ଅନୁସରଣ କରି ଜନ୍ମ ହୋଇଥିଲେ ମଧ୍ୟ ସେ ଦୁଇ ଗ୍ରନ୍ଥ ଭଗବଦ୍ଗୀତାକୁ ଧୃବୀକୃତ କରୁଛି । ସେଥିପାଇଁ ସେଗୁଡିକରେ ଥିବା ତିନି ଆତ୍ମା ବିଷୟ ପ୍ରମାଣ ହୋଇ ରହିଛି ବୋଲି ଜାଣି ପାରିଛେ । ଏହି ବିଷୟ ଅନ୍ତିମ ଦୈବଗ୍ରନ୍ଥର ୨ୟ ସୂରାରେ ଥିବା ୮୯ତମ ଆୟତ ମଧ୍ୟ କହିଆସିଛି । ଏସବୁକୁ ଅନୁଧ୍ୟାନ କରିବା ପରେ ତିନି ଦୈବଗ୍ରନ୍ଥରେ ଜଣେ ଈଶ୍ୱରଙ୍କ ଜ୍ଞାନ ରହିଛି ଏବଂ ସେହି ଗ୍ରନ୍ଥଗୁଡିକୁ ନେଇ ତିନିଗୋଟି ମତ ତିଆରି ହୋଇଥିଲେ ମଧ୍ୟ ଗ୍ରନ୍ଥଗୁଡିକ ଗୋଟିଏ ବୋଲି ଜାଣି ହୋଇଯାଇଛି । ଗ୍ରନ୍ଥଗୁଡିକ ଈଶ୍ୱରଙ୍କ ପାଖରୁ ଆସିଛି ସିନା, ଗ୍ରନ୍ଥଗୁଡିକୁ ଅନୁସରଣ କରି ତିଆରି ହୋଇଯାଇଥିବା ମତ ଆତ୍ମା ଦ୍ୱାରା ତିଆରି ହୋଇଛି ବୋଲି ଏବେ ପ୍ରମାଣିତ କଲେ । ତେଣୁ ମତକୁ ମହାନ ବୋଲି କହୁଥିବା ଲୋକମାନେ ନିଜ ନିଜ ମତକୁ ମହାନ କହିଲେ ମଧ୍ୟ, ସେହି ସେହି ମତରେ ଥିବା ଗ୍ରନ୍ଥଗୁଡିକରେ ପ୍ରକୃତ ଈଶ୍ୱରଙ୍କ ସମ୍ବନ୍ଧୀୟ ଜ୍ଞାନ ରହିଛି ବୋଲି ଆମେ ଏଠାରେ ସ୍ପଷ୍ଟ ହୋଇଯିବା ଉଚିତ୍ ।

ଭୂପୃଷ୍ଠରେ ଜନ୍ମ ହେଉଥିବା ମଣିଷ ଭୂପୃଷ୍ଠର କେଉଁଠାରେ ଜନ୍ମ ହେଲେ ମଧ୍ୟ, କୌଣସିନା କୌଣସି ଏକ ମତରେ ଜନ୍ମ ହୋଇଥାଏ । ଜନ୍ମହେବା ପରେ ତା ଅଜାଣତରେ ସେ ବଢିବା ପରେ ସେ ଜନ୍ମ ହୋଇଥିବା ପରିବାର, କୁଟୁମ୍ବ ଅନୁସାରେ, କୁଟୁମ୍ବ ଯେଉଁ ମତର ହୋଇଥାଏ, ତାହାକୁ ସେ ନିଜର ମତ ବୋଲି ଭାବିଥାଏ । ଏସବୁ ଏକ ନିର୍ଣ୍ଣୟ ଅନୁସାରେ ଘଟିଥାଏ । ଈଶ୍ୱରଙ୍କୁ ଜଣା ନଥାଇ କିଛି ମଧ୍ୟ ହୁଏ ନାହିଁ । ଶରୀରର ଆତ୍ମା ଅନେକ ସମୟରେ ମଣିଷର କାର୍ଯ୍ୟ କରି ତାହାକୁ ମଣିଷ କରିଛି ଭାବିବା ଭଳି କରାଇଥାଏ । ସେହିଭଳି କେତେକ ସମୟରେ ଈଶ୍ୱରଙ୍କ ଭୂମିକା ବହନ କରି, ଈଶ୍ୱର କରିବାକୁ ଥିବା କାର୍ଯ୍ୟ ମଧ୍ୟ ଆତ୍ମା କରିଥାଏ । ଜଣେ

ମଣିଷ କେବେ କେଉଁଠାରେ, କେଉଁ ମତରେ ଜନ୍ମହେବ ତାହାକୁ ଆତ୍ମା ଆଗରୁ ଜାଣିଥାଏ । ତେଣୁ ଏହା ହିଁ ଈଶ୍ୱରଙ୍କ ନିର୍ଣ୍ଣୟ କହିବା ଭଳି, ଆତ୍ମା ହିଁ ଜୀବକୁ କୌଣସି ଏକ ମତ ଭିତରେ ଜନ୍ମ କରାଇଥାଏ । ଈଶ୍ୱର ହିଁ ମୋତେ ଏଇ ମତରେ ଜନ୍ମ କରାଇଛନ୍ତି ବୋଲି ଆତ୍ମା ହିଁ ବେଳେବେଳେ ମଣିଷ ତୁଣ୍ଡରୁ ବହିର୍ଗତ କରିଥାଏ । ତେଣୁ ଏହି ହିସାବରେ ଆତ୍ମା ଈଶ୍ୱରଙ୍କ ଭଳି, ଜୀବ ଭଳି ଦୁଇ ପ୍ରକାରର କାର୍ଯ୍ୟ କରିଥାଏ ବୋଲି ଜଣାଯାଉଛି । ଗୋଟିଏ ଦିଗରେ ଈଶ୍ୱର କିଛି କରିନଥାନ୍ତି, ଆଉ ଗୋଟିଏ ଦିଗରେ ଜୀବ ମଧ୍ୟ କିଛି କରି ନଥାଏ । ତେଣୁ ଆତ୍ମା ହିଁ ଉଭୟଙ୍କ କାର୍ଯ୍ୟ କରି, କିଛି ନକରିବା ଭଳି ରହିଥାଏ, ଏହା ହିଁ ଶରୀର ଭିତରେ ଘଟୁଥିବା ଅନେକ କାର୍ଯ୍ୟର ରହସ୍ୟ ।

ଜଣେ ବ୍ୟକ୍ତି କୌଣସି ଏକ ମତରେ ଜନ୍ମ ହୋଇଛି, ଅର୍ଥାତ୍ ସେ ଈଶ୍ୱରଙ୍କୁ ଜଣାଥାଇ, ଈଶ୍ୱରଙ୍କ ଇଚ୍ଛାରେ ଜନ୍ମ ହୋଇଛି ବୋଲି ଆମେ କହିପାରିବା । ଏହି ବିଷୟ ଆତ୍ମାକୁ ଜଣାଥାଏ । ଆତ୍ମା ଈଶ୍ୱରଙ୍କ ଆଜ୍ଞା ଅନୁସାରେ କାର୍ଯ୍ୟ କରୁଛି । ଜଣେ ଜନ୍ମରୁ ଏକ ମତରେ ଅଛି, ଅର୍ଥାତ୍ ଈଶ୍ୱର ତାକୁ ସେହି ମତରେ ଜନ୍ମ କରାଇଛନ୍ତି ବୋଲି ବୁଝିବା ଉଚିତ୍ । ଈଶ୍ୱର ଜନ୍ମ କରାଇଥିବା ମତରେ ମଣିଷ ପାଇଁ ଉପଯୁକ୍ତ ଜ୍ଞାନ ରହିଥିବାରୁ, ସେ ସେହି ମତରେ ରହି, ସେହି ମତରେ ଥିବା ଗ୍ରନ୍ଥରୁ ଈଶ୍ୱରଙ୍କ ଜ୍ଞାନକୁ ଜାଣି ପାରି ଶେଷରେ ମୋକ୍ଷ ପାଇପାରିବ । ଏହି ଉଦ୍ଦେଶ୍ୟରେ ଈଶ୍ୱର ଏକ ମତ ନିର୍ଣ୍ଣୟ କରି, ମଣିଷକୁ ସେହି ମତ ଭିତରେ ଜନ୍ମ କରାଉଛନ୍ତି । ମଣିଷ ଈଶ୍ୱର ନିର୍ଣ୍ଣୟ କରିଥିବା ମତରେ ଜନ୍ମହେବା ପରେ ମତ ଉପରେ ଦୃଷ୍ଟି ନଦେଇ, ଗ୍ରନ୍ଥ ଉପରେ ଦୃଷ୍ଟି ଦେଇ ସେହି ଗ୍ରନ୍ଥର ଜ୍ଞାନକୁ ଜାଣି ପାରିଲେ ଈଶ୍ୱରଙ୍କ ନିକଟକୁ ସହଜରେ ଯାଇପାରିବ, ହେଲେ ମଣିଷ ଯେଉଁ ମତରେ ଜନ୍ମ ହେଉଛି ସେହି ମତ ଉପରେ ଦୃଷ୍ଟିଦେବା ଦ୍ୱାରା, ମତ ପ୍ରଚାର କରିବାରେ ବୁଡିଯିବା ଦ୍ୱାରା, ମତରେ ଥିବା ଗ୍ରନ୍ଥ ଉପରେ ଦୃଷ୍ଟି

ଦେଇପାରୁ ନାହିଁ । ସେଥିଲାଗି ମଣିଷ ଈଶ୍ୱରଙ୍କୁ କିମ୍ବା ଈଶ୍ୱର ଦେଇଥିବା ଜ୍ଞାନକୁ ଜାଣିପାରୁ ନାହିଁ ।

ଉଦାହରଣ ସ୍ୱରୂପ ଏକ ମୁସଲମାନ ପରିବାରରେ ଜଣେ ଜନ୍ମ ହୋଇଛି ବୋଲି ଭାବିବା । ସେ ଜନ୍ମହେବା ବେଳେ ସବୁ ମଣିଷ ଜନ୍ମହେବା ଭଳି ଜନ୍ମ ହୋଇଥାଏ । ସେତେବେଳେ ସେ ଶିଶୁଦଶାରେ କେଉଁ ମତରେ ଜନ୍ମ ହୋଇଛି ବୋଲି ଜାଣି ନଥାଏ । କିଛିକାଳ ପରେ ସେ ବଡହୋଇ ତାର ହେତୁ (ବୁଦ୍ଧି) ହେବାବେଳେ ବଡମାନଙ୍କର ଆଚାର ବ୍ୟବହାର ଦେଖେ, ଆରାଧନା ଦେଖେ, ଶେଷରେ ଏହା ମୋ ମତ ବୋଲି ଜାଣେ । ଏହିଭଳି ମୁଁ ଇସ୍ଲାମ ମତରେ ଜନ୍ମ ହୋଇଛି ବୋଲି ଜାଣି ପାରିଥିବା ସେହି ବ୍ୟକ୍ତି ତିନି ପ୍ରକାରର ଜୀବନ ବଞ୍ଚିପାରେ । ଗୋଟିଏ ହେଉଛି, ମତ ଉପରେ, ଗ୍ରନ୍ଥ ଉପରେ ଧ୍ୟାନ ନଦେଇ ସର୍ବସାଧାରଣ ଭାବରେ ସମସ୍ତଙ୍କ ସହିତ ମିଳିମିଶି ବଞ୍ଚିପାରେ । ଦ୍ୱିତୀୟରେ ମତ ଉପରେ ଧ୍ୟାନ ଦେଇ ନିଜ ମତ ଅନ୍ୟମାନଙ୍କ ମତ ଅପେକ୍ଷା ମୋ ମତ ମହାନ ହେବା ଉଚିତ୍ ଉଦ୍ଦେଶ୍ୟ ନେଇ, ମତ ପାଇଁ ସେବା କରି ମତପ୍ରଚାର କରି ବଞ୍ଚିପାରେ । ତାପରେ ତୃତୀୟ ପ୍ରକାରରେ କିପରି ବଞ୍ଚେ ଦେଖିଲେ, ମଣିଷ ନିଜର ମତରେ ଥିବା ଗ୍ରନ୍ଥ ଉପରେ ଧ୍ୟାନଦେଇ, ଗ୍ରନ୍ଥର ଜ୍ଞାନକୁ ଗ୍ରହଣକରି, ମତ ଉପରେ କିମ୍ବା ମତପ୍ରଚାର ଉପରେ ଧ୍ୟାନ ନଦେଇ ବଞ୍ଚିପାରେ । ଏହିଭଳି ଇସ୍ଲାମ ମତକୁ ଦେଖିଲେ ଅନେକ ମୁସ୍ଲିମମାନେ ମୁସ୍ଲିମ୍ ମତରେ ଜନ୍ମହୋଇ ଆମେ ମୁସ୍ଲିମ୍ ବୋଲି ଜାଣି ମଧ୍ୟ ତଟସ୍ଥ ଭାବରେ ସେମାନଙ୍କ ଜୀବନ ବଞ୍ଚିଥାନ୍ତି । ଆଉ କିଛି ମୁସ୍ଲିମମାନେ ମତଧ୍ୟାନରେ ସଂପୂର୍ଣ୍ଣ ବୁଡିଯାଇ, ସେମାନଙ୍କ ମତ ହିଁ ଅନ୍ୟସବୁ ମତ ଅପେକ୍ଷା ମହାନ କହି ମତର ପ୍ରଚାର କରି, ଅନ୍ୟ ମତରେ ଈଶ୍ୱରଙ୍କୁ ଜାଣିହୁଏ ନାହିଁ, ଆମ ମତରେ ଈଶ୍ୱରଙ୍କୁ ଜାଣିହୁଏ ବୋଲି ଉଦ୍ଦେଶ୍ୟ ରଖି, ଅନ୍ୟ ମତାବଲମ୍ବୀମାନଙ୍କୁ ଆମ ମତକୁ ଚାଲିଆସ, ଏହା ସବୁଠାରୁ ଉନ୍ନତ ମତ, ଏହି ମତର ଈଶ୍ୱର ସବୁଠାରୁ ମହାନ ଇତ୍ୟାଦି କହି

ପ୍ରଚାରରେ ଲାଗିଯାଆନ୍ତି । ଏହିଭଳି ତିନି ପ୍ରକାରର ଉଦ୍ଦେଶ୍ୟ ନେଇ ଖାଲି ଇସ୍ଲାମ ମତରେ ନୁହେଁ ସବୁ ମତର ଲୋକମାନେ ଜୀବନ ବଞ୍ଚିଥାନ୍ତି ।

ପ୍ରତି ମତରେ ଏହିଭଳି ରହୁଥିବା ଲୋକମାନଙ୍କ ଉଦ୍ଦେଶ୍ୟର ବ୍ୟତିରେକ ହୋଇ ମଧ୍ୟ ଆଉ କିଛିଲୋକ ଜୀବନ ବଞ୍ଚିଥାନ୍ତି, ସେମାନେ ସେମାନଙ୍କ ମତରେ ରହି କିଛି ଲାଭ ନାହିଁ, ଏ ମତରେ ରହିଲେ ନିଶ୍ଚୟ ଦୁଃଖ କଷ୍ଟ ସ୍ୱୀକାର କରିବାକୁ ହୁଏ, ଏ ମତ ଛାଡି ଅନ୍ୟ ମତକୁ ଚାଲିଗଲେ ସେ ମତରେ ଈଶ୍ୱର ସୁଖ ଦିଅନ୍ତି, ଦୁଃଖ ଚାଲିଯାଏ, ଚାକିରି ମିଳିଯାଏ ଇତ୍ୟାଦି ଅନେକ ପ୍ରକାରର ଆଶାବଶ ହୋଇ ନିଜର ମତକୁ ଛାଡି ଅନ୍ୟ ମତକୁ ଚାଲିଯାଆନ୍ତି । କିଛିଲୋକ ଏହିଭଳି ପ୍ରଲୋଭର ବଶବର୍ତ୍ତୀ ହୋଇ ଅନ୍ୟ ମତକୁ ଚାଲିଯାଉଥିବା ସ୍ଥଳେ, ଆଉ କିଛିଲୋକ ପ୍ରଲୋଭର ବଶବର୍ତ୍ତୀ ନହୋଇ, ଥିବା ମତର ଆରାଧ୍ୟ ଅପେକ୍ଷା ଇତର ମତର ଆରାଧ୍ୟ ମହାନ ନଚେତ ଏ ମତର ଜ୍ଞାନ ଅପେକ୍ଷା ସେ ମତର ଜ୍ଞାନ ମହାନ ତେଣୁ ସେ ମତରେ ଈଶ୍ୱରଙ୍କ ଜ୍ଞାନ ଜାଣିହେବ ଭାବନା ନେଇ ଈଶ୍ୱରଙ୍କ ପାଇଁ ମତ ପରିବର୍ତ୍ତନ କରିଥାନ୍ତି । ଏହିଭଳି ଲୋକମାନେ ଈଶ୍ୱରଙ୍କ ଜ୍ଞାନ ଉପରେ ଥିବା ଶ୍ରଦ୍ଧାରେ ମତ ପରିବର୍ତ୍ତନ କଲେ ମଧ୍ୟ, ଜ୍ଞାନ ଜାଣି ନଥିବା, ଶ୍ରଦ୍ଧା ନଥିବା ଲୋକମାନେ ସୁଖ ପାଇଁ, ଲାଭ ପାଇଁ ମତ ପରିବର୍ତ୍ତନ କଲେ ମଧ୍ୟ ଉଭୟ ଭୁଲ୍ କରିଥାନ୍ତି । ଈଶ୍ୱରଙ୍କ ପାଇଁ ଯେଉଁମାନେ ମତ ପରିବର୍ତ୍ତନ କରିଥାନ୍ତି ସେମାନେ ଦୈବଦ୍ରୋହ କରିଥିବା ସ୍ଥଳେ, ଭୌତିକ ସୁଖପାଇଁ ମତ ପରିବର୍ତ୍ତନ କରିଥିବା ଲୋକମାନେ ମହାପାପ ଅର୍ଜନ କରିଥାନ୍ତି । ଏହିଭଳି ସେମାନେ ଅଲଗା ଅଲଗା ଉଦ୍ଦେଶ୍ୟରେ ମତ ପରିବର୍ତ୍ତନ କରିବା ଦ୍ୱାରା ଈଶ୍ୱରଙ୍କୁ ଅବମାନନା କରିବା ଭଳି ହୋଇଥାଏ । ଈଶ୍ୱରଙ୍କ ଆଜ୍ଞାକୁ ପ୍ରତ୍ୟାଖ୍ୟାନ କରି ତୁ କି ଈଶ୍ୱର ! କହିବା ଭଳି ହୋଇଥାଏ । ସୁଖ ପାଇଁ ମତ ପରିବର୍ତ୍ତନ କରିଥିବା ଲୋକ ଈଶ୍ୱରଙ୍କୁ ଅସମ୍ମାନ କରିବା ଭଳି କରିବା ଦ୍ୱାରା ତାର ପାପ ହେଉଥିବା ସ୍ଥଳେ, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଯିଏ

ମତ ବଦଳାଇଥାଏ ସେ ଈଶ୍ୱରଙ୍କ ଆଜ୍ଞାକୁ ସଂପୂର୍ଣ୍ଣ ଧିକ୍କାର କରିବା ଭଳି ହୋଇଥାଏ । ନଜାଣି ଅସମ୍ମାନ କରିବା ଅପେକ୍ଷା ଜାଣି ଧିକ୍କାର କରିବା ବଡ ଭୁଲ୍ ହୋଇଥାଏ । ତେଣୁ ତାହା ପାପ ଅପେକ୍ଷା ବଡ ହୋଇ ଈଶ୍ୱରଙ୍କ ସହିତ ଦ୍ରୋହ କରିବା ଭଳି ହୋଇଥାଏ । ହେଲେ ମତ ପରିବର୍ତ୍ତନ କରିବାରେ ଏତେକଥା ଅଛି ବୋଲି ଯେଉଁମାନେ ଜାଣି ନଥାନ୍ତି ସେମାନେ ନିର୍ଭୟରେ ମତ ପରିବର୍ତ୍ତନ କରିଥାନ୍ତି ।

ଈଶ୍ୱର ଜଣେ ମଣିଷକୁ ଗୋଟିଏ ମତରେ ଜନ୍ମ କରାଇ, ସେହି ମତରେ ତାକୁ ଏକ ଗ୍ରନ୍ଥ ଯୋଗାଇ ଦେଇଥିବା ବେଳେ, କୌଣସି ମତର ମଣିଷ ସେହି ମତରେ ରହି ଈଶ୍ୱରଙ୍କୁ, ଈଶ୍ୱରଙ୍କ ଜ୍ଞାନକୁ ଜାଣିବାକୁ ସୁଯୋଗ ଥିବାବେଳେ, ଈଶ୍ୱର ଦେଇଥିବା ଜିନିଷକୁ ପ୍ରତ୍ୟାଖ୍ୟାନ କରି କେବଳ ଭୌତିକ ସୁଖପାଇଁ ମତ ପରିବର୍ତ୍ତନ କରିବା, ଈଶ୍ୱର କରିଥିବା କାର୍ଯ୍ୟକୁ ଅସମ୍ମାନ କରିବା ଭଳି କଣ ହୁଏ ନାହିଁ ! ମଣିଷର ମଙ୍ଗଳ କରିବା ପାଇଁ ଈଶ୍ୱର ତାକୁ ଜନ୍ମ କରାଇଥିବା ମତରେ ଛୋଟ ହେଉ କି ବଡ ହେଉ ଜ୍ଞାନଗ୍ରନ୍ଥ ଦେଇଛନ୍ତି, ସେଗୁଡିକ ଛୋଟ ହେଉ କି ବଡ ହେଉ ଗୋଟିଏ ଜାତିର ହୋଇଥିବାରୁ ତାଙ୍କ ଜ୍ଞାନ ଯେଉଁ ମତରେ ଥିଲେ ମଧ୍ୟ ସେ ମତର ଗ୍ରନ୍ଥରୁ ସମାନ ଭାବରେ ମିଳିଥାଏ । ଏହିଭଳି ସୁବର୍ଣ୍ଣ ସୁଯୋଗକୁ ଛାଡି, କେବଳ ଭୌତିକ ସୁଖ ପାଇଁ, ଲାଭ ପାଇଁ ମତ ପରିବର୍ତ୍ତନ କରିବା, ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ଅବମାନନା କରି ବ୍ୟତିରେକ ହୋଇ ଚାଲିବା ଭଳି ହୋଇଥାଏ । ତେଣୁ ଥିବା ମତକୁ ଛାଡି ଅନ୍ୟ କୌଣସି ମତକୁ ଗଲେ ମଧ୍ୟ, ସେ ମତରେ ଏକ ଦୈବଗ୍ରନ୍ଥ ଥିଲେ ମଧ୍ୟ, ତାକୁ ସେ ଆଦର କଲେ ମଧ୍ୟ ପାପରୁ ବଞ୍ଚିତ ହୋଇପାରିବ ନାହିଁ । ତାଛଡା ଈଶ୍ୱରଙ୍କ ପାଇଁ, ଜ୍ଞାନ ପାଇଁ ମତ ପରିବର୍ତ୍ତନ କରିବା ଦ୍ୱାରା, ତାର ଉଦ୍ଦେଶ୍ୟ, ଶ୍ରଦ୍ଧା ଭଲ ହୋଇଥିଲେ ମଧ୍ୟ ସେ ଆଗରୁ ଥିବା ମତର ଦୈବଗ୍ରନ୍ଥକୁ ପ୍ରତ୍ୟାଖ୍ୟାନ କରିଥିବାରୁ, ସେ ଗ୍ରନ୍ଥରେ ଜ୍ଞାନ ନାହିଁ ବୋଲି ଭାବିଥିବାରୁ, ତାପରେ ସେ ଆସି ଅନ୍ୟମତର

ଗ୍ରନ୍ଥକୁ, ଜ୍ଞାନକୁ ଆଦର କଲେ ମଧ୍ୟ ଈଶ୍ୱରଙ୍କ ଜ୍ଞାନକୁ ଧିକ୍କାର କରିବା ଭଳି ହୋଇଥାଏ । ଉଦାହରଣ ସ୍ୱରୂପ କୋରାନ ଗ୍ରନ୍ଥ ଥିବା ଇସ୍ଲାମ ମତକୁ ଛାଡି ଭଗବଦ୍ଗୀତା ଥିବା ହିନ୍ଦୁମତକୁ ଆଶ୍ରୟ କରିଥିଲେ ମଧ୍ୟ, ସେହିଭଳି ଭଗବଦ୍ଗୀତା ଥିବା ହିନ୍ଦୁମତକୁ ଛାଡି କୋରାନ ଥିବା ଇସ୍ଲାମ ମତକୁ ଆଶ୍ରୟ କରିଥିଲେ ମଧ୍ୟ ସେ ପ୍ରଥମ ଗ୍ରନ୍ଥକୁ ଧିକ୍କାର କରିବା ଭଳି ହୋଇଥାଏ ॥ ଗୋଟିଏ ମତରେ ରହି ସେହି ମତର ଗ୍ରନ୍ଥରେ ଥିବା ଜ୍ଞାନକୁ ଯେତେବେଳେ ଗ୍ରହଣ କରିପାରୁ ନାହିଁ ସେତେବେଳେ ଆଉ ଗୋଟିଏ ମତକୁ ଦୌଡିଯାଇ ଜ୍ଞାନ ଜାଣିବି ବୋଲି ଭାବିଲେ ମଧ୍ୟ ସେ ମତରେ ଥିବା ଗ୍ରନ୍ଥର ଜ୍ଞାନକୁ ଜାଣିପାରିବ ନାହିଁ, ତାହା ତାକୁ ବୁଝାପଡିବ ନାହିଁ । ଯେଉଁ ଦିଗରୁ ଦେଖିଲେ ମଧ୍ୟ ମତ ପରିବର୍ତ୍ତନ କରିବା ଗୋଟି ଦିଗରେ ଦୈବଦ୍ରୋହ ହୋଇଥିବା ସ୍ଥଳେ ଆଉଏକ ଦିଗରେ ମହାପାପ ହୋଇଥାଏ । ମତ ପରିବର୍ତ୍ତନ କରିବା ଉଚିତ୍ ନୁହେଁ ବୋଲି ମୁଁ କହୁଥିବା ଭଳି କୋରାନ ଗ୍ରନ୍ଥରେ ମଧ୍ୟ ଈଶ୍ୱର କହିଛନ୍ତି । ୫ମ ସୁରାର ୪୮ତମ ଆୟତରେ **"ଆମେ ତୁମ୍ଭ ପ୍ରତି ଏହି ଗ୍ରନ୍ଥକୁ ସତ୍ୟ ସମ୍ବଳିତ କରି ଅବତୀର୍ଣ୍ଣ କରିଅଛୁ ଯାହା ପୂର୍ବବର୍ତ୍ତୀ ଗ୍ରନ୍ଥର ପ୍ରତିପାଦକ ଓ ସଂରକ୍ଷକ ଅଟେ; ସୁତରାଂ ଅଲ୍ଲାଃ ଯାହା ଅବତୀର୍ଣ୍ଣ କରିଛନ୍ତି ତଦନୁସାରେ ସେମାନଙ୍କ ସହ ମିମାଂସା କର; ଏବଂ ତୁମ୍ଭ ନିକଟକୁ ଯେଉଁ ସତ୍ୟ ଆସିଅଛି, ତାହାକୁ ପରିତ୍ୟାଗ କରି ସେମାନଙ୍କ ଅଭିଳାଷକୁ ଅନୁସରଣ କର ନାହିଁ, ..."** ବୋଲି ଲେଖାଯାଇଛି । ଏହାର ଅର୍ଥ ହେଉଛି ଅନ୍ୟମାନଙ୍କ କଥା ଶୁଣି ତୋତେ ଦିଆଯାଇଥିବା ସତ୍ୟ ଜ୍ଞାନକୁ ଛାଡି ସେମାନଙ୍କ ଅଭିଳାଷ ଅନୁସାରେ ଯାଆ ନାହିଁ । ଅର୍ଥାତ୍ ଅନ୍ୟମାନେ କହିବା କଥା ଶୁଣି ତୁ ତୋର ମତ ପରିବର୍ତ୍ତନ କର୍ ନାହିଁ । ଅନ୍ତିମ ଦୈବଗ୍ରନ୍ଥ କୋରାନରେ ଈଶ୍ୱର (ଅଲ୍ଲାଃ) ମତ ପରିବର୍ତ୍ତନକୁ କିପରି ବିରୋଧ କରିଛନ୍ତି ଆପଣମାନେ ନିଶ୍ଚୟ ବୁଝିପାରିଥିବେ ବୋଲି ଭାବୁଛି ।

ସବୁ ମତର ଜ୍ଞାନ ଅପେକ୍ଷା ଆମ ମତର ଜ୍ଞାନ ହିଁ ମହାନ ବୋଲି ଭାବୁଥାଇ, ଅନ୍ୟ କୌଣସି ମତକୁ ନଯାଇ, ଈଶ୍ୱର ଜନ୍ମଦେଇଥିବା ମତରେ ହିଁ ରହି, ଗ୍ରନ୍ଥର ଜ୍ଞାନକୁ ଯେଉଁମାନେ ଶ୍ରଦ୍ଧା ସହକାରେ ପଢିଥାନ୍ତି, ସେହି ଜ୍ଞାନ ଦ୍ୱାରା ଈଶ୍ୱରଙ୍କୁ କ୍ରମାନ୍ୱୟରେ ଜାଣୁଥାଇ, ଅନ୍ୟ ମତାବଲମ୍ବୀ ମାନଙ୍କୁ ନିନ୍ଦା ନକରି, ଯାହା ମତ ଯାହାର ଭାବି ଆମେ ଅତି ସୁନ୍ଦର ଜୀବନ ବଞ୍ଚୁଛୁ ବୋଲି ଯେଉଁମାନେ ଭାବନ୍ତି ସେହି ଲୋକମାନଙ୍କ ବିଷୟରେ ଈଶ୍ୱର କ'ଣ କୁହନ୍ତିନା ! ଗୋଟିଏ ମତରେ ରହି ସେହି ମତର ଗ୍ରନ୍ଥକୁ ଦେଖି, ସେଥିରୁ ଜ୍ଞାନ ଜାଣିବା ଭଲ ହୋଇଥିଲେ ମଧ୍ୟ, ତୁ ମୋର ସ୍ୱରୂପକୁ ଜାଣି ପାରିବୁ ସିନା, ସ୍ୱରୂପର ସୁନ୍ଦରତାକୁ ଜାଣି ପାରିବୁ ନାହିଁ । ଆକୃତି ଦେଖାଯାଇ, ସୁନ୍ଦରତା ଦେଖା ନଗଲେ ଦେଖିବାରେ ସଂପୂର୍ଣ୍ଣ ତୃପ୍ତି ମିଳିନଥାଏ । ସେମିତି ଗୋଟିଏ ଗ୍ରନ୍ଥକୁ ଆଶ୍ରୟକରି ଜ୍ଞାନ ଜାଣିଲେ ମଧ୍ୟ, ସେ ଜାଣିବାରେ କିଛି ଅସନ୍ତୃପ୍ତି ରହିଯାଇଥାଏ । ସଂପୂର୍ଣ୍ଣ ତୃପ୍ତି ପାଇବାକୁ ହେଲେ, ଈଶ୍ୱରଙ୍କଠାରେ ଅତି ଶିଘ୍ର ପହଞ୍ଚିବାକୁ ହେଲେ, ସେ କହିଥିବା ତିନି ଗ୍ରନ୍ଥର ସାରାଂଶ ଜାଣିବା ଉଚିତ୍ । ଗୋଟିଏ ଦୈବଗ୍ରନ୍ଥ ପଢିଦେଲେ ମଧ୍ୟ ଈଶ୍ୱର ଜଣାପଡିବେ, ହେଲେ ଜ୍ଞାନରେ ସନ୍ଦେହ ରହିଯାଇପାରେ । ଜ୍ଞାନରେ ସନ୍ଦେହ ନ ଆସିବା ପାଇଁ ଈଶ୍ୱର ଆମକୁ ଏକ ଉପଦେଶ ମଧ୍ୟ ଦେଇଛନ୍ତି । ପ୍ରଥମ ଦୈବଗ୍ରନ୍ଥରେ ଜ୍ୟୋତି ଅଛି, ତାହା ତୌରାତ୍ ଗ୍ରନ୍ଥ, ସେହି ତୌରାତ୍ ଗ୍ରନ୍ଥକୁ ଆଧାର କରି ଆମ ଆଜ୍ଞାବହ ନବୀମାନେ ତଥା ପ୍ରଭୁଭକ୍ତ (ବିଶ୍ୱାସକାରୀ) ଓ ବିଦ୍ୱାନମାନେ (ଧର୍ମବେତ୍ତାମାନେ) ଇହୁଦୀମାନଙ୍କ ସମସ୍ୟାର ସମାଧାନ କରୁଥିଲେ ବୋଲି କୋରାନ ଗ୍ରନ୍ଥର ୫ମ ସୁରାରେ ଥିବା ୪୪ତମ ଆୟତରେ ରହିଛି । ତେଣୁ ଯେଉଁମାନେ ଅନ୍ତିମ ଦୈବଗ୍ରନ୍ଥ ପାଇଛନ୍ତି ସେମାନେ ଆଗରୁ ଆସିଥିବା ଗ୍ରନ୍ଥଗୁଡିକୁ ନିନ୍ଦା, ଘୃଣା କରିପାରନ୍ତି, କିନ୍ତୁ ତା ନକରି ତୁମେ ଆଗରୁ ଆସିଥିବା ପ୍ରଥମ ଦୈବଗ୍ରନ୍ଥକୁ, ଦ୍ୱିତୀୟ ଦୈବଗ୍ରନ୍ଥକୁ ଯେଉଁଦିନ ଜାଣିପାରିବ ସେଦିନ ତୁମ ଧର୍ମରେ ତୁମେ ଥିବା ଭଳି ହେବ, ନଚେତ ତୁମେ ତୁମ ଧର୍ମରେ ନଥିବା ଭଳି ହେବ ବୋଲି ସ୍ୱୟଂ ଈଶ୍ୱର କହିଛନ୍ତି ।

ଏହି ବିଷୟ କୋରାନ ଗ୍ରନ୍ଥର ୫ମ ସୁରାରେ ଥିବା ୬୮ତମ ଆୟତରେ ସ୍ୱୟଂ ଈଶ୍ୱର (ଅଲ୍ଲାଃ) କହିବାକୁ ଯାଇ- **"ହେ ଗ୍ରନ୍ଥଧାରୀମାନେ ! ଯେ ପର୍ଯ୍ୟନ୍ତ ତୁମେମାନେ ତୌରାତ୍ ଓ ଇଞ୍ଜିଲକୁ ଏବଂ ଯାହାକିଛି ତୁମମାନଙ୍କ ପାଳନକର୍ତ୍ତାଙ୍କଠାରୁ ତୁମମାନଙ୍କ ନିକଟରେ ଅବତୀର୍ଣ୍ଣ ହୋଇଛି ତାହାକୁ ପ୍ରକାଶ ନକରିବ ସେ ପର୍ଯ୍ୟନ୍ତ ତୁମେମାନେ କୌଣସି (ଧର୍ମ, ଉତ୍ତମ) ବିଷୟ ଉପରେ ରହିବ ନାହିଁ;.."** ବୋଲି କହିଛନ୍ତି । ଏକଥା ସ୍ୱତନ୍ତ୍ର ଭାବରେ ମୁସ୍ଲିମମାନଙ୍କୁ କୁହାଯାଇଥିବା କଥା ହୋଇଥିଲେ ମଧ୍ୟ, ହିନ୍ଦୁମାନେ, ଖ୍ରୀଷ୍ଟିଆନମାନେ ମଧ୍ୟ ଏହି ବାକ୍ୟକୁ ଈଶ୍ୱର କହିଥିବା ବାକ୍ୟ ବୋଲି ମାନି ନିଜ ନିଜ ଗ୍ରନ୍ଥ ସହିତ ଅନ୍ୟମାନଙ୍କ ଗ୍ରନ୍ଥର ଜ୍ଞାନକୁ ଗ୍ରହଣ କରିପାରିଲେ ବହୁତ ଭଲ ହେବ ବୋଲି ମୁଁ ଭାବୁଛି ।

ତେଣୁ ପ୍ରତି ମଣିଷ ନିଜ ମତକୁ, ନିଜର ମତରେ ଥିବା ଗ୍ରନ୍ଥକୁ ଯେପରି ସମ୍ମାନ ଦେଉଛନ୍ତି ସେହିପରି ଅନ୍ୟ ମତାବଲମ୍ବୀମାନଙ୍କ ଗ୍ରନ୍ଥକୁ ମଧ୍ୟ ସେହିପରି ଜଣେ ଈଶ୍ୱର ଦେଇଛନ୍ତି ଭାବି ସମ୍ମାନ ଦେବା, ସେଗୁଡିକରେ ଈଶ୍ୱର ମୋ ପାଇଁ କେଉଁ ସନ୍ଦେଶ ରଖିଛନ୍ତି ବୋଲି ଆଦରରେ ପଢିବା ଦିନ ମଣିଷର ମତ ଉପରେ ଥିବା ଅନ୍ଧବିଶ୍ୱାସ ଦୂର ହୋଇପାରିବ, ତଦ୍ଦ୍ୱାରା ମତ ମତ ଭିତରେ ସ୍ନେହସୌହାର୍ଦ୍ଦ୍ୟ ବଢିପାରିବ, ସତ କହିଲେ ମତ ହିଁ ନ ରହିବା ଭଳି ହେବ, ମତ ପରିବର୍ତ୍ତନ କରିବାକୁ ପଡିବ ନାହିଁ । ପରମତରେ ଥିବା ଜ୍ଞାନ, ଧର୍ମ ମଧ୍ୟ ନିଜ ମତରେ ଅଛି ବୋଲି ମଣିଷ ଜାଣିପାରିବା ଦିନ ଯେଉଁ ମତର ମଣିଷ ସେହି ମତରେ ରହିପାରିବ । **ମତକୁ ନିଖୋଜ କରି ଦେହକୁ ରଥ ଭାବରେ ବଦଳାଇ ପାରିଲେ, ମଣିଷ ଖୁବ୍ ଶୀଘ୍ର ମୋକ୍ଷରେ ପହଞ୍ଚି ପାରିବ ।**

**ସମାପ୍ତ**

# ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ !!

## ଯିଏ ଭଗବଦ୍ଗୀତା ପଢ଼ି ନାହିଁ ସେ ହିନ୍ଦୁ ରକ୍ଷକ ?

## ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କର ଅବରୋଧ ନହେବେ ସେଥିଲାଗି ଅନ୍ୟକୁଳଗୁଡିକୁ ଅଛୁତଜାତି କରିଦେଇ, ହିନ୍ଦୁଧର୍ମପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସମ୍ପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତା ଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, **ଭଗବଦ୍ଗୀତାର**

**ପୁରୁଷୋତ୍ତମପ୍ରାପ୍ତି ଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ମଧ୍ୟ କରୁଛନ୍ତି, ତଦ୍ୱାରା ଆଜିଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି** । ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନ ବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେ ନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁ ମାନଙ୍କର ନୁହେଁ, ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନ ମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚ୍ଚର କରିବା ଆରମ୍ଭ କଲେଣି । ତାଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଳିହୋଇ, ଆମ ଜ୍ଞାନ ପ୍ରଚ୍ଚର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମାନଙ୍କ କଥା ଶୁଣୁଥିବା ଇତର କୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚ୍ଚର କରୁଛନ୍ତି ବୋଲି କହୁଛନ୍ତି । ତାଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚ୍ଚରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ **(ଇନ୍ଦୁ) ଜ୍ଞାନ ବେଦିକା** ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହି

ଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ - ଏପର୍ଯ୍ୟନ୍ତ ହିନ୍ଦୁମାନେ କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି ହିନ୍ଦୁ ଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?**

**ସେମାନଙ୍କ ସମାଧାନ -** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମୀଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ ଏମିତି କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମପ୍ରଶ୍ନ -ଆମେ ଖ୍ରୀଷ୍ଟିଆନ ! ଭଗବଦ୍ଗୀତା କାହିଁକି ପ୍ରଚାରକରୁଛୁ ?**

**ସେମାନଙ୍କ ସମାଧାନ** - ଆପଣମାନେ ତ୍ରୈତ ସିଦ୍ଧାନ୍ତ ନାମକ ଭଗବଦ୍ଗୀତା ପ୍ରଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ - ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚାର ଖ୍ରୀଷ୍ଟଧର୍ମ ଏବଂ ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚାର କରିବେ ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚାର କରିବେ ? ଏମିତି ଆଯିଯାଏଁ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚାର କରିବେ ସିନା, ଅନ୍ୟ ଧର୍ମର ପ୍ରଚାର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା**

**ଖୋଲି ଦେଖିଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଳୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?**

**ସେମାନଙ୍କ ସମାଧାନ** – ବାଇବେଲ ବାକ୍ୟ ନ ଥିଲେ କଣହେଲା ତ୍ରୈତ ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରିତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ – ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦି-ଶଙ୍କରାଚାର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?**

**ସେମାନଙ୍କ ସମାଧାନ** – ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯଜ୍ଞ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କଣ ତାହା ଅଛି !

**ଆମ ପ୍ରଶ୍ନ – ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୂର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆଁରେ ଭଗବଦ୍ଗୀତା ଗୋଟିଏ ! ତମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ ଯିଏ ଯାହାର ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତାର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ**

**ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ । ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ । ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା କାହିଁକି ଆପଣ ନିଜକୁ ସ୍ୱଚ୍ଛ ହିନ୍ଦୁ କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।**

**ସେମାନଙ୍କ ସମାଧାନ-** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ - ମୁର୍ଖଙ୍କ ଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଚ୍ଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମ କଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ଭଗବାନ କଣ କହିଛନ୍ତି ଆପଣ ହିଁ କହନ୍ତୁ ।**

**ସେମାନଙ୍କ ସମାଧାନ** - ଆମେ ଏପର୍ଯ୍ୟନ୍ତ ଭଗବଦ୍ଗୀତା କେବେ ପଢିନାହୁଁ, ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସମ୍ପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ - ଅତି କମରେ ଭଗବଦ୍ଗୀତା ପଢିନଥିବା ଆପଣମାନେ ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢି ଆମଛଡା ପୂଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।**

**ସେମାନଙ୍କ ସମାଧାନ** - ଆମ ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ

ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କଣ ଭୁଲ ନୁହେଁ ?

**ଆମ କଥା – ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁ ଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରାବିଶ୍ୱର ଦୈବ ବା ଈଶ୍ୱର ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା ଦେବତାମାନେ ନାହାନ୍ତି ବୋଲି ତ କହୁନାହୁଁ ! ଦେବତା ମାନଙ୍କର ଜଣେ ଅଧିପତି ଅଛି ସେ ହିଁ ଦେବାଧିଦୈବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କରନ୍ତୁ ବୋଲି କହିଛୁ ।**

**ସେମାନଙ୍କ କଥା –** ଆପଣ ରାମଙ୍କ ନାଆଁ କହୁ ନାହାନ୍ତି, ଶିବଙ୍କ ନାଆଁ କହୁ ନାହାନ୍ତି ଗଣେଶଙ୍କ କଥା ମଧ୍ୟ କହୁ ନାହାନ୍ତି, କୌଣସି ହିନ୍ଦୁ ଦେବତାଙ୍କ ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ – ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି ମଧ୍ୟ କହିପାରିବେ ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?**

**ସେମାନଙ୍କ ସମାଧାନ –** ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ

ମଧ୍ୟ ନ କହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ର ଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା –** ଆମେ ଗୋଟିଏ ସିଧା ପ୍ରଶ୍ନ ପଚାରୁଛୁ ତାର ସମାଧାନ କରନ୍ତୁ ତ ! ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ 'ନରଶିଂହ ସ୍ୱାମୀ' ମାରିଥିଲେ ବୋଲି ଲେଖିଛନ୍ତି । ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ 'ନରଶିଂହ' ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ 'ନରସିଂହ' ଲେଖାଯିବା ଉଚିତ୍ ବୋଲି ଆମେ କହୁଛୁ । ଜଙ୍ଗଲର ରାଜା 'ସିଂହ' କୁହାଯାଏ ସିନା 'ଶିଂହ' କୁହାଯାଏ ନାହିଁ । 'ସିଂହ'ର ଅର୍ଥ ଅଛି, ହେଲେ 'ଶିଂହ'ର କିଛି ମଧ୍ୟ ଅର୍ଥ ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି '**ଇନ୍ଦୁ**'ର ଅର୍ଥ ଅଛି ସିନା '**ହିନ୍ଦୁ**'ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି 'ସଂକ୍ରାନ୍ତିକୁ' 'ସଙ୍କରାନ୍ତି' କହିବା ଭଳି ଇନ୍ଦୁ ଶବ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶବ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି

ଆମେ କାହାକୁ ଅମୁକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । **ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ, ଆପଣ କୌଣସି ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ଲକ୍ଷେ ଟଙ୍କା ଦେବାକୁ ହେବ ।** ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

**ଇନ୍ଦୁ ଜ୍ଞାନ ବେଦିକା**

## ଇତିହାସରେ ଘଟିଥିବା ଅନ୍ୟାୟ ହିନ୍ଦୁମାନଙ୍କ ଭିତରେ ଘଟୁଥିବା ଯଥାର୍ଥ ।

ଚାରିଶହ ବର୍ଷ ତଳେ ଆଧ୍ୟାତ୍ମିକ ରଙ୍ଗରେ ଜାଜୁଲ୍ୟମାନ ହୀରକ ହେଉଛନ୍ତି **ଯୋଗୀବେମନ** । ଆଧ୍ୟାତ୍ମିକ କ୍ଷୀରରୁ ଦୈବଜ୍ଞାନ ନାମକ ନବନୀତକୁ କାଢି ଆମକୁ ଦେଇଛନ୍ତି ସେ । ବେମନ ତାଙ୍କ ପଦ୍ୟାବଳୀରେ କହିଥିବା ଗୋଟିଏ ଗୋଟିଏ ଜ୍ଞାନ ବିଷୟକୁ ବିପୁଳ ଭାବରେ ଲେଖିଲେ ତାହା ଗୋଟିଏ ଗୋଟିଏ ଗ୍ରନ୍ଥ ହୋଇପାରେ । ବେମନ ସ୍ୱଚ୍ଛ ତେଲୁଗୁ ଭାଷାରେ ପଦ୍ୟ ଲେଖି, ତାହାର ବ୍ୟାଖ୍ୟା କହିଛନ୍ତି, ସେ ସଂସ୍କୃତର ପାଖ ମାଡିନାହାନ୍ତି । ଗୋଟିଏ ଦିଗରେ ପଦ୍ୟ ଲେଖି କବି ଦେଖାଗଲେ ହେଁ ଅନ୍ୟ ଦିଗରେ ଜଣେ ମହାନ ଆଧ୍ୟାତ୍ମିକବେତ୍ତା ହେଉଛନ୍ତି ଯୋଗୀ ବେମନ, ସେ ରେଡ୍ଡି କୁଳରେ ଜନ୍ମ ହୋଇଥିଲେ । ଇତିହାସରେ ଆମଠାରୁ ଆଉ କେହି ଅଧିକ ପ୍ରଶଂସିତ ନ ହୁଅନ୍ତୁ ବୋଲି ଭାବୁଥିବା ଅଗ୍ରକୁଳର କିଛି ଲୋକମାନେ ଯୋଗୀ ବେମନଙ୍କୁ ଜଣେ ପାଗଳ କହି, ସେ ଯାହା କହୁଛନ୍ତି ତାହା ଅଜ୍ଞାନ ବୋଲି ପ୍ରଜାଗହଣରେ ପ୍ରଚାର କରିଥିଲେ । ପାଗଳ ଲୋକଙ୍କ କଥା ପାଗଳମାନେ ହିଁ ଶୁଣନ୍ତି ବୋଲି ଅତି ଅବହେଳିତ

ଚକ୍ଷୁରେ ଦେଖିଥିଲେ । ଅନେକ କୁଳରେ ବିଭାଜନ ହୋଇ ରହିଥିବା ହିନ୍ଦୁମାନଙ୍କୁ ଜ୍ଞାନବିଷୟ ଜଣା ନଥିବାରୁ, ଅଗ୍ରକୁଳର ଲୋକେ ବେମନଙ୍କୁ ପାଗଳ କହିଦେଇଥିବାରୁ, ବେମନଙ୍କ ଜ୍ଞାନ ବାହ୍ୟ ଦୁନିଆରେ ପ୍ରକାଶିତ ହୋଇପାରି ନଥିଲା, ସେମାନେ ଅଗ୍ରକୁଳର, ଅନ୍ୟମାନେ ନୀଚ କୁଳର ବୋଲି ବିଭାଜନ କରି, ଆମେ ଯାହା କହୁଛୁ ତାହା ଶୁଣିବା ଉଚିତ୍, ଆମ କଥା ଶୁଣିଲେ ହିଁ ତୁମମାନଙ୍କର ମଙ୍ଗଳ ହେବ, ସୁଖରେ ଜୀବନ ଯାପନ କରିପାରିବ ବୋଲି ଅଗ୍ରକୁଳର ଲୋକମାନେ ପ୍ରଚାର କରିଥିଲେ, ଏଭଳି ସେମାନେ ନିଜକୁ ନିଜେ ମହାନ ବୋଲାଇବା ଛଡା ହିନ୍ଦୁଘରେ ହେଉଥିବା ଭଲମନ୍ଦ କାର୍ଯ୍ୟରେ, ଜନ୍ମ, ମରଣ, ବିବାହାଦି ପ୍ରତ୍ୟେକ କାର୍ଯ୍ୟରେ ସେମାନେ ଯାହା କହିବେ ତାହା ଶୁଣିବା ଉଚିତ୍, ସେମାନେ ନିର୍ଣ୍ଣୟ କରିଥିବା କାଳରେ ହିଁ ଆମେ ଆମ ଭଲକାର୍ଯ୍ୟ କିମ୍ବା ମନ୍ଦକାର୍ଯ୍ୟ କରିବା ଉଚିତ୍, ନଚେତ ଅମଙ୍ଗଳ ହେବ, କଷ୍ଟନଷ୍ଟ ଦେଖାଦେବ ବୋଲି ଭୟ ଦେଖାଇଥିବାରୁ, ଭୟରେ ଜ୍ଞାନ ଜାଣି ନଥିବା ଅନ୍ୟ କୁଳର ଲୋକମାନେ ସେମାନେ ଯାହା କହୁଥିଲେ ତାହା ବିଶ୍ୱାସ କରୁଥିଲେ । ଏହିଭଳି ହିନ୍ଦୁଧର୍ମରେ ଥିବା ଅଗ୍ରକୁଳର ଲୋକମାନେ ଭୟ ନାମକ ବ୍ଲାକ୍‌ମେଲ୍ କରି, ଛୋଟକୁଳର ଲୋକମାନଙ୍କୁ ସେମାନଙ୍କ କଥା ଶୁଣିବା ଭଳି କରି ଦେଇଥିଲେ, ସେଦିନଠାରୁ ସେମାନେ ହିନ୍ଦୁ ସମାଜକୁ ଠକିବା ଆରମ୍ଭ କରି, ହିନ୍ଦୁ ଜ୍ଞାନ କାହାକୁ ଜାଣିବାକୁ ନଦେଇ, ହିନ୍ଦୁ ସମାଜକୁ ନାନା ନାମରେ ଲୁଟିନେଇ ନିଜେ ବଞ୍ଚିବା ଛଡା, ଅନ୍ୟ କୁଳରେ କେହି ଜ୍ଞାନୀ ଜନ୍ମହେଲେ ତାକୁ ଅବହେଳିତ ଚକ୍ଷୁରେ ଦେଖିବା, ଅଜ୍ଞାନୀ ଭାବରେ ବର୍ଣ୍ଣନା କରିବା କାର୍ଯ୍ୟ କରୁଥିଲେ ।

ଇତିହାସରେ ଚାରିଶହ ବର୍ଷ ତଳେ ଆସିଥିବା ଯୋଗୀ ବେମନଙ୍କୁ ପାଗଳ ଭାବେ ବର୍ଣ୍ଣନା କରି, ତାଙ୍କୁ କୌଣସି ଶାସ୍ତ୍ର ଜଣା ନଥିବା ବ୍ୟକ୍ତି ବୋଲି କହିଥିଲେ । ତାପରେ ତିନିଶହ ପଚାଶ ବର୍ଷ ତଳେ ଆସିଥିବା **ପୋତୁଲୁରି ବୀରବ୍ରହ୍ମ** ମହାଶୟ ଜଣେ ମହାନ ଜ୍ଞାନୀ ହୋଇ,

ଭବିଷ୍ୟତ କାଳରେ ଘଟିବାକୁ ଥିବା ଘଟଣାକୁ ଆଗୁଆ ଜଣାଇ ମହାନ କାଳଜ୍ଞାନ ଲେଖିଥିଲେ, ସେ ସେତେବେଳେ ଯାହା ଲେଖିଥିଲେ ତାହା ଆଜି ସତ୍ୟ ସତ୍ୟ ଘଟୁଛି । ଏତେ ବଡ ବୀରବ୍ରହ୍ମ ନୀଚକୁଳର (ବଢେଇ ଜାତିର) ହୋଇଥିବାରୁ, ଅଗ୍ରକୁଳର ଲୋକମାନେ ସେ ବଞ୍ଚିଥିବା ବେଳେ, ସେମାନଙ୍କ ଗାଆଁରେ ପ୍ରବେଶ କରିବାକୁ ନଦେଇ, ତାଙ୍କ ଜ୍ଞାନ ପ୍ରଚାର ହେବାରେ ଅବରୋଧ ହୋଇଥିଲେ । ସେଦିନ କେହି ଜ୍ଞାନୀ ନହୁଅନ୍ତୁ ବୋଲି ଘୃଣା ବା ଅସୂୟା ନାମକ ଗୁଣରେ, ଆମଛଡା କେହି ସର୍ବଜ୍ଞ ନାହିଁ ବୋଲି ଏଭଳି କାର୍ଯ୍ୟମାନ କରିଥିଲେ । ହିନ୍ଦୁ ସମାଜରେ ଏଇଭଳି ଲୋକମାନେ ଥିବାଲାଗି ହିନ୍ଦୁମାନେ ନିଜଧର୍ମ ଛାଡି ଅନ୍ୟ ଧର୍ମକୁ ପଳାୟନ କରୁଛନ୍ତି । ଆମେ ହିନ୍ଦୁଧର୍ମର ମନ୍ଦିରରେ ପ୍ରବେଶକଲେ ମାରା ହୋଇଯିବ, ଆମକୁ ଛୁଇଁଲେ ଲୋକେ ଛୁଆଁ ହୋଇଯିବେ, ଆମକୁ ହାତଟେକା ପାଣି, ପ୍ରସାଦ ଦେବେ, ଆମେ ଜ୍ଞାନ ଜାଣିବାକୁ ଯୋଗ୍ୟ ନୋହୁଁ, ସେମାନେ ରାସ୍ତାରେ ଗଲାପରେ ଆମେ ଯିବୁ, ସେମାନଙ୍କ ଆଗରେ ମଥାନୋଇଁ ଚାଲିବୁ କାହିଁକି ବୋଲି ଭାବୁଥିବା ନୀଚକୁଳର ଲୋକମାନେ ଜ୍ଞାନ ଜାଣିବାକୁ, କୌଣସି ଜାତିଆଣ ଭାବ ନଥିବା ସମାଜରେ ସ୍ୱାଧିନ ଜୀବନ ବଞ୍ଚିବାକୁ ହିନ୍ଦୁଧର୍ମ ଛାଡି ଅନ୍ୟ ଧର୍ମକୁ ଚାଲିଯାଉଛନ୍ତି । ଏଭଳି ହିନ୍ଦୁଧର୍ମର ଲୋକମାନେ ଅନ୍ୟଧର୍ମକୁ ପଳାୟନ କରିବାର ସର୍ବ ପ୍ରଥମ କାରଣ ଏଇ ଅଗ୍ରକୁଳର ଲୋକମାନେ ବୋଲି ନିଃସନ୍ଦେହ ଭାବରେ ଆଜି କହିପାରିବା ।

ସେମାନଙ୍କ ଲାଗି ହିନ୍ଦୁମାନେ ଅନ୍ୟଧର୍ମକୁ ଚାଲିଯାଉଛନ୍ତି ବୋଲି ଅଗ୍ରକୁଳର ଲୋକମାନଙ୍କୁ ମଧ୍ୟ ଜଣାଅଛି, ହେଲେ ସେମାନଙ୍କ କର୍ତ୍ତୃତ୍ୱକୁ, ତ୍ରୁଟିକୁ କେହି ଜାଣି ନପାରନ୍ତୁ ଆଳରେ ଆମେ ହିନ୍ଦୁଧର୍ମକୁ ରକ୍ଷା କରୁଛୁ କହି ହିନ୍ଦୁମାନଙ୍କୁ ଭକ୍ଷଣ କରିବା କାର୍ଯ୍ୟ ଆଜି ମଧ୍ୟ କରୁଛନ୍ତି । ସେଇମାନେ ହିଁ ହିନ୍ଦୁଧର୍ମର ଭକ୍ଷକ, ନାଶକ ବୋଲି କହିବା ପାଇଁ ଅନେକ ଆଧାର ରହିଛି । ସେଗୁଡିକୁ ପରିଶୀଳନ କଲେ, ହିନ୍ଦୁଧର୍ମର ନୀଚକୁଳର ଲୋକମାନେ ଯଦି ସେଦିନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଭଗବଦ୍ଗୀତା ଜ୍ଞାନ କହୁଥିବା ଚିତ୍ରପଟ ଘରେ

ରଖିଥାନ୍ତି, ତାହା ଘରେ ରଖିବା ଉଚିତ୍ ନୁହେଁ, ତାହା ଘରେ ରହିଲେ ଘରେ ମଧ୍ୟ ଯୁଦ୍ଧ ଲାଗିଯିବ, ନାନା ଦୁଃଖକଷ୍ଟ ଆସି ପାଣ୍ଡବମାନେ ବଣରେ ବୁଲିବା ଭଳି ହେବ ବୋଲି ଆଜି ମଧ୍ୟ ସେମାନଙ୍କୁ ଅଗ୍ରକୁଳର ଲୋକମାନେ ବୋଧ କରୁଛନ୍ତି । ଏଭଳି ଚିତ୍ରପଟ (ଫଟୋ) ଘରେ ନରଖି ମନ୍ଦିରରେ ରଖିବା ଉଚିତ୍, ନଚେତ ନଦୀରେ ଭଷାଇଦେବା ଉଚିତ୍ ବୋଲି କହୁଛନ୍ତି, କରାଉଛନ୍ତି । ଭଗବଦ୍ଗୀତା ଘରେ ରଖିବା ଉଚିତ୍ ନୁହେଁ, ତାହା ପଢିବା ଉଚିତ୍ ନୁହେଁ, ପଢିଲେ ଦୁଃଖ ଯନ୍ତ୍ରଣା ଭୋଗିବାକୁ ହେବ କହି ଭଗବଦ୍ଗୀତା କାହାର ଘରେ ନ ରହିବା ଭଳି କରୁଛନ୍ତି । ଭଗବଦ୍ଗୀତା ଯୁଦ୍ଧଭୂମିରେ ଅର୍ଜୁନଙ୍କୁ ଯୁଦ୍ଧ କରିବାପାଇଁ ପ୍ରୋତ୍ସାହନ ଦେବା ନିମନ୍ତେ କୁହାଯାଇଥିଲା, ତେଣୁ ଆମେ ଅଯଥା ପଢିବା ଉଚିତ୍ ନୁହେଁ, ପଢିଲେ ଆମେ ମଧ୍ୟ ନାନା କଳିଗୋଳରେ ପଡିବା, କୋର୍ଟ କଚେରୀକୁ ଯିବା ବୋଲି କହୁଛନ୍ତି । ହିନ୍ଦୁମାନଙ୍କର ମୁଖ୍ୟ ଜିନିଷ ବେଦ, ତାହା ସବୁକୁଳର ଲୋକମାନେ ପଢିବା ଅନୁଚିତ୍, ବେଦ କେବଳ ଅଗ୍ରକୁଳର ଲୋକେ ପଢିବା ଉଚିତ୍ ବୋଲି ମଧ୍ୟ କହୁଛନ୍ତି । ଏହିଭଳି ଭଗବଦ୍ଗୀତାର ବ୍ୟତିରେକ କଥା କହୁଥିବା ଅଗ୍ରକୁଳର ଲୋକମାନେ ହିନ୍ଦୁ ଧର୍ମର ନାଶକ ନୁହନ୍ତି ତ ଆଉ କଣ ଆପଣମାନେ ଆଲୋଚନା କରନ୍ତୁ ।

ଏସବୁ ଅତୀତରେ ଘଟିଥିବା ବିଷୟ, ସେମାନେ ସେତିକିରେ ସନ୍ତୁଷ୍ଟ ନହୋଇ ଆମେ ବଡ ବୋଲି କେମିତି ଗର୍ବ କରନ୍ତି ଟିକିଏ ଦେଖନ୍ତୁ । ବେମନ, ବୀରବ୍ରହ୍ମଙ୍କ ଭଳି ଲୋକମାନଙ୍କୁ ଅଗ୍ରକୁଳର ଲୋକମାନେ ଯେତେ ଅବହେଳିତ ଦୃଷ୍ଟିରେ ଦେଖିଲେ ମଧ୍ୟ ବେମନ ରେଡ୍ଡିଙ୍କ କୁଳର ଲୋକମାନେ ବେମାରେଡ୍ଡି (ପ୍ରଚାରକ) ନାମରେ ଘୋଡା ଉପରେ ବସି, ଗାଆଁ ଗାଆଁକୁ ଆସି ପ୍ରଚାର କରିବା ଦ୍ୱାରା, ସେହିଭଳି ବୀରବ୍ରହ୍ମଙ୍କ କୁଳର (ବଢେଇ କୁଳର) ଲୋକମାନେ କାଳଜ୍ଞାନ ପ୍ରଚାର କରିବା ଦ୍ୱାରା, ବେମନ ସଂଘ, ବଢେଇ ସଂଘ ତିଆରି ହୋଇ, ବେମନ ଏବଂ ବୀରବ୍ରହ୍ମଙ୍କୁ ପ୍ରଚାର କରିବା ଦ୍ୱାରା ଅନେକ ପ୍ରଜାଙ୍କୁ ବେମନଙ୍କ ପଦ୍ୟ, ବ୍ରହ୍ମଙ୍କର କାଳଜ୍ଞାନ

କିଛି ପରିମାଣରେ ବୁଝାପଡିଥିଲା । ବେମନ ସେହି ସମୟରେ ଅଗ୍ରକୁଳର ଲୋକମାନେ କରୁଥିବା ଦୋଷଦୂର୍ବଳତାକୁ ପଦାରେ ପକାଇ ଦେଇଥିଲେ, ବୀରବ୍ରହ୍ମଙ୍କ ଜୀବନରେ ଅଗ୍ରକୁଳର ଲୋକମାନେ କିପରି ଅବରୋଧ ହେଉଥିଲେ ତାହା ମଧ୍ୟ ଲେଖିଥିଲେ ।

ବୀରବ୍ରହ୍ମ ତାଙ୍କ କାଳଜ୍ଞାନରେ **"ପ୍ରବୋଧାଶ୍ରମ ଏକ ଉନ୍ନତ ଜ୍ଞାନ ବିଶିଷ୍ଟ ଆଶ୍ରମ"** ବୋଲି ତିନିଶହ ପଚିଶ ବର୍ଷ ତଳେ ଲେଖିଥିଲେ, ତାଙ୍କ କାଳଜ୍ଞାନରେ ପ୍ରବୋଧାଶ୍ରମ ବୋଲି ନାଆଁ ରହିବା ଏଇ ପାଞ୍ଚବର୍ଷ ତଳେ ଆମେ ଜାଣି ପାରିଥିଲୁ । ତାପରେ ବୀରବ୍ରହ୍ମ ମହାଶୟ ଲେଖିଥିବା କାଳଜ୍ଞାନରେ ପ୍ରବୋଧାଶ୍ରମ ଏବଂ ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କ ବାବଦରେ ଅନେକ କିଛି ଲେଖିଥିଲେ ବୋଲି ଜାଣିପାରିଲୁ । ଏତେ ମହାନ ଜ୍ଞାନୀ, କାଳଜ୍ଞାନୀ ହୋଇଥିବା ବୀରବ୍ରହ୍ମ ପ୍ରବୋଧାଶ୍ରର ଅଧିପତି ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କ ମହାନତା କହିବାକୁ ଯାଇ, **"ପ୍ରବୋଧାଶ୍ରମର ଅଧିପତିଙ୍କ ଠାରେ ଶୟନାଧିପତିଙ୍କ ଗୁଣସବୁ ରହିଛି । ଶୟନାଧିପତି ହିଁ ଆନନ୍ଦଗୁରୁ, ସେହି ଆନନ୍ଦ ଗୁରୁ ହିଁ ମୋଗୁରୁ, ତୋ' ଗୁରୁ"** ବୋଲି ଲେଖିଥିଲେ । ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କ ଜ୍ଞାନ କଅଣ ଆଉ କେତେ ଶକ୍ତିବନ୍ତ ତାହା ଜ୍ଞାନାଭିଳାଷୀମାନଙ୍କୁ ମଧ୍ୟ ଆଜି ଜଣାପଡିଯାଇଛି । ଅନେକ ଜ୍ଞାନୀମାନେ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ଅତି ମହାନ, ଅଦ୍ଭୁତ ବୋଲି ପ୍ରଶଂସା କରୁଛନ୍ତି । ବୀରବ୍ରହ୍ମ ସ୍ୱୟଂ ମୋର ଗୁରୁ ବୋଲି କହିଥିବା ବ୍ୟକ୍ତି କେତେ ମହାନ ହୋଇପାରନ୍ତି ବୋଲି ଆମେମାନେ ମଧ୍ୟ ଆଲୋଚନା କରିବା ଦରକାର । ହେଲେ ପ୍ରବୋଧାନନ୍ଦ ଯୋଗୀଶ୍ୱର କେବଳ ଜ୍ଞାନ ବିଷୟକୁ ବାଦ ଦେଲେ ବାକି ଅନ୍ୟ ସମସ୍ତ ବିଷୟରେ ଜଣେ ସାଧାରଣ ମଣିଷ ଭଳି ରହିଥାନ୍ତି, ତାଙ୍କୁ ପାଖରେ ଦେଖିଲେ କଣ ଏଲୋକ ଜ୍ଞାନ ଜାଣିଛି ! ବୋଲି ଭାବନା ଆସିଲେ ମଧ୍ୟ, ବାସ୍ତବରେ କେହି ଜାଣିନଥିବା ମହାନ ପୁରୁଷ ହେଉଛନ୍ତି ସେ, ତାଙ୍କ ମହାନତା ତାଙ୍କ ଗ୍ରନ୍ଥଗୁଡିକରେ ଥିବା ଜ୍ଞାନ ହିଁ ପ୍ରମାଣିତ କରିଦେଖାଉଛି । ଗ୍ରନ୍ଥଗୁଡିକରେ ଯେଉଁ ମହାନ ଶକ୍ତି

ରହିଛି ତାହା ଆଜି ନିରୂପିତ ହେଉଛି । ଗୋଟିଏ ଗ୍ରନ୍ଥ ପାଖକୁ ଆସିଲେ କେତେକଙ୍କ ଠାରେ ପରିବର୍ତ୍ତନ ଦେଖାଯାଉଛି । କେତେକ ଗ୍ରନ୍ଥ ପଢିବା ପରେ ସେମାନଙ୍କ ପୁରୁଣା ରୋଗ ଦୂର ହୋଇଯାଉଛି ।

ଉପରକୁ ଦେଖାଯାଉ ନଥିବା ଶକ୍ତି ଯୋଗୀଶ୍ୱରଙ୍କ ଠାରେ ନିକ୍ଷିପ୍ତ ହୋଇ ରହିଛି, ତାହା ବାହାରକୁ ଦେଖା ନଗଲେ ମଧ୍ୟ, ତାଙ୍କ ପାଖକୁ ଯାଇଥିବା, ତାଙ୍କ ସାନ୍ନିଧ୍ୟ ଲାଭ କରିଥିବା ଲୋକମାନଙ୍କ ଦେହରୁ ଅନେକ ଦିନରୁ ଥିବା, ଔଷଧ ନଥିବା ଏଡ୍ସ, କ୍ୟାନ୍ସର୍, ଡେଙ୍ଗୁଜ୍ୱର ଭଳି ବଡବଡ ରୋଗମାନେ ଶାନ୍ତ ହୋଇ ଚାଲିଯାଇଛନ୍ତି । ଏଭଳି ଅନେକ ଘଟଣାରୁ ଯୋଗୀଶ୍ୱରଙ୍କ ଠାରେ କି ମହାନତା ରହିଛି ସହଜରେ ବୁଝିପାରନ୍ତି ।

ବୀରବ୍ରହ୍ମ ମହାଶୟ ତାଙ୍କ ଗ୍ରନ୍ଥରେ **"ଆନନ୍ଦ ଯୋଗୀଙ୍କୁ ନିନ୍ଦା କରୁଥିବା ଲୋକେ ନିଶ୍ଚୟ ନାନା ଦୁଃଖକଷ୍ଟ" ଭୋଗିବେ** ବୋଲି ଲେଖିଛନ୍ତି । ସେହିଭଳି ଆନନ୍ଦଗୁରୁ, ଆନନ୍ଦଯୋଗୀ ହୋଇଥିବା ଆନନ୍ଦ ଗୁରୁଙ୍କୁ, ତାଙ୍କ ମୁଖନିଶୃତ ବାଣୀକୁ, ତାଙ୍କ ଗ୍ରନ୍ଥକୁ ନିନ୍ଦା କରୁଥିବା କୌଣସି ଲୋକ ମଧ୍ୟ ଆଜି ସୁରକ୍ଷିତ ନାହିଁ । ଅଜଣା ରୋଗରେ, ବୁଝି ହେଉନଥିବା କଷ୍ଟରେ କିଛିଲୋକ ପଡିଥିବା ବେଳେ, କେତେକ ଚିତ୍ରହିଂସାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଛନ୍ତି । ଏଭଳି କାହିଁକି ହେଉଛି ଯେଉଁମାନେ ଜାଣି ପାରନ୍ତି ନାହିଁ ସେମାନେ ଯେଗୀଶ୍ୱରଙ୍କୁ, ତାଙ୍କ ଜ୍ଞାନକୁ ନିନ୍ଦା କରୁଛନ୍ତି, ନାନା ମାର୍ଗରେ ଅବରୋଧ ହେଉଛନ୍ତି । ହିନ୍ଦୁଧର୍ମରେ ଆଦିଶଙ୍କରାଚାର୍ଯ୍ୟ ଅଦ୍ୱୈତ ସିଦ୍ଧାନ୍ତ ପ୍ରତିପାଦନ କରିଥିଲେ, ତାପରେ କିଛିକାଳ ଉତ୍ତାରେ ରାମାନୁଜାଚାର୍ଯ୍ୟ ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତ ବାହାରକୁ ଆଣିଲେ । ତାପରେ ମଧ୍ୱାଚାର୍ଯ୍ୟଙ୍କ ଦ୍ୱୈତ ସିଦ୍ଧାନ୍ତ ଆସିଥିଲା, ଏମାନେ ଥିଲେ ଅଗ୍ରକୁଳର । ଗତ ୩୮ ବର୍ଷରୁ **ତ୍ରୈତ ସିଦ୍ଧାନ୍ତକୁ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ପ୍ରତିପାଦନ କରି, ସେହି ସିଦ୍ଧାନ୍ତକୁ ପ୍ରଚାର କରି ତ୍ରୈତ ସିଦ୍ଧାନ୍ତ ଅନୁସାରେ ଭଗବଦ୍ଗୀତାକୁ ବିବରଣାତ୍ମକ ଲେଖିଥିଲେ** । ହିନ୍ଦୁଧର୍ମର

ସିଦ୍ଧାନ୍ତ ବିବରଣୀ ଜଣାନଥିବା ଲୋକମାନେ, ଅଗ୍ରକୁଳର ଲୋକମାନେ ତ୍ରୈତ କ'ଣ ନଜାଣି ଏହା ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ, ଏହାକୁ ତ୍ରୈତ ସିଦ୍ଧାନ୍ତ କହି ଉପରେ ଭଗବଦ୍ଗୀତା ନାମରେ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିଛନ୍ତି, ଯୋଗୀଶ୍ୱରଙ୍କ ବାବଦରେ ନାନା ବିରୁଦ୍ଧ କଥା କହିଛନ୍ତି । ଗୋଟିଏ ଦିଗରେ ହିନ୍ଦୁତ୍ୱର ସର୍ବନାଶ କରୁଥାଇ, ଆମେ ହିନ୍ଦୁଧର୍ମକୁ ରକ୍ଷା କରୁଛୁ ବୋଲି ଅଭିନୟ କରୁଥାଇ ଯୋଗୀଶ୍ୱରଙ୍କ ଜ୍ଞାନମାର୍ଗରେ ନାନା ସନ୍ଦର୍ଭରେ ଅବରୋଧ ହୋଇଛନ୍ତି । ତିନିଗୋଟି ସ୍ଥାନରେ ଅସତ୍ୟ ପ୍ରଚାର କରୁଛନ୍ତି କହି ଭଗବଦ୍ଗୀତା ପ୍ରଚାର କରୁଥିବା ଯୋଗୀଶ୍ୱରଙ୍କ ଶିଷ୍ୟମାନଙ୍କ ଉପରେ କେସ୍ ମଧ୍ୟ କରିଛନ୍ତି । କେତେକ ସ୍ଥାନରେ ସିଧା ଆକ୍ରମଣ ମଧ୍ୟ କରିଛନ୍ତି; ତଥାପି ଯୋଗୀଶ୍ୱରଙ୍କ ଶିଷ୍ୟମାନେ ଧୈର୍ଯ୍ୟର ସହିତ ସେସବୁକୁ ସହି, ଜ୍ଞାନ ପ୍ରଚାର କରୁଛନ୍ତି । ଏଇ ମଧ୍ୟକାଳୀନ ସମୟରେ ନାଲ୍ଗୋଣ୍ଡା ଜିଲ୍ଲାର ଭୂବନଗିରିରେ ଦେବେନ୍ଦ୍ର ନାମକ ଆମ ସଂଘର ସଭ୍ୟ ଉପରେ ଅସତ୍ୟ ପ୍ରଚାର କରୁଛି ବୋଲି ଆରୋପଣ କରି କେସ୍ ଦେଇଥିଲେ । ତାଛଡା ଆମ ପ୍ରଚାରବାହାନ ଭୂବନଗିରିରେ ଥିବାବେଳେ ଆମ ଗାଆଁରେ ପ୍ରଚାର କରନାହିଁ କହି ଫେରାଇ ଦେଇଥିଲେ । କରିମ୍ ନଗରରେ କାନ୍ଥରେ ଆମ ଲୋକମାନେ ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ପାଠକରନ୍ତୁ ବୋଲି ଲେଖିଥିବା ବେଳେ, ଅଗ୍ରକୁଳର ଲୋକମାନେ ଆସି ଏହା ଖ୍ରୀଷ୍ଟଧର୍ମ ପ୍ରଚାର ହେଉଛି, କାନ୍ଥରୁ ଏହାକୁ ତୁରନ୍ତ ଲିଭାଅ ବୋଲି କହିଥିଲେ । ଦୁଇଦିନ ତଳେ ଅର୍ଲଗଡ୍ଡାରେ ଆମ ପ୍ରଚାରବାହାନ ଥିବାବେଳେ, ସେଠାକୁ ଜଣେ ଅଗ୍ରକୁଳର ଲୋକ ଆସି ଏସବୁ ଖ୍ରୀଷ୍ଟଧର୍ମ ପ୍ରଚାର, ଏହା ପ୍ରଚାର କରିବା ବନ୍ଦକର କହି ତୀବ୍ର କଳିଗୋଳ କରିବା ବେଳେ, ଠିକ୍ ସେହି ସମୟରେ ସେହି ଗାଆଁର ଦୁଇଜଣ ଆମ ଗ୍ରନ୍ଥପଢି ଜ୍ଞାନ ଜାଣିଥିବା ବ୍ୟକ୍ତି ଆସିବା ଦ୍ୱାରା ସେମାନଙ୍କୁ ଜ୍ଞାନକହିବା ପରେ ସେଠାରୁ ପଳାଇ ଯାଇଥିଲେ, ସେତେବେଳେ ସେଠାରେ ଥିବା ଲୋକମାନେ ଏହା ମହାନ ଜ୍ଞାନ, ଏତେଦିନ ପରେ ଏଭଳି ମହାନ ଜ୍ଞାନ ମିଳିବା ଆମର ସୌଭାଗ୍ୟ, ଆମେ

ବହୁତ ଖୁସିଥିବା ବେଳେ, ସମାଜର ସର୍ବନାଶ କରୁଥିବା ତମେମାନେ ଏହା ଜ୍ଞାନ ନୁହେଁ ବୋଲି କିପରି କହୁଛ ? ବୋଲି କହିଥିଲେ । ଏହିଭଳି ପ୍ରଜାମନେ ସେମାନଙ୍କୁ ସମ୍ମୁଖୀନ କରି କଥାକହିବା ବେଳ ଆସୁଛି, ସବୁଆଡେ ମଧ ଆସିବ, ସତକୁ ସମସ୍ତେ ଜାଣିବେ ।

ଗୌତମ ବୁଦ୍ଧ ଜ୍ଞାନ କହିଥିବା ସ୍ଥଳେ, ସେ ଅଗ୍ରକୁଳର ହୋଇନଥିବାରୁ, ତାଙ୍କୁ ଅନ୍ୟ ଧର୍ମର ବୋଲି ପ୍ରଚାର କରିଥିଲେ । ସେଦିନ ଗୌତମ କ'ଣ ହିନ୍ଦୁ ନଥିଲେ ! ସେମାନଙ୍କ ଆଧିପତ୍ୟ ବିସ୍ତାର ପାଇଁ ହିଁ ହିନ୍ଦୁଧର୍ମରୁ ବୁଦ୍ଧଙ୍କୁ ଅଲଗା କରିଦେଲେ । ଆଜି ବୌଦ୍ଧଧର୍ମ ବିଦେଶରେ ବ୍ୟପିଥିଲେହେଁ ଆମ ଦେଶରେ ନାହିଁ । ଏଭଳି କରିଛି କିଏ ? ସେହି ଅଗ୍ରକୁଳର ଲୋକମାନେ ! ଆଜି ବୁଦ୍ଧ ଆମରି ଲୋକ, ସେ କହିଥିବା ଜ୍ଞାନ ଆମରି ଧର୍ମର ବୋଲି କହି ନପାରିବା ପରିସ୍ଥିତି ଆସି ପହଞ୍ଚିଛି । ସେହିଭଳି ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁଧର୍ମର ନୁହେଁ ବୋଲି କହିବା, ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଭଗବଦ୍ଗୀତା ବୋଲି ନ କହିବା କଥାକୁ ଗୋଟିଏ ଦିଗରୁ ପ୍ରଜାମାନେ ଦେଖୁଛନ୍ତି । ପ୍ରବୋଧାନନ୍ଦ ଯୋଗୀଶ୍ୱର ଗତ ୪୦ବର୍ଷରୁ ବୋଧ କରିଥିବା ଜ୍ଞାନବାଣୀ ହିନ୍ଦୁଧର୍ମର ମହାନବାଣୀ ବୋଲି ଅନ୍ୟ ଧର୍ମର ଲୋକମାନେ ଆଜି ସ୍ୱୀକାର କରୁଛନ୍ତି । ନୀଚକୁଳ ବୋଲି ଅଗ୍ରକୁଳିଆଙ୍କ ଦ୍ୱାରା କଥିତ ହୋଇଥିବା ନୀଚକୁଳର ଲୋକମାନେ ହିନ୍ଦୁ (ଇନ୍ଦୁ) ଜ୍ଞାନ ଜାଣି ଚୈତନ୍ୟବନ୍ତ ହୋଇ ସେମାନଙ୍କୁ ଜ୍ଞାନ କହିବା ସ୍ଥିତିରେ ପହଞ୍ଚିଲେଣି । ନୀଚକୁଳର ଲୋକମାନଙ୍କ ଉପରେ ଆଧାରିତ ହୋଇ ବଞ୍ଚୁଥିବା ଅଗ୍ରକୁଳର ଲୋକମାନଙ୍କ ଉପରେ ଯଦି ଗୋଟିଏ ଥର ଅଙ୍ଗୁଳି ଉଠାନ୍ତି, ତୁମମାନଙ୍କ ସହିତ ଆମର ଆଉ ସମ୍ପର୍କ ନାହିଁ ବୋଲି କହନ୍ତି, ତେବେ କଣ ହେବ ତାହା ଆଉ କହିବା ଦରକାର ନାହିଁ । ଏଭଳି ପରିସ୍ଥିତି ନଆସୁ, ଆମ ଜ୍ଞାନର ଅବରୋଧ ହୁଅନ୍ତୁ ନାହିଁ ବୋଲି ସେମାନଙ୍କୁ ବାରମ୍ବାର ଜଣାଉଛୁ ।

ଇତି

**ପ୍ରବୋଧା ସେବାସମିତି**